R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୮୭
ତିଥି : ଏକାଦଶୀ
୩୧ ଡିସେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 87
31 December 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଉପକୂଳରେ ବଢ଼ିଲା ପାରଦ, ଆଭ୍ୟନ୍ତରୀଣରେ କମିବ ଜାଡ଼

ଭୁବନେଶ୍ୱର, ୩୦ ।୧୨ (ସବ୍ୟୁ): ରାଜ୍ୟରେ ଦୀର୍ଘଦିନ ଧରି ଶୀତ ରାଜୁତି କରୁଥିବା ବେଳେ ଏବେ ଲାଗିବ ବ୍ରେକ୍। ଉପକୂଳଠୁ ଆରମ୍ଭ କରି ଆଭ୍ୟନ୍ତରୀଣ ପର୍ଯ୍ୟନ୍ତ ସବୁଠି ରାତିର ତାପମାତ୍ରା ବଢ଼ିବ । ପଶ୍ଚିମାଝଡ଼ ପ୍ରଭାବରେ ଉତ୍ତରା ପବନ ଆଉ ବୋହିବନି । ଫଳରେ ଜାଡ଼ ବି ଗାଏବ ହୋଇଯିବ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ।



ଶ୍ରୀ ଦାଶ କହିଛନ୍ତି, ଆସନ୍ତା ଜାନୁଆରୀ ପହିଲାରୁ ଶୀତର ପ୍ରକୋପ କମିବ । ପଶ୍ଚିମାଝଡ଼ ପ୍ରଭାବ ବୃଦ୍ଧି ପାଇବା ସହିତ ପାଗ ମେଘୁଆ ରହିବ। ସମୁଦ୍ର ଆଡୁ ବାୟୁ ଆସିବା ଯୋଗୁ ରାତିର ତାପମାତ୍ରା ବୃଦ୍ଧି ପାଇବ । ମଙ୍ଗଳବାର ଠାରୁ ଉପକୂଳରେ ରାତିର ତାପମାତ୍ରା ବଢ଼ିଛି । ଆଭ୍ୟନ୍ତରୀଣରେ ବି ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି । ଜାନୁଆରୀ ପ୍ରଥମ ସପ୍ତାହରେ ଶୀତର ପ୍ରକୋପ ରହିବନି । ପଶ୍ଚିମାଝଡ଼ ପ୍ରଭାବ କମିବାର ପରେ ପୁଣି ଶୀତ ଫେରିବାର ସମ୍ଭାବନା ଅଛି ।

ସେପଟେ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆସନ୍ତାକଲି ଅର୍ଥାତ ୩୧ ତାରିଖରୁ ଉପକୂଳ ଜିଲ୍ଲା ଓ ସଂଲଗ୍ନ ଜିଲ୍ଲାରେ ଉତ୍ତରା ପବନ ଆସିବାରେ ବାଧାପ୍ରାପ୍ତ ହେବ । ଏହାସହ ପାଗ ମେଘୁଆ ରହିବ । ସାମୁଦ୍ରିକ ପବନ ବହିବ । ସର୍ବନିମ୍ନ ତାପମାତ୍ରା ଭୁବନେଶ୍ୱର, କଟକ, ପାରଦ୍ୱୀପ, ଭଦ୍ରକ, ଯାଜପୁର ଜିଲ୍ଲାରେ ଆସନ୍ତା ୩୧ ତାରିଖରୁ ଜାନୁଆରୀ ୫ ମଧ୍ୟରେ ପ୍ରାୟ ୫ ରୁ ୬ ଡିଗ୍ରୀ ସେଲସିୟସ ତାପମାତ୍ରା ବଢିପାରେ । ଭୁବନେଶ୍ୱର ତାପମାତ୍ରା ୧୮ ଡିଗ୍ରୀ ଯାଏଁ ପହଞ୍ଚିପାରେ । ଏଣୁ ଶୀତ କମିବ । ଉତ୍ତରା ଆଭ୍ୟନ୍ତରୀଣରେ ଜାନୁଆରୀ ୨ ରୁ ୬ ତାରିଖ ମଧ୍ୟରେ ପ୍ରାୟ ୪ ଡିଗ୍ରୀ ସେଲସିୟସ୍ (୯ ପୃଷ୍ଠାରେ)

## ଖଲିଦା ଜିଆଙ୍କ ପରଲୋକ




■ ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

■ ନାମାଙ୍କନ ଭରିବାର ଦିନକ ପରେ ମୃତ୍ୟୁ

ନୂଆଦିଲ୍ଲୀ, ୩୦।୧୨ : ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କର ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ମାସେ ହେବ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସେ ବାଂଲା ନ୍ୟାସନାଲିଷ୍ଟ ପାର୍ଟିର ମୁଖ୍ୟ ଥିଲେ। ଢାକାର ଏଭ୍ କେୟାର ହସ୍ପିଟାଲରେ ଚିକିତ୍ସା ହେଉଥିବା ସମୟରେ ପ୍ରାଣ ହାନୀ ଘଟିଛି । ଲିଭର ସିରୋସିସ୍‌ରୁ ଆରମ୍ଭ କରି ଅସ୍ଥି ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଗତ ନଭେମ୍ବର ୧୧ ତାରିଖରେ ତାଙ୍କୁ ପ୍ରଥମେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ବଗୁରା-୭ ନିର୍ବାଚନମଣ୍ଡଳୀରୁ ଖାଲିଦାଙ୍କ ନାମରେ ପ୍ରାର୍ଥିପତ୍ର ଦାଖଲ (୯ ପୃଷ୍ଠାରେ)

## ନୀତି ଆୟୋଗରେ ଅର୍ଥନୀତିଜ୍ଞଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୦ ।୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନରେ ନୀତି ଆୟୋଗର ପ୍ରଖ୍ୟାତ ଅର୍ଥନୀତିଜ୍ଞ ଏବଂ ଏକ ବିଶେଷଜ୍ଞ ଦଳଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନାର ବିଷୟବସ୍ତୁ ଥିଲା 'ଆତ୍ମନିର୍ଭରତା ଏବଂ ଗଠନାତ୍ମକ ପରିବର୍ତ୍ତନ ବିକଶିତ ଭାରତ ପାଇଁ ଏଜେଣ୍ଡା'।



ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ୨୦୪୭ ମସିହା ଦିଗରେ ଭାରତର ଯାତ୍ରା ପାଇଁ ମୂଳ ଆଧାରସ୍ତମ୍ଭଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ବିକଶିତ ଭାରତକୁ ଏକ ଜାତୀୟ ଆକାଂକ୍ଷା ଭାବରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ନିର୍ମାଣର ଦୃଷ୍ଟିକୋଣ ସରକାରୀ ନୀତିର ସୀମାକୁ ଅତିକ୍ରମ କରି ଏକ ପ୍ରକୃତ ଜନ ଆକାଂକ୍ଷାରେ ପରିଣତ ହୋଇଛି। ଏହି ପରିବର୍ତ୍ତନ ଶିକ୍ଷା, ଉପଭୋକ୍ତାଙ୍କ ବ୍ୟବହାର ଏବଂ ବିଶ୍ୱସ୍ତରୀୟ ଗତିଶୀଳତାର ବିକଶିତ ଢାଞ୍ଚାରେ ଦୃଶ୍ୟମାନ । ଏହା ଏକ ବର୍ଦ୍ଧିତ ଆକାଂକ୍ଷୀ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ ଗତିଶୀଳ ଢାଞ୍ଚାଗତ ପରିକଳ୍ପନା ଏବଂ ସକ୍ରିୟ ଭିତ୍ତିଭୂମି ଯୋଜନା ଆବଶ୍ୟକ କରୁଛି।

ପ୍ରଧାନମନ୍ତ୍ରୀ ବିଶ୍ୱ ଦକ୍ଷତା ନିର୍ମାଣ ଏବଂ ବିଶ୍ୱ ଏକତ୍ରୀକରଣ ହାସଲ କରିବା ପାଇଁ ମିଶନ-ମୋଡ୍ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୀର୍ଘକାଳୀନ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ, ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ମିଶନ-ମୋଡ୍ ସଂସ୍କାର ପାଇଁ ଆହ୍ୱାନ କରିଥିଲେ। ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, ଭାରତର ନୀତିନିର୍ଦ୍ଧାରଣ ଏବଂ ୨୦୪୭ ବଜେଟ୍ ପ୍ରସ୍ତୁତି ପାଇଁ ଦୃଷ୍ଟିକୋଣ ସହିତ ଅତୁଟ ଭାବେ ଜଡିତ ରହିବା ଆବଶ୍ୟକ । ଦେଶ ବିଶ୍ୱସ୍ତରୀୟ ଶ୍ରମଶକ୍ତି ଏବଂ ଅନ୍ତର୍ଜାତୀୟ ବଜାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇ ରହିବା ସୁନିଶ୍ଚିତ କରିବାର ଆବଶ୍ୟକତା ବିଷୟରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ।ଆଲୋଚନା ସମୟରେ, (୯ ପୃଷ୍ଠାରେ)

## ୧୧ ବିଭାଗରେ ନିଯୁକ୍ତି ପାଇଲେ ୧୫୪୩

# ଜନସାଧାରଣଙ୍କ ପ୍ରତି କର୍ତ୍ତବ୍ୟ, ଦାୟିତ୍ୱ ଭୁଲନ୍ତୁ ନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦ ।୧୨ (ସବ୍ୟୁ) : ଆମର ଏକ ବିକଶିତ ରାଷ୍ଟ୍ର ଓ ବିକଶିତ ରାଜ୍ୟ ଗଠନର ସଂକଳ୍ପକୁ ସାକାର କରିବାରେ ଏହି ନିଯୁକ୍ତି ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ଆମ ସରକାର ଯୁବଶକ୍ତିଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ କ୍ରମାଗତ ଭାବେ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୧୪ତମ ନିଯୁକ୍ତିମେଳା କାର୍ଯ୍ୟକ୍ରମ ଅବସରରେ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି କହିଛନ୍ତି ।



ସୂଚନାଯୋଗ୍ୟ ଯେ, ଆଜି ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ନିଯୁକ୍ତି ମେଳା ଅବସରରେ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡା ପ୍ରଶିକ୍ଷକ, ୭୪ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତିକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡିଶା ପ୍ରଶାସନିକ (୯ ପୃଷ୍ଠାରେ)

**୧୮ ମାସରେ ୩୯, ୪୫୯ ସରକାରୀ ନିଯୁକ୍ତି**

## ବାଂଲାଦେଶରେ ଆଉ ଏକ ହିନ୍ଦୁଙ୍କୁ ହତ୍ୟା

ନୂଆଦିଲୀ, ୩୦।୧୨ : ବାଂଲାଦେଶରେ ହିଂସା ଥମିବାର ନାଁ ଧରୁନି । ତେବେ ସେଠାରେ ରହୁଥିବା ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି । ପୁଣି ଏକ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି । ତା'ର ନାମ ହେଉଛି ବଜେନ୍ଦ୍ର ବିଶ୍ୱାସ। ଗତ ୧୦ ଦିନ ମଧ୍ୟରେ ବାଂଲାଦେଶ ମଧ୍ୟରେ ୩ ହିନ୍ଦୁଙ୍କୁ ହତ୍ୟା କରାଗଲାଣି । ବଜେନ୍ଦ୍ରଙ୍କୁ ତାଙ୍କ ସହକର୍ମୀ ଗୁଳି କରି ହତ୍ୟା କରିଛନ୍ତି । ଘଟଣାଟି ସୋମବାର ଘଟିଥିଲେ ସୁଦ୍ଧା ପୋଲିସ ବିଳମ୍ବିତ ରାତିରେ ଏହି ସୂଚନା ପାଇଥିଲା । ଉଭୟ ଭାଲୁକା ଉପଜିଲ୍ଲାର ଲାବିବ୍ ଗ୍ରୁପ୍ ପୋଷାକ କାରଖାନାରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲା । ଗୁଳି କରିଥିବା ସହକର୍ମୀ ନୋମାନକୁ ଗିରଫ କରିଛି । ପୋଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ବଜେନ୍ଦ୍ର ଏବଂ ନୋମାନ ସୁରକ୍ଷା କର୍ମୀ ଭାବେ ନିଯୁକ୍ତ ହୋଇଥିଲେ । କାରଖାନା ଭିତରେ ଥିବା ଅନ୍‌ସାର ବାରାକ୍‌ରେ ରହୁଥିଲେ । କଥାବାର୍ତ୍ତା କରୁଥିଲା ବେଳେ ହଠାତ୍ ନୋମେନ୍ ବଜେନ୍ଦ୍ରଙ୍କ ଆଡ଼କୁ ବନ୍ଧୁକ ଦେଖାଇଲା ବୋଲି କୁହାଯାଉଛି । ସେମାନେ ମଜା କରୁଥିଲେ, ହଠାତ୍ ଟ୍ରିଗର ଚିପି ହୋଇଯିବାରୁ ଗୁଳି ଚଳିଥିଲା ।

### ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତି, ପରିଚାଳନା ଆଇନ ସଂଶୋଧନ ନେଇ ଆଲୋଚନା

## ବିଶୃଙ୍ଖଳାକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩୦ ।୧୨ (ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ହଜାର ହଜାର ଏକର ଜମି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥିତ ଢଙ୍ଗରେ ପଡ଼ିରହିଛ । ସଠିକ୍ ପରିଚାଳନା ଅଭାବରୁ ଅନେକ ଜମି ଜବରଦଖଲରେ ରହିଛି । ଫଳରେ ଏଥିରୁ ଶ୍ରୀମନ୍ଦିରର କିଛି ଆୟ ହେଉନାହିଁ । ଶୃଙ୍ଖଳିତ ନୀତିକାନ୍ତି, ସେବାପୂଜା ଓ ପରିଚାଳନା ଥିବା ଶ୍ରୀମନ୍ଦିର ଆଇନରେ ସଂଶୋଧନ ଆବଶ୍ୟକ ରହିଛି । ବହୁ ପୁରାତନ ଆଇନରେ ଆବଶ୍ୟକୀୟ ସଂଶୋଧନ କରି ବିଭିନ୍ନ ସବକମିଟି ଗଠନ ସହ ଶୃଙ୍ଖଳିତ ରୀତିନୀତି, ବିଶୃଙ୍ଖଳ ଆଚରଣକୁ ରୋକିବା ଏବଂ ନିଷେଧ ବସ୍ତୁ ଶ୍ରୀମନ୍ଦିର ଭିତରକୁ ବାରଣ ନେଇ ଆଇନରେ ସଂସ୍କାର ଅଣାଯିବା ସହ ଦଣ୍ଡବିଧାନ ବ୍ୟବସ୍ଥା ନେଇ ଗୁରୁତ୍ୱ ଦିଆଯାଇଛି ।

ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ (ମଙ୍ଗଳବାର) ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିର ସଠିକ୍ ବନ୍ଦୋବସ୍ତ, ଦୀର୍ଘଦିନ ହେବ ସ୍ଥାୟୀ ଭାବେ ବସବାସ କରୁଥିବା ଦଇତାପତି, ନିଯୋଗ, ସେବାୟତ ଓ ମଠଗୁଡ଼ିକୁ ଜମି ପ୍ରଦାନ ନେଇ ଥିବା ନୀତିରେ ସଂଶୋଧନ କରାଯିବା ଉପରେ ଆଲୋଚନା (୯ ପୃଷ୍ଠାରେ)

## ନୂଆବର୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବାକୁ କାର୍ଯ୍ୟାଳୟ ନ ଆସିବାକୁ ଅନୁରୋଧ

ଭୁବନେଶ୍ୱର, ୩୦ ।୧୨ (ସବ୍ୟୁ) : ମୋହନ ଚରଣ ମାଝୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟଦିବସ ଭାବେ ଚାଲିବ। ତେବେ, ମୁଖ୍ୟମନ୍ତ୍ରୀଙ୍କୁ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ କେହି ବ୍ୟକ୍ତିଗତ ଭାବେ ନ ଆସିବାକୁ ଅନୁରୋଧ।

ଏହି ଦିନ ସରକାରୀ କାର୍ଯ୍ୟଦିବସ ରହୁ ଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ପରାମର୍ଶ ଦିଆଯାଇଛି । କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଉଛି । ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୨୦୨୫ରେ ବିଜେଡି

# ମେଳି, ବୟାନବାଜିର ବର୍ଷ

**ଶାରଦା ଦେବତା**

ଭୁବନେଶ୍ୱର, ୩୦।୧୨ : ନିରଙ୍କୁଶ ଭାବେ ଦୀର୍ଘ ୨୪ ବର୍ଷ କ୍ଷମତାରେ ରହିବା ପରେ ଏବେ ବିଜେଡି କ୍ଷମତାଚ୍ୟୁତ ହୋଇଛି। କ୍ଷମତା ଚ୍ୟୁତହେ୍ୱାର ୧୮ ମାସ ମଧ୍ୟରେ ଦଳରେ ଏକ ପରସ୍ପର ପ୍ରତି ବିଶ୍ୱାସ ଓ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି । ୧୦୨୫ରେ ବିଜେଡିରେ ବୟାନବାଜି ମେଳି, ଓ ଭୋଜି ବଢ଼ିଛି । ଯାହା ଦଳରେ ଶୃଙ୍ଖଳା ନଥିବା ଦିଗକୁ ଅଙ୍ଗୁଳି ଦେଖାଉଛି ।



୨୦୨୪ ନିର୍ବାଚନରେ ହାରିବା ପରେ ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହୋଇଥିଲା। ବିରୋଧୀ ଦଳ ହିସାବରେ ଦାୟିତ୍ୱ ନିର୍ବାହ ପାଇଁ ଦଳୀୟ ନେତୃତ୍ୱ ସଜବାଜ ହେଉଥିଲେ। ଦଳ ମଧ୍ୟ ବିରୋଧୀ ଦଳ ଭୂମିକା ନିର୍ବାହ କରିବାକୁ ଠିକଣା ରାସ୍ତାରେ ଯିବା ଲାଗି ଉଦ୍ୟମ କରିଥିଲା । ହଠାତ୍ ୨୦୨୫ରେ ଦଳୀୟ ନେତୃତ୍ୱ ପ୍ରସଙ୍ଗ ଓ ନବୀନଙ୍କ ଉତ୍ତରାଧିକାରୀକୁ ନେଇ ଏକ ଧାରଣା ସୃଷ୍ଟି ହେଲା ଓ ଯାହା ଦଳ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି କଲା । ପ୍ରଥମେ କିଛି ପୂର୍ବତନ ଯୁବ ବିଧାୟକ ଏକାଠି ହୋଇଥିଲେ। ଯେଉଁମାନେ ଏକାଠି ହୋଇଥିଲେ ସେମାନଙ୍କ ପିତା ତତ୍କାଳୀନ ଜନତା ଦଳ ଓ ଏବେକାର ବିଜୁ ଜନତା ଦଳର ଅଗ୍ରଭାଗରେ ନେତୃତ୍ୱ ନେଉଥିଲେ। ଏହାପରେ ଦଳର କିଛି ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ଭୋଜିଭାତ କରି ଏକାଠି ହେଲେ । ଏଭଳି ମେଳିକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନାପସନ୍ଦ କରିବା ସହ ଦଳୀୟ ନେତାମାନେ ଶଂଖ ଭବନରେ ବସି ଆଲୋନା କରିବାକୁ ପରାମର୍ଶ ଦେଇଥିଲେ । ତେବେ ବିବାଦୀୟ ବୟାନ ଲାଗି ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦଳରୁ ନିଲମ୍ବନ କରାଗଲା । କିଛିନଦିନ ଧରି ମେଳି ରାଜନୀତିରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ତେବେ ବର୍ଷ ପୁରାଣି ହେବାର କିଛିଦିନ ପୂର୍ବରୁ ଏହା ଜୋର୍ ଧରିଲା । କିଛି ପୂର୍ବତନ ବିଧାୟକ ଚନ୍ଦକା ପାଖରେ ଏକ ସ୍ଥାନରେ ଏକାଠି ହୋଇଥିଲେ। ସେମାନେ ଏହାକୁ ବନ୍ଧୁ ମିଳନର ନାମ ଦେଇଥିଲେ । ଆଉ କିଛି ବରିଷ୍ଠ ନେତା ମଧ୍ୟ ଭୁବନେଶ୍ୱର ଏକାମ୍ରରେ ଏକାଠି ହୋଇଥିଲେ । ନିକଟରେ କଟକ ତେଲେଙ୍ଗାପେଣ୍ଠର ଏକ ଫାର୍ମହାଉସ୍‌ରେ କିଛି ଦଳୀୟ ନେତା ମଧ୍ୟ ଏକାଠି ହୋଇଥିଲେ । ଏହାକୁ ବନ୍ଧୁ ମିଳନ ବୋଲି ବ୍ୟାଖ୍ୟା କରିଥିଲେ। ତେବେ ଏସବୁ ପ୍ରସଙ୍ଗ ଉପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିରବ ଅଛନ୍ତି। ପ୍ରତିଷ୍ଠା ଦିବସ ଅବସରରେ ମଧ୍ୟ କିଛି ନେତାଙ୍କର ବୟାନବାଜି ଦେଖିବାକୁ ମିଳିଥିଲା । ଦିନକୁ ଦିନ ନେତାଙ୍କର ବୟାନ ବାଜି ବଢ଼ିବାରେ ଲାଗି । ଦଳରେ ଏକ ଗୋଷ୍ଠୀକୁ ଅନ୍ୟ ଏକ ଗୋଷ୍ଠୀ ସହ୍ୟ କରିବା ସ୍ଥିତିରେ ନାହାନ୍ତି । ଅବଶ୍ୟ ରାଜନୈତିକ ଗୋଟି ଚାଳନାରେ ସବୁବେଳେ (୯ ପୃଷ୍ଠାରେ)

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ସୂଚୀ ପରିବର୍ତ୍ତନ

ନୂଆଦିଲ୍ଲୀ, ୩୦।୧୨ (ସବ୍ୟୁ) : ସିବିଏସ୍‌ଇର ଦଶମ ଓ ଦ୍ୱାଦଶ ପରୀକ୍ଷାର ସୂଚୀ ପ୍ରଦାନ କରାଯାଇଛି । ପୂର୍ବରୁ ଏହା ମାର୍ଚ୍ଚ ୩ ତାରିଖରୁ ହେବ ବୋଲି ସ୍ଥିର ହୋଇଥିଲା । ତେବେ ଏହି ସୂଚୀରେ ପରିବର୍ତ୍ତନ କରାଯାଇଛି । ଦଶମ ପରୀକ୍ଷା ମାର୍ଚ୍ଚ ୩ ପରିବର୍ତ୍ତେ ମାର୍ଚ୍ଚ ୧୧ରେ ହେବ। ସେହିଭଳି ଦ୍ୱାଦଶ ପରୀକ୍ଷା ଏପ୍ରିଲ ୧୦ରୁ ଆରମ୍ଭ ହେବ । ସିବିଏସ୍ ପକ୍ଷରୁ କୁହାଯାଇଛି ଲିଗାଲ୍ ଷ୍ଟଡିଜ୍ ପରୀକ୍ଷାକୁ ୧୦ରୁ ଆରମ୍ଭ କରାଯିବ । ସେହିଭଳି ଦଶମ ଶ୍ରେଣୀର ଭାଷା ପରୀକ୍ଷା ଗୁଡ଼ିକ ଆଗୁଆ କରାଯିବ । ଦଶମ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷା ଡାଟା ସିଟ୍‌ରେ ରହିବ ଓ ଆଡ୍‌ମିଟ କାର୍ଡ଼ରେ ରହିବ। ବୋର୍ଡ଼ ପକ୍ଷରୁ ସ୍କୁଲକୁ ଏହି ସୂଚନା ଦିଆଯାଇଛି। ସ୍କୁଲଗୁଡ଼ିକୁ କୁହାଯାଇଛି ଯେ ଛାତ୍ର ଓ ଅଭିଭାବକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରି ଆଗୁଆ ତାରିଖ ଜଣାଇ ଦିଅନ୍ତୁ। ଫଳରେ ସେମାନେ ପ୍ରସ୍ତୁତ ହୋଇପାରିବ ।

## ୪କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୩୦ ।୧୨ (ସବ୍ୟୁ) : ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ କଷ୍ଟମ୍ସ ବିଭାଗ ୪କୋଟି ଟଙ୍କାର ମାରିଜୁଆନା ଜବତ କରିଛି । ଚାଲାଣକାରୀ ବିମାନ ଯାତ୍ରୀକୁ ତଦନ୍ତକାରୀ ଟିମ୍ ଅଟକ ରଖି ପଚରାଉଚରା କରିଛି ।

ଇଣ୍ଡିଗୋ ବିମାନରେ ଜଣେ ଯାତ୍ରୀ ବ୍ୟାଙ୍କକଙ୍ଗ୍‌ରୁ ୪ କେଜି ଓଜନର ମାରିଜୁଆନା ଧରି ବିମାନବନ୍ଦରରେ ଓହ୍ଲାଇଥିଲା । ଗୁଇନ୍ଦା ସୂଚନା ଆଧାରରେ କଷ୍ଟମ୍ସ ଅଫିସରମାନେ ସେଠାରେ ଜଗି ରହିଥିଲେ । ଯାତ୍ରୀଙ୍କ ଲଗେଜ ସବୁ ମେସିନରେ ଯାଞ୍ଚ କରିବା ବେଳେ କିଛି ଜଣାପଡିଲା ନାହିଁ ।

ଉପାୟଶୂନ୍ୟ ହୋଇ କଷ୍ଟମ୍ସ ଅଫିସରମାନେ ଯାତ୍ରୀଙ୍କ ଲଗେଜକୁ ଗୋଟି ଗୋଟି କରି ଯାଞ୍ଚ କରିବା ବେଳକୁ ଅଟକ ଥିବା ଯାତ୍ରୀର ବ୍ୟାଗ୍‌ରୁ ୪କେଜି ଓଜନର ମାରିଜୁଆନା ମିଳିଥିଲା । ମାରିଜୁଆନାକୁ ଜବତ କରାଯିବା ସହ ସେହି ଚାଲାଣକାରୀ ଯାତ୍ରୀକୁ ଅଟକ ରଖି କଷ୍ଟମ୍ସ ଅଫିସରମାନେ ପଚରାଉଚରା କରୁଛନ୍ତି । ଅଟକ ଯାତ୍ରୀ ବିମାନରେ ମାରିଜୁଆନା ଆଣି ସ୍ଥଳପଥରେ କେରଳ ଅଭିମୁଖେ ଯାଇଥାନ୍ତା ବୋଲି କୁହାଯାଉଛି ।

କେବଳ ଏଥର ନୁହେଁ, ପୂର୍ବରୁ ତିନିଥର କୋଟି କୋଟି ଟଙ୍କାର ମାରିଜୁଆନା କଷ୍ଟମ୍ସ ବିଭାଗ ଜବତ କରିଛି । ଅନ୍ୟ ବିମାନବନ୍ଦରରୁ ସେମାନେ ମେସିନ ଯାଞ୍ଚରୁ ମୁକୁଳି ଆସୁଥିବା ବେଳେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଗୁଇନ୍ଦା ଖବର ପାଇବାରୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ କଡାକଡି ଯାଞ୍ଚ କରାଯାଇ ମାରିଜୁଆନା ଚାଲାଣକାରୀକୁ ଧରାଯାଉଛି । ଚାଲାଣକାରୀ କେରଳ ନା ଆଉ କେଉଁଠିକୁ ନୂଆବର୍ଷ ଉପଲକ୍ଷେ ମାରିଜୁଆନା ଚାଲାଣ କରିଥାନ୍ତା ତାହା ଅଧିକ ପଚରାଉଚରା ହେଲେ ଜଣାପଡିବ ବୋଲି ସୂଚନା ମିଳିଛି ।

# କୃତ୍ରିମ ବିବାହ



ଜାପାନର ଜଣେ ୩୨ବର୍ଷୀୟ ମହିଳା ଗତ ବର୍ଷରେ ଖୁବ ଚର୍ଚ୍ଚାରେ ଥିଲେ । ସେ ଚାଟଜିପିଟିକୁ ବ୍ୟବହାର କରି ନିଜ ଏଆଇ ପାର୍ଟନର କ୍ଲାଉସକୁ ବିବାହ କରିଛନ୍ତି । ମହିଳାଙ୍କ ମତରେ ତାଙ୍କର ଯେତେବେଳେ ବ୍ରେକଅପ ହୋଇଥିଲା ସେତେବେଳେ ଏହି ଚାଟ୍ ଜିପିଟି ତାଙ୍କୁ ଖୁବ ଭଲଭାବେ ବୁଝିଥିଲା । ଯାହାଫଳରେ ତାଙ୍କୁ ଚାଟ ଜିପିଟି ସହ ଭଲପାଇବା ହୋଇଯାଇଥିଲା ଏବଂ ସେ ତାକୁ ପାରମ୍ପରିକ ପ୍ରକ୍ରିୟାରେ ବିବାହ କରିଥିଲେ । ଏହି ସମୟରେ ଯୁବତୀ ଜଣଙ୍କ ଆନିମେଟେଡ ଚଷମା ପିନ୍ଧିବା ସହିତ କ୍ଲାଉସର ଭର୍ଚୁଆଲ ଭର୍ସନକୁ ମୁଦି ମଧ ପିନ୍ଧାଇଥିଲେ ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା ।

# ବିଲେଇ ଦଳାଚକଟା !



୨୦୨୫ରେ ଦେଖିବାକୁ ମିଳିଥିଲା ଏକ ଅଜବ ଘଟଣା ଯାହା ଖୁବ ଭାଇରାଲ ହୋଇଥିଲା । ଦକ୍ଷିଣ ଚୀନରେ ଗୁଆଁଗଡୋଙ୍ଗ ପ୍ରାନ୍ତରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ବିଲେଇଙ୍କ ଭିତରେ ଦଳାଚକଟା ହୋଇଥିବାର ଦେଖିବାକୁ ମିଳିଥିଲା । ସୂଚନା ଅନୁସାରେ ବୌଦ୍ଧ ଧର୍ମର ଜୀବନ ମୁକ୍ତି ପ୍ରଥା ଅଧିନରେ ୧୧ଶହରୁ ଅଧିକ ବିଲେଇଙ୍କୁ ଏକ ଜଳାଶୟ ନିକଟରେ ହଠାତ୍ ଛଡା ଯାଇଥିଲା । ତେବେ ବିଲେଇମାନେ ଯନ୍ତାରୁ ବାହାରିବା କ୍ଷଣି ଡରରେ ଆଡେସାଡେ ଦଉଡିବାକୁ ଲାଗିଲେ । ଯାହାଫଳରେ ଅନେକ ବିଲେଇ ପାଣିରେ ବୁଡିଯାଇଥିବାବେଳେ କିଛି ଦଳଚକଟାରେ ମରିଯାଇଥିଲେ । ଲୋକଙ୍କ ଭିତରେ ଏକ ବିଶ୍ୱାସ ଥିଲା କି ସମ୍ପୃକ୍ତଦିନ ବନ୍ଦୀ ଜୀବଙ୍କୁ ମୁକ୍ତି କରିଲେ ପୂଣ୍ୟ ମିଳିବ । ତେବେ ଏହି ଘଟଣାରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।



# ଗଧ କ୍ଷୀରରେ ସାବୁନ

ଦୁବାଇ ଓ ସଂଯୁକ୍ତରାଷ୍ଟ୍ର ଅରବ ଏମିରାଟରେ ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର କ୍ରେଜ ଦେଖିବାକୁ ମିଳିଥିଲା । ଧୀରେଧୀରେ ଜୋର୍ଡାନ ଓ ମିଶ୍ର ଦେଶରେ ମଧ ଏହାର କ୍ରେଜ ବଢିବାରେ ଲାଗିଛି । ରିପୋର୍ଟ ଅନୁସାରେ ଗଧ କ୍ଷୀରରେ ଭିଟାମିନ ଏ,ବି, ସି ଓ ଇ ସହିତ ମ୍ୟାଗ୍ନେସିମ ଓ ଜିଙ୍କ ମଧ ରହିଛି । ଏହି କ୍ଷୀର ପ୍ରୋଟିନ, ଖଣିଜ ଓ ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର ହୋଇ ରହିଛି । ଏହା ଆମ ସ୍କିନକୁ ହାଇଡ୍ରେଟ ରଖିବା ସହିତ ରିଙ୍କଲକୁ କମ ରଖିଥାଏ । ଆମ ସ୍କିନକୁ ଉଜ୍ଜଳ କରିବାରେ ସାହାଯ୍ୟ କରିଥାଏ । ସେହିଭଳି ଏହା ଖରାରୁ ଚର୍ମକୁ ହେଉଥିବା କ୍ଷତିରୁ ମଧ ରକ୍ଷା କରିଥାଏ । କିମ୍ବଦନ୍ତୀରେ ମଧ ଏହି ସାବୁନର ବ୍ୟବହାରର ପ୍ରମାଣ ରହିଛି । ଆଗକାଳରେ ବିଭିନ୍ନ ମହାରାଣୀମାନେ ଗଧ ଖୀରକୁ ପ୍ରସାଧାନ ସାମଗ୍ରୀରେ ବ୍ୟବହାର କରୁଥିଲେ ।

ବସ୍‌ଙ୍କ ଜୋକ୍ ଶୁଣି ପୂରା ଟିମ୍ ହସିବାରେ ଲାଗିଲେ, କିନ୍ତୁ ପପୁ ହସିଲାନି ।
ବସ୍: ପପୁ, ମୋ ଜୋକ୍ ବୁଝିପାରିଲନି କି ?
ପପୁ: ବୁଝିଲି ସାର୍, ହେଲେ ମୋର ଅନ୍ୟ କମ୍ପାନୀରେ ସିଲେକ୍‌ସନ୍ ହୋଇଯାଇଛି... ।
ହାହାଃ.. ହାହାଃ..

ବର୍ଷ ୨୦୨୫ ଥିଲା ବେଶ୍ ଘଟଣାବହୁଳ । ସୋସିଆଲ ମିଡିଆଠାରୁ ଆରମ୍ଭ କରି ଗଣମାଧ୍ୟମ ସବୁସ୍ଥାନରେ ଏଭଳି ଅନେକ ଖବର ରହିଥିଲା ଯାହା ବେଶ୍ କିଛିଦିନ ଚର୍ଚ୍ଚା ସାଉଁଟିଥିଲା । କେଉଁଠି ଅଭିନେତ୍ରୀ ବିବାଦରେ ଫସିଥିବାବେଳେ କେଉଁଠି ସୋସିଆଲ ମିଡିଆରେ କମ୍ପାନୀମାନେ କ୍ଷମା ମାଗୁଥିବାର ଦେଖିବାକୁ ମିଳିଥିଲା । ସେହିଭଳି ପର୍ଯ୍ୟଟକଙ୍କୁ ତରଳ ଗ୍ଲେସିଅର ଡରାଉଥିବାବେଳେ ଆଉ କେଉଁଠି ବିଲେଇଙ୍କ ଭିତରେ ହୋଇଥିଲା ଦଳାଚକଟା । ଏହିଭଳି ବିଭିନ୍ନ ଘଟଣାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

# ଇତି-୨୫

# ବିବାଦରେ ମାଧୁରୀ



୨୦୨୫ ଯେପରି ଧକ୍‌ଧକ୍ ଗର୍ଲ ମାଧୁରୀଙ୍କ ପାଇଁ ଭଲ ନଥିଲା । ଏହି ବର୍ଷ ବିବାଦରେ ଫସିଥିଲେ ମାଧୁରୀ । କାନାଡାର ଟୋରଣ୍ଟୋରେ ଆୟୋଜିତ ଶୋ କୁ ନେଇ ବିବାଦ ହୋଇଥିଲା । ଶୋରେ ମାଧୁରୀ ବିଳମ୍ବରେ ପହଞ୍ଚିଥିବାନେଇ ଅଭିଯୋଗ ହେବାପରେ ବିବାଦ ବଢିଥିଲା । ଏହାକୁ ନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହୋଇଥିଲା । ଇଭେଣ୍ଟକୁ ନେଇ ଦର୍ଶକଙ୍କୁ ମିସଲିଡ କରାଯାଇଥଲା । ଏହି ଇଭେଣ୍ଟକୁ କନର୍ସଟ ଭଳି ବିଜ୍ଞାପନ କରାଯାଇଥିଲେ ବି ଏହା ଏକ ଟକ୍‌ଶୋ ଥିଲା । ଯାହାକୁ ନେଇ ସେଠାରେ ଉପସ୍ଥିତ ଥିବା ଦର୍ଶକ ନିଜର ଅସନ୍ତୋଷ ଜାହିର କରିଥିଲେ । ହେଲେ ଆୟୋଜକ ଜାରି କରିଥିବା ଷ୍ଟେଟମେଣ୍ଟରେ ଭୁଲ ମାଧୁରୀଙ୍କ ଟିମ୍‌କୁ ଦେଇଥିଲେ । ସେମାନ ଭୁଲ ସମୟ ଦେଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଆୟୋଜକ ମନ୍ତବ୍ୟ ଦେଇଥିଲେ ।

# ଡରାଉଛି ତରଳ ବରଫ

ଜଳବାୟୁ ପରିବର୍ତ୍ତନ ଆଜିକାଲି ଏକ ବଡ ସମସ୍ୟା ଭାବେ ସମସ୍ତଙ୍କ ପାଇଁ ଉଭା ହୋଇଛି । ଏହା ପୃଥିବୀର ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରୁଛି । ଜଳବାୟୁ ପରିବର୍ତ୍ତନ କାରଣରୁ ସଠିକ୍ ସମୟରେ ସଠିକ୍ ଋତୁ ଆସୁନାହିଁ । ଯେଉଁ କାରଣରୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ମଧ ଏହାର ପ୍ରଭାବରୁ ବର୍ଞ୍ଚି ନାହିଁ । ଜଳବାୟୁ ପରିବର୍ତ୍ତନ କାରଣରୁ ଗ୍ଲେସିଅର ତରଳିବାରେ ଲାଗିଛି । ଯାହାଫଳରେ ବିଶ୍ୱର ସବୁଠାରୁ ଉଚ୍ଚରେ ଥିବା ଚକଲତ୍ୟ ସ୍କି ରିଜର୍ଟ ବା ବରଫ ରିଜର୍ଟ ନଷ୍ଟ ହେବାରେ ଲାଗିଛି । ବରଫ ତରଳିବା କାରଣରୁ ଏଠାକୁ ପର୍ଯ୍ୟଟକ ଆସିବା ବନ୍ଦ ହୋଇଯାଇଛନ୍ତି । ଏହି ରିଜର୍ଟଟି ମାଉଣ୍ଟ ଏଭେରେଷ୍ଟର ସବୁଠାରୁ ଉଚ୍ଚତମ ଶୃଙ୍ଗରେ ରହିଛି । ଯାହାର ନାଁ ଗିନିଜ୍ ରେକର୍ଡରେ ମଧ ସ୍ଥାନ ପାଇଛି । କିଛି ବର୍ଷ ପୂର୍ବରୁ ଏଠାକୁ ହଜାରହଜାର ପର୍ଯ୍ୟଟକ ଆସୁଥିଲେ । ପର୍ଯ୍ୟଟକ ମାନେ ଏଠାରେ ରହିବା ସହିତ ସ୍କେଟିଙ୍ଗର ମଜା ନେଉଥିଲେ । ତେବେ ବିଶ୍ୱତାପମାନ ବା ଜଳବାୟୁରେ ପରିବର୍ତ୍ତନ କାରଣରୁ ୨୦୨୫ରେ ଦେଖିବାକୁ ମିଳିଥିଲା ଏହି ବରଫ ତରଳିବାରେ ଲାଗିଛି, ଯାହା ପର୍ଯ୍ୟଟକଙ୍କୁ ଡରାଉଛି । ତେବେ ଏହା ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେଧୀରେ କମିବାରେ ଲାଗିଛି । ୧୮,୦୦୦ ବର୍ଷ ପୁରୁଣା ଚକଲତ୍ୟ ଗ୍ଲେସିଅରର ତରଳିବା ବର୍ତ୍ତମାନ ବୈଜ୍ଞାନିକଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି ।



# ଶାକାହାରପାଇଁ ବଳୁଛି ମନ

୨୦୨୫ରେ ଦେଖିବାକୁ ମିଳିଥିବା ଶାକାହାରୀ ହେବା ପାଇଁ ଲୋକଙ୍କ ଭିତରେ ଆଗ୍ରହ । ଆମେରିକା ଓ ୟୁରୋପରେ ବିଭିନ୍ନ ରେଷ୍ଟୋରାଁରେ ବର୍ଗର, ହଟ୍ ଡଗ୍, ସସେଜ୍ ଭଳି ଅନେକ ଫାଷ୍ଟ ଫୁଡ୍ ପୂରାପୁରି ଶାକାହାରୀ ପ୍ରୋସେସ୍‌ରେ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳିଥିଲା । ତେବେ ବର୍ତ୍ତମାନ ଏହି ଫାଷ୍ଟଫୁଡ୍ ଗୁଡିକ ଲ୍ୟାବ ନୁହେଁ ବରଂ ବିଭିନ୍ନ କମ୍ପାନିରେ ପ୍ରସ୍ତୁତ କରାଯାଉଛି । ଏହି ଖାଦ୍ୟ ଗୁଡିକ କୌଣସି ପ୍ରାଣୀ ନୁହେଁ ବରଂ ଉଦ୍ଭିଦରୁ ପ୍ରସ୍ତୁତ କରାଯାଉଛି । ପ୍ରାଣୀ ମାଂସର ବିକଳ୍ପ ଭାବେ ଉଦ୍ଭିଦରୁ ପ୍ରସ୍ତୁତ ହେଉଥିବା ଖାଦ୍ୟର କିଣାବିକା ମଧ ଏହି ବର୍ଷ ବଢିଛି । ତେବେ ଏହି ଶାକାହାରୀ ମାଂସ ଆଜିକାଲିର ନୁହେଁ, ଏହାର ଇତିହାସ ପ୍ରାୟ ୧୫୦୦ ବର୍ଷ ପୁରୁଣା । ବିଭିନ୍ନ ପ୍ରକାରର ପ୍ରକ୍ରିୟାକୁ ଅନୁକରଣ କରି ନକଲି ମାଂସର ପ୍ରସ୍ତୁତି ଅନେକ ଦିନରୁ ଚାଲିଛି । ଚୀନରେ ଅନେକ ଦିନରୁ ସୋୟାରୁ କ୍ଷୀର ପ୍ରସ୍ତୁତ କରି ବ୍ୟବହାର କରାଯାଉଛି । ତେବେ ୨୦୨୫ରେ ଲୋକଙ୍କ ଭିତରେ ଏହା ପାଇଁ ଆଗ୍ରହ ବଢିଛି ।

# କ୍ଷମା ମାଗିଥିଲେ କମ୍ପାନୀ

ସାଧାରଣତଃ ଆମେ କିଛି ଭୁଲ କଲେ କ୍ଷମା ମାଗିଥାଉ । ହେଲେ ୨୦୨୫ରେ କିଛି କମ୍ପାନୀ କ୍ଷମା ମାଗୁଥିବାର ଦେଖିବାକୁ ମିଳିଥିଲା । ତେବେ ଏମାନେ ନିଜର କୌଣସି ଭୁଲ ପାଇଁ ନୁହେଁ ବରଂ ନିଜ ସାମଗ୍ରୀ ଭଲ ହୋଇଥିବାରୁ ଗ୍ରାହକଙ୍କୁ କ୍ଷମା ମାଗିଥିଲେ । ସୋସିଆଲ ମିଡିଆରେ ସ୍କୋଡା, ଭୋଲକାସ୍ୱାଗେନ୍,ଟି ସିରିଜ ଓ ରିଲାନ୍ସ ଡିଜିଟାଲ ଭଳି କମ୍ପାନୀ ଲୋକଙ୍କୁ କ୍ଷମା ମାଗୁଥିବାର ନଜରକୁ ଆସିଥିଲା । ତେବେ ଏହା ଏକ ଟ୍ରେଣ୍ଡ ଯେଉଁଥିରେ କମ୍ପାନୀ ଗୁଡିକ ସାମିଲ ହୋଇଥିଲେ । ଏହାର ନାଁ ଅଫିସିଆଲ ଆପୋଲୋଜି ରଖାଯାଇଥିଲା, ଯାହା ଇମୋସନାଲ ମାର୍କେଟିଂର ଏକ ଅଂଶ ବୋଲି ଜଣା ପଡିଛି । ଏଥିରେ ଏକ ଲେଟର ଫର୍ମାଟରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥାଏ । ଏଥିରେ ଖୁବ ଚତୁରତାର ସହିତ ଗ୍ରାହକଙ୍କୁ ନିଜ ବ୍ରାଣ୍ଡ ଭଲ ବୋଲି କହିବା ସହିତ କ୍ଷମା ମଗାଯାଇଥିଲା । ଯେପରି ଆଦାନୀ ଅମ୍ବୁଜା ସିମେଣ୍ଟ ପୋଷ୍ଟ କରିଥିଲା କି ଆମ ସିମେଣ୍ଟରେ ଘରର କାନ୍ଥ ତିଆରି କଲେ ଏଭଳି ମଜବୁତ ହେବ କି ଗ୍ରାହକ ଏଥିରେ କଣ୍ଟା ବାଡେଇ ପାରିବେ ନାହିଁ । ସେଥିପାଇଁ ଆମେ କ୍ଷମା ମାଗୁଛୁ । ଏହିଭଳି ଭାବେ ସମସ୍ତ କମ୍ପାନୀ ନିଜର କ୍ଷମା ପତ୍ର ପ୍ରସ୍ତୁତ କରୁଥିବାର ଦେଖିବାକୁ ମିଳିଥିଲା ।

ପ୍ରସ୍ତୁତି-ଇପ୍ସିତା ମହାପାତ୍ର
ଅଲଙ୍କରଣ- ମମତା ନାୟକ



# ଆଜିର ପଞ୍ଜିକା

ପୌଷମାସ ଶୁକ୍ଲପକ୍ଷ ଦ୍ୱାଦଶୀ
ତା-୩୧-୧୨-୨୦୨୫ ବୁଧବାର

**ମେଷ-** ବନ୍ଧୁଲାଭ, ନୂତନ କର୍ମରେ ସଫଳତା, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଯାନବାହନରେ ସତର୍କ, ବିଦ୍ୟାଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ବୃଷ-** କର୍ମକ୍ଷେତ୍ରେ ଅଶାନ୍ତି, ବ୍ୟବସାୟରେ ଲାଭ, ଉଚ୍ଚଆଶାରେ ବିଫଳ, ଦେବଦର୍ଶନ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୨, ଆରାଧନା- ପ୍ରଭୁହନୁମାନ ।

**ମିଥୁନ-** ନୂତନ ଆୟ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ଶତ୍ରୁନାଶ, ଦାମ୍ପତ୍ୟ ଖୁସି, ନୂତନ ଦ୍ରବ୍ୟଲାଭ, ଖୁସି ଖବର ପ୍ରାପ୍ତି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ-** ଅସୁସ୍ଥତା, ଶତ୍ରୁକଷ୍ଟ, ବ୍ୟବସାୟେ ମଧ୍ୟମ ଲାଭ, ଦାମ୍ପତ୍ୟ ଖୁସି, ସମାଜସେବା, ବନ୍ଧୁଦର୍ଶନ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୫, ଆରାଧନା-ମହାଲକ୍ଷ୍ମୀ ।

**ସିଂହ-** ବନ୍ଧୁସାହାଯ୍ୟ, ତୀର୍ଥାଟନ, ବ୍ୟବସାୟିକ ଲାଭ, ସୁମିଷ୍ଟ ଖାଦ୍ୟ ପ୍ରାପ୍ତି, ଉଚ୍ଚଆଶାରେ ସଫଳ, ଶରୀର ସୁସ୍ଥ, ବିଦ୍ୟାରେ ଉନ୍ନତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା-ମାଭଗବତୀ ।

**କନ୍ୟା-** ବ୍ୟବସାୟରେ ମାନ୍ଦା, କାର୍ଯ୍ୟରେ ବିଳମ୍ବ, ଶରୀର ଅସୁସ୍ଥ, ଶତ୍ରୁକଷ୍ଟ, ଜମିଗଣ୍ଡଗୋଳ, ଦୂରଯାତ୍ରା, ଧନକୁ ନେଇ ବିବାଦ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୨, ଆରାଧନା-ମାବଗଳାମୁଖୀ ।

**ତୁଳା-** ପାରିବାରିକ ସୁଖ, ସମ୍ମାନବୋଧ, ଶତ୍ରୁକଷ୍ଟ, ପିଲାଙ୍କ ଖୁସି, ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ, ସମାଜସେବା, ଉତ୍ସବେ ଆଗ୍ରହ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା- ୧୨, ଆରାଧନା-ପ୍ରଭୁରାଧାବଲ୍ଲଭ ।

**ବିଛା-** ଦ୍ରବ୍ୟଲାଭ, ଦୂରଯାତ୍ରା, ବ୍ୟବସାୟରେ କଷ୍ଟ, ସୁମିଷ୍ଟ ଭୋଜନ, ଶରୀର ସୁସ୍ଥ, ନୂତନ ଦ୍ରବ୍ୟ କ୍ରୟ, ଅର୍ଥସମସ୍ୟା ସମାଧାନ, ଯାନବାହନରେ ବିପଦ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ-** ଅର୍ଥକଷ୍ଟ, ଗୁରୁଜନଙ୍କ ଆଶୀର୍ବାଦ, ଦୂରଯାତ୍ରା, ବନ୍ଧୁଲାଭ, ଶୁଭକାର୍ଯ୍ୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଉପଚାର-ପିତାମାତାଙ୍କୁ ଭକ୍ତି ।

**ମକର-** ମନସ୍ତାପ, କାର୍ଯ୍ୟେ ବାଧା, ମୋକଦ୍ଦମାରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ଅସୁସ୍ଥ, ନିନ୍ଦା, ଦୂରଯାତ୍ରା ସମସ୍ୟା, ଭୂସମ୍ପତ୍ତି ଲାଭ, ଯାନବାହନେ ସତର୍କତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ମା ଉଗ୍ରତାରା ।

**କୁମ୍ଭ-** ଦ୍ରବ୍ୟପ୍ରାପ୍ତି, ନୂତନ ନିଯୁକ୍ତି, ଦୂରଯାତ୍ରା, ବନ୍ଧୁଦର୍ଶନ, ଶତ୍ରୁ ପରାଜିତ, ସମାଜସେବା, ବିଦ୍ୟାରେ ସଫଳ, ଲୋକସମ୍ପର୍କରେ ଉନ୍ନତି, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା- ୬, ଆରାଧନା-ମା ହରଚଣ୍ଡୀ ।

**ମୀନ-** ଖର୍ଚ୍ଚପ୍ରତି ଅନାଗ୍ରହ, ମାନସମ୍ମାନ ପ୍ରାପ୍ତି, ଦୂରସ୍ଥାନକୁ ଯାତ୍ରା, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ଅଶାନ୍ତି, ଯାନବାହ ପ୍ରତି ସତର୍କ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସୁନେଲି, ସଂଖ୍ୟା- ୧୧, ଆରାଧନା-ମା ଦକ୍ଷିଣକାଳୀ ।



ପଣ୍ଡିତ- ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ବରଗଡ଼ ଧନୁଯାତ୍ରା ମହାରାଜ କଂସଙ୍କ ଦରବାରରେ ମୁଖ୍ୟମନ୍ତ୍ରୀ

# ଶିଳାନ୍ୟାସ ହେଲା ସ୍ୱତନ୍ତ୍ର ରଙ୍ଗମହଲ ମଞ୍ଚ

ଭୁବନେଶ୍ୱର/ବରଗଡ଼, (ସବ୍ୟୁ): ବିଶ୍ୱର ସର୍ବବୃହି ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ମଙ୍ଗଳବାର ସପ୍ତମ ଦିନରେ ଦର୍ଶକମାନେ ଏକ ନିଆରା ଦୃଶ୍ୟ ଦେଖିବାକୁ ପାଇଥିଲେ । କଂସ ମହାରାଜ ତାଙ୍କ ଦରବାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ ସମ୍ରାଟ ଭାବେ ସମ୍ବୋଧନ କରି ପଚାରିଥିଲେ ମଥୁରା ନଗରୀ (ବରଗଡ଼) ର ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି । ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଥୁରା (ବରଗଡ଼)ର ଉନ୍ନତି ପାଇଁ ଆଜି ସମୁଦାୟ ପ୍ରାୟ ୧୩୬୨ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୧୨୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହା ସହିତ ୩୮୦ କୋଟି ଟଙ୍କାର ଚାରିଟି ନୂଆ ପ୍ରକଳ୍ପ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ବରଗଡ଼ରେ ଆଜି ୯୮୦ କୋଟି ୫୮ ଲକ୍ଷ ଟଙ୍କା ବିନିଯୋଗରେ ସମୁଦାୟ ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ୩୮୨ କୋଟି ୨୬ ଲକ୍ଷ ଟଙ୍କା ମୂଲ୍ୟର ୩୮ ଟି ଉନ୍ନତିମୂଳକ ପ୍ରକଳ୍ପର ଉ"ାଟନ ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ମହିଳାମାନଙ୍କ ପାଇଁ ହୋଇଥିବା ସୁଭଦ୍ରା ଯୋଜନାରେ ମଥୁରା ନଗରୀ (ବରଗଡ଼)ର ୩,୪୧, ୬୧୪ ଜଣ ମା ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି । ସେହିପରି, ୨୦୨୪-୨୫ ଖରିଫ୍ ଓ ରବି ଋତୁରେ ବରଗଡ଼ର ୨,୪୧, ୧୩୫ ଜଣ ଚାଷୀଙ୍କ ଠାରୁ ୧୩,୯୯,୦୦୦ ମେଟ୍ରିକ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସହାୟତା ସହିତ ୪୩୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ହିସାବ ଦେଇଥିଲେ । ଏଭଳି ଆର୍ଥିକ ସହାୟତା ପୂର୍ବରୁ କେବେ ବି ଦିଆଯାଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ଏଥିରେ ସନ୍ତୋଷପ୍ରକାଶ କରି କଂସ ମହାରାଜ କହିଲେ "ଆତ୍ମତୃପ୍ତି ଲାଭ କଲା ମହାବୀର କଂସାସୁର' । ମୁଖ୍ୟମନ୍ତ୍ରୀ ଏହି ଅବସରରେ ବରଗଡ଼ ପାଇଁ ନୂଆ ପ୍ରକଳ୍ପ ଘୋଷଣା କରି କହିଥିଲେ ଯେ, ୧୩୨ କୋଟି ଟଙ୍କା ବ୍ୟୟ ବରାଦରେ ଜିରା ନଦୀ ଉପରେ ଏକ ସ୍ୱେରେଜ୍ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ । ଏହା ସହିତ ୩୦ କୋଟି ଟଙ୍କା ବ୍ୟୟରେ ବରଗଡ଼ ମ୍ୟୁନିସିପାଲଟିର ହାଟପଦା ଠାରେ ଏକ ଭେଣ୍ଡିଙ୍ଗ୍ ଜୋନ ବିକାଶ କରାଯିବ । ୬୫ କୋଟି ଟଙ୍କା ବିନିଯୋଗରେ ବରଗଡ଼ ସଦରରେ ଅଟଳ ବସ୍‌ଷଫାଣ୍ଡ ଯୋଜନାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ନିର୍ମାଣ କରାଯିବ ଓ ଗ୍ରୀଣ୍ଡୋଲା ଠାରେ ୧୫୦ କୋଟି ଟଙ୍କା ବିନିଯୋଗରେ ଏକ ଅନ୍ତନଦୀ ଜଳାଶୟ ନିର୍ମାଣ କରାଯିବ । ଏହି ଚାରୋଟି ପ୍ରକଳ୍ପ ପାଇଁ ପ୍ରାୟ ୩୮୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି । ଧନୁଯାତ୍ରାକୁ ଭାରତର ସାଂସ୍କୃତିକ ଅର୍ଥନୈତିକ ( ମଡେଲର ଉଦାହରଣ ବୋଲି କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯାତ୍ରା ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ଏକ ପ୍ରକୃଷ୍ଟ ନିଦର୍ଶନ । ଏହି ଉତ୍ସବ ପାଇଁ ଅନୁଦାନ ରାଶି ଏକ କୋଟି ଟଙ୍କାରୁ ଦେ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ଏବଂ ୨୦୦ ପ୍ରମୁଖ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ପ୍ରଦାନ କରାଯାଇଛି । ଏକ ବଡ଼ ପ୍ରତିଶୃତି ଥିଲା ଧନୁଯାତ୍ରା ପାଇଁ ରଙ୍ଗମହଲ ନିର୍ମାଣ । ଆଜି ଏହାର ମଧ୍ୟ ଶିଳାନ୍ୟାସ ହେଲା ଆଉ ସେଥିପାଇଁ ପ୍ରାୟ ୧୨ କୋଟି ୮୦ ଲକ୍ଷ ଟଙ୍କା ବିନିମୟରେ ଏବଂ ଏହା ସାରା ବିଶ୍ୱରେ ଶ୍ରେଷ୍ଠ ରଙ୍ଗମହଲ ଭାବେ ପରିଚୟ ସୃଷ୍ଟି କରିବ ।ୟୁନେସ୍କୋ ଦ୍ୱାରା ବିଶ୍ୱ ଦରବାରରେ କିଭଳି ମାନ୍ୟତା ପାଇବ, ସେଥିପାଇଁ ଆମେ ଚେଷ୍ଟା ଜାରି ରଖିଛୁ ଏବଂ ଏଥିରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଧନୁଯାତ୍ରା, ମହାରାଜ କଂସଙ୍କ ରାଜଦ୍ୱର ଅନନ୍ୟ ନାଟ୍ୟ ଚିତ୍ରଣ ସହିତ ସାଂସ୍କୃତିକ ଶୋଭାଯାତ୍ରା, ରଙ୍ଗୋଲି ଓ ଚିତ୍ରକଳା ପ୍ରଦର୍ଶନୀ, ଚିତ୍ରଶିଳ୍ପୀ ଶିବିର, ହସ୍ତତନ୍ତ ମେଳା, ମୀନାବଜାର ଏବଂ ପଲ୍ଲିଶ୍ରୀ ମେଳା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସଂସ୍କୃତି ଏବଂ ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହିତ କରିଆସିଛି । ନିଜର ଅନନ୍ୟ ନାଟ୍ୟ ମହିମା ବ୍ୟତୀତ, ଧନୁଯାତ୍ରା ବିଭିନ୍ନ ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ, ବାଣିଜ୍ୟ ଏବଂ ସାମୂହିକ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ । ଏହି କାର୍ଯ୍ୟକ୍ରମ ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନା ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

- ଧନୁଯାତ୍ରା ୟୁନେସ୍କୋ ମାନ୍ୟତା ପାଇଁ ଉଦ୍ୟମ ଜାରି ରହିଛି
- ଆଧ୍ୟାତ୍ମିକତାର ଏକ ପ୍ରକୃଷ୍ଟ ନିଦର୍ଶନ ହେଉଛି ଧନୁଯାତ୍ରା

ନୂଆ ବର୍ଷରେ ଶ୍ରୀଜୀଉମାନଙ୍କୁ ଶୃଙ୍ଖଳିତ ଦର୍ଶନ

# ପ୍ରସ୍ତୁତି ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଆଉ ୧ ଦିନ ପରେ ଆରମ୍ଭ ହେବ ନୂଆ ବର୍ଷ ୨୦୨୬ । ଏଥିପାଇଁ ୩୧ ତାରିଖ ରାତିରୁ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ ରହିବ । ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ବଡ ଦିନ ଡିସେମ୍ବର ୨୫ ତାରିଖ ପୂର୍ବରୁ ପ୍ରସ୍ତୁତି ଜାରି ରହିଛି । ଏହି ପରିପ୍ରେକ୍ଷୀରେ ନୂଆ ବର୍ଷରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ କିପରି ପ୍ରସ୍ତୁତି ରହିଛି, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଙ୍ଗଳବାର ଏକ ବୈଠକରେ ସମୀକ୍ଷା କରିଥିଲେ । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଡିଜି ପୁଲିସ୍ ୱାଇବି ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡଃ. ଅରବିନ୍ଦ କୁମାର ପାଢ଼ୀ, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ, ପୁରୀ ଓ ଆରକ୍ଷୀ ଅଧିକ୍ଷକ ପୁରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ପାଢ଼ୀ କହିଥିଲେ ଯେ ଶ୍ରୀମନ୍ଦିର ନୀତି କାନ୍ତି ଅନୁଯାୟୀ ଡିସେମ୍ବର ୩୧ ତାରିଖ ରାତି ୧୧ ଟାଠାରୁ ଶ୍ରୀଜିଉମାନଙ୍କ ରାତି ପହୁଡ ନୀତି ଆରମ୍ଭ ହୋଇ ରାତି ୨ ଟା ପର୍ଯ୍ୟନ୍ତ ୩ ଘଣ୍ଟା ଧରି ଏହା ବଳବତ୍ତର ରହିବ । ରାତି ୨ଟାରେ ଶ୍ରୀଜୀଉମାନଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇ ଭକ୍ତଙ୍କ ପାଇଁ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିବ । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମ ପ୍ରଚାରପ୍ରସାର ପାଇଁ ସୂଚନା ଦିଆଯାଇଛି । ଜନସାଧାରଣ ଯେପରି ଏ ସଂପର୍କରେ ଭଲଭାବେ ସୂଚନା ପାଇବେ, ଏହାକୁ ବ୍ୟାପକ




କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି ।

ଜାନୁଆରୀ ୧ ତାରିଖରେ ନୂଆ ବର୍ଷ ଓ ପରବର୍ତ୍ତୀ ଦିନମାନଙ୍କରେ ଅନ୍ୟ ପର୍ବପର୍ବାଣୀ ଏବଂ ଜାନୁଆରୀ ୪ ତାରିଖରେ ରବିବାର ପଡୁଥିବାରୁ ଏହି ଦିନ ମଧ୍ୟରେ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ ପାଇଁ ଜନଗହଳି ଲାଗିରହିବ । ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲାପ୍ରଶାସନ ତରଫରୁ ସମସ୍ତ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ମନ୍ଦିର ଭିତରେ ଓ ବାହାରେ ସିସିଟିଭି ବ୍ୟବସ୍ଥା, ବ୍ୟାପକ ପୁଲିସ୍ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଅଧିକ ଜୋତା ଷ୍ଟାଣ୍ଡ, ସୁବିଧାରେ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ବ୍ୟାପକ ସୂଚନା ବ୍ୟବସ୍ଥା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଧିକ ସଂଖ୍ୟକ ଏନସିସି ଓ ସ୍ଥାନୀୟ ସ୍ୱଚ୍ଛାସେବୀ ମୁତୟନ ରହିବେ । ବିଭିନ୍ନ ସ୍ଥାନରେ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ହେବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ନୂଆ ବର୍ଷ ପ୍ରସ୍ତୁତି ପରିପ୍ରେକ୍ଷୀରେ ପୁରୀ, କୋଣାର୍କ, ଚନ୍ଦ୍ରଭାଗା ଆଦି ବେଳା ଭୂମିରେ ସୁରକ୍ଷା ପାଇଁ ପୁଲିସ ମୁତୟନ ଓ ପୁରୀରେ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଶ୍ରୀ ଜୀଉଙ୍କ ନୀତିକାନ୍ତି ଠାରୁ ଆରମ୍ଭ କରି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ନିୟୋଜିତ ସଂପୃକ୍ତ ସମସ୍ତଙ୍କୁ ଅଧିକ ସଚେତନ ଓ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

# ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର(ସବ୍ୟୁ): ଇଂରେଜ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଦମନମୂଳକ ନୀତି ବିରୋଧରେ ଘୁମୁସର ଅଞ୍ଚଳର ପାହାଡ଼, ଜଙ୍ଗଲ ଓ ଗାଁରୁ ଯେଉଁ ବିଦ୍ରୋହର ଶଙ୍ଖନାଦ ଉଠିଥିଲା, ସେହି ସଂଗ୍ରାମର ମୁଖ୍ୟ ନାୟକ ଥିଲେ ଘୁମୁସରର ମହାନ ବିପ୍ଳବୀ ବୀର ଚକରା ବିଷୋୟୀ । ଆଜି(ମଙ୍ଗଳବାର) ସେହି ମହାନ ବିପ୍ଳବୀଙ୍କ ୨୦୩ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବିଧାନସଭା ନିକଟସ୍ଥ ଶହୀଦଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢୀ ମାଲ୍ୟାର୍ପଣ କରିବା ସହ ତାଙ୍କ ବଳିଦାନର ସ୍ମୃତିଚାରଣ କରିଛନ୍ତି ।



ଆଦିବାସୀ, କୃଷକ ଓ ସାଧାରଣ ଜନତାଙ୍କୁ ସଂଗଠିତ କରି ସେ ଇଂରେଜ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ ଏବଂ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରଚନା କରିଥିଲେ । ବ୍ୟବସ୍ଥାର ଦୁରୁପଯୋଗ ଓ ପ୍ରଶାସନିକ ଅତ୍ୟାଚାର ବିରୋଧରେ ତାଙ୍କ ନେତୃତ୍ୱରେ ଘୁମୁସର ଆନ୍ଦୋଳନ ଇଂରେଜ ଶାସନ ପାଇଁ ଏକ ଭୟଙ୍କର ଆହ୍ୱାନ ଭାବେ ଉଭା ହୋଇଥିଲା । ତାଙ୍କର ସାହସ, ସ୍ୱାଭିମାନ, ଦେଶପ୍ରେମ ଓ ନ୍ୟାୟପ୍ରତି ଅତୁଟ ଆସ୍ଥା ତାଙ୍କୁ କେବଳ ଘୁମୁସର ଅଞ୍ଚଳ ନୁହେଁ ବରଂ ସମଗ୍ର ଓଡିଶାବାସୀଙ୍କ ମଧ୍ୟରେ ଏକ ଜନନାୟକ ଭାବେ ପରିଚିତି ଆଣିଦେଇଛି । ଇଂରେଜ ଶାସନର ଦମନ ନୀତି ବିରୋଧରେ ସେ ଯେଉଁ ସଂଘର୍ଷ ଆରମ୍ଭ କରିଥିଲେ । ତାହା ତାଙ୍କର ବୀରତ୍ୱ, ନେତୃତ୍ୱ ଓ ବଳିଦାନର ଅମର ଉଦାହରଣ ଭାବେ ଆଜି ମଧ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏତଦବ୍ୟତୀତ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନର ବ୍ୟକ୍ତିବିଶେଷଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ବିଧାନସଭା ପାର୍ଶ୍ୱବର୍ତ୍ତୀ ବୀର ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଲକ୍ଷ୍ୟଭିତ୍ତିକ ନେତୃତ୍ୱକୁ କୃତଜ୍ଞତା ଓ ସମ୍ମାନ

# ଉତ୍ସର୍ଗୀକୃତ ଓ ବୃତ୍ତିଗତ କାର୍ଯ୍ୟ ସଂସ୍କୃତି ପାଇଁ ପ୍ରେରଣା ଓ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ୩୧ ତାରିଖରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି । ଏହି ପରିପ୍ରେକ୍ଷୀରେ ତାଙ୍କର ଦୀର୍ଘ ଦେଢ ବର୍ଷର ମୁଖ୍ୟ ଶାସନ ସଚିବ ସମୟର କାର୍ଯ୍ୟାବଳୀ, ପୂର୍ବରୁ ପ୍ରଶାସନିକ ସେବାରେ ଭାରତ ସରକାରଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ରାଜ୍ୟ ସଦର ମହକୁମାରେ ତାଙ୍କର କାର୍ଯ୍ୟ, ତାଙ୍କର ବ୍ୟକ୍ତିତ୍ୱ, କାର୍ଯ୍ୟଶୈଳୀକୁ ନେଇ ତାଙ୍କର ଲକ୍ଷ୍ୟଭିତ୍ତିକ ନେତୃତ୍ୱକୁ କୃତଜ୍ଞତା ଓ ସମ୍ମାନ ଜଣାଇ ଏକ ସମ୍ବର୍ଦ୍ଧନା ସଭା ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ ସହିତ ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଆରତୀ ଆହୁଜା ମଧ୍ୟ ଉପସ୍ଥିତ ଥିଲେ । ଉଭୟ ସେମାନଙ୍କର ପ୍ରଶାସନିକ କ୍ୟାରିଅର ଭିତରେ ଓଡ଼ିଶାକୁ ଗଭୀର ଭାବେ ଭଲ ପାଇବା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଲେ ଯେ, ପ୍ରଶାସନିକ କ୍ଷେତ୍ରରେ ଓଡ଼ିଶାରେ ଏକ ଭଲ ଟିମ୍ ରହିଛନ୍ତି । ସମସ୍ତଙ୍କର ଜ୍ଞାନର ଗଭୀରତା, ଦକ୍ଷତା ଓ ଗୁଣାତ୍ମକତାକୁ ସେ ପ୍ରଶଂସା କରିଥିଲେ । ଓଡ଼ିଶାର ବିକାଶ ଓ ଭବିଷ୍ୟତ ପାଇଁ ସେ ସକରାତ୍ମକ ଅଭିବ୍ୟକ୍ତି ଓ ଦୃଢୋକ୍ତି ପ୍ରକାଶ କରିଥିଲେ । ସମସ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ସେମାନଙ୍କର ଆଗାମୀ ଭବିଷ୍ୟତ ପାଇଁ ସେ ଶୁଭେଚ୍ଛା ଜଣାଇଥିଲେ ।



ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଶ୍ରୀ ଆହୁଜାଙ୍କର କାର୍ଯ୍ୟଶୈଳୀ କଠୋର ଶାସନ ପ୍ରବୃତ୍ତିଭିତ୍ତିକ ନ ହୋଇ ସର୍ବଦା ଗଠନମୂଳକ ଓ ପରାମର୍ଶଭିତ୍ତିକ ଥିଲା ବୋଲି ସେ ପ୍ରକାଶ କରିଥିଲେ । ତାଙ୍କର ମୁଖ୍ୟ ଶାସନ ସଚିବ କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳତା, ସ୍ମୃତି ଆଧାରିତ ଏକ କ୍ଷୁଦ୍ର ପ୍ରାମାଣିକ ବୃତ୍ତ ଚିତ୍ର ପରିବେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଓ ବୈଠକରେ ଅତ୍ୟନ୍ତ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ କହିଲେ ଯେ, ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାକୁ ଲକ୍ଷ୍ୟଭିତ୍ତିକ ନେତୃତ୍ୱ ଦେଇଛନ୍ତି । ସେ ବିଭିନ୍ନ ବ୍ୟବସ୍ଥାରେ ଟେକ୍ନୋଲୋଜିଭିତ୍ତିକ ପରିବର୍ତ୍ତନ ଆଣିଛନ୍ତି ବୋଲି ପ୍ରକାଶ କରିବା ସହିତ ତାଙ୍କ ସମୟରେ ନୂତନ ସରକାରରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଥିବା ସେ ପ୍ରକାଶ କରିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥି ଭାତନନ୍, ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଆଶ୍ୱତୀ ଏସ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଯୋଗଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ଆହୁଜାଙ୍କ ସହିତ ଜଡ଼ିତ ଦୀର୍ଘ ଦିନର ପ୍ରଶାସନିକ କାର୍ଯ୍ୟ ଅଭିଜ୍ଞତା, ବ୍ୟକ୍ତିଗତ ସଂପର୍କ, ସେମାନଙ୍କର ଅନୁକରଣୀୟ ଆଦର୍ଶ ଓ ମାନବୀୟ ଗୁଣର ମୂଲ୍ୟବୋଧ ଆଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

# ୪୫କେଜି ଗଞ୍ଜେଇ ସମେତ ୨ କାର ଜବତ; ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଅବକାରୀ ଟିମ୍ ଓ ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଆଜି ପୃଥକ ପୃଥକ ସ୍ଥାନରେ ଚଢଉ କରାଯାଇ ୪୫କେଜି ଗଞ୍ଜେଇ ଗଞ୍ଜେଇ ଜବତ ହୋଇଛି। ସେହିପରି ଦୁଇଟି କାର୍, ୪ଟି ମୋବାଇଲ ଫୋନ୍ କୁ ଅବକାରୀ ଟିମ୍ ଜବତ କରିଥିବାବେଳେ ୩ଜଣଙ୍କୁ ଗିରଫ କରିଛନ୍ତି ବୋଲି ଆଜି ଅବକାରୀ ସୁପରିଟେଣ୍ଡେଟଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ସୁପରିଟେଣ୍ଡେଟ ସୁମତୀ ତ୍ରିପାଠୀ କହିଛନ୍ତି। ଗିରଫ ମାନେ ହେଲେ ଫୁଲବାଣି ଏଫସିଆଇ ଅରବିନ୍ଦନଗର ର ପ୍ରତାପ କୁମାର ଦିଗଲ (୩୫) ଓ ଦିନେଶ ଦିଗଲ (୨୫) ଏବଂ କନ୍ଧମାଳ ଜାମୁଝାରୀ ର ସୁବଳ ଦେହୁରୀ (୨୫) । ଏହି ଘଟଣାରେ ଜଣେ ଫେରାର ଥିବା କହିଛନ୍ତି। ତାଙ୍କ ସୂଚନା ଅନୁସାରେ, ପ୍ରତାପ ଓ ଦିନେଶ ଆଜି ସକାଳୁ ଏକ କାର (ଓଡ଼ି.୦୨ ଭି-୬୬୬୭)



ରେ ଫୁଲବାଣୀ ଦିଗରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ସାରୁଅ ଶୁଖୁଆ ବଜାର ନିକଟରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ତାଙ୍କ ଗାଡିକୁ ଅଟକାଇ ଯାଂଚ କରି ଗଞ୍ଜେଇ ଭର୍ତି ବସ୍ତା ଜବତ କରିଥିଲା। ପ୍ରତାପ ଏକ ୱେବ ମିଡିଆରେ ଫୁଲବାଣୀର ଜିଲ୍ଲା ପ୍ରତିନିଧିଭାବେ କାର୍ଯ୍ୟ କରୁଥିବା ରୁ ସେ ଏହି ସାମ୍ବାଦିକତା ବାହାନାରେ ଏହିଂ ବେପାର ଆରାମରେ କରୁଥିବା ଅବକାରୀ ବିଭାଗ ଜାଣିବାକୁ ପାଇଥିଲା। ତେଣୁ ସେମାନଙ୍କୁ ଗିରଫ କରିବା ସହ ତା ଠାରୁ ତିନୋଟି ଫୋନ୍, ୨୩କେଜି ଗଞ୍ଜେଇ ଏବଂ ଉକ୍ତ କାର କୁ ଜବତ କରିଛି। ସେହିପରି ଆଜି ଦିନ ୧୨ଟା ୩୦ ମିନିଟ୍ ବେଳେ ମାଳିପଡ଼ା ଏନ୍.ଏଚ୍. ୧୬ ଫ୍ଲାଇଓଭର୍ ନିକଟରୁ ଅବକାରୀ ଟିମ୍ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର (ନଂ- ଓଡଇ.୦୨-ଜେଡ୍- ୭୬୭୦) କୁ ଅଟକାଇ ଯାଂଚ କରିବାରେ ତା ମଧ୍ୟରୁ ଜରିବସ୍ତାରେ ଥିବା ୨୨କେଜି ଗଞ୍ଜେଇ କୁ ଜବତ କରିଥିଲା। ଏହି ସମୟରେ ଅବକାରୀ ଟିମ୍ ସୁବଳ କୁ ଗିରଫ କରିଥିବାବେଳେ ଅନ୍ୟଜଣେ ଖସି ପଳାଇଥିଲା। ଏହି ଚଢଉରେ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଆଇ.ଆଇ.ସି. ତପସ୍ୱିନୀ ବରାଳ, ଓ.ଆଇ.ସି. ସୁଜିତ ମୁଦୁଲି, ଓ.ଆଇ. ସି. ମିତ୍ରବିନ୍ଦା ପରିଡ଼ା, ଏ.ଏସ୍. ଆଇ. ସଞ୍ଜୟ ରାଉତ, ଏ.ଏସ୍.ଆଇ. ଜିତେନ୍ଦ୍ର ହେମ୍ବ୍ରମ୍, ସୋମେନ୍ଦ୍ରେ ସିଂହାରେ ସମେତ ଅନ୍ୟ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ବାରଙ୍ଗ , (ସବ୍ୟୁ): ଗୋଡିସାହି ଗ୍ରାମରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବାର ଜଣାପଡିଛି । ଯୁବକ ଜଣଙ୍କ ଗୋଡିସାହି ଗ୍ରାମର ନରେନ୍ଦ୍ର ପ୍ରତାପ ଓଝା(୨୬) ବୋଲି ଜଣାପଡିଛି । ପ୍ରକାଶଯେ, ନରେନ୍ଦ୍ର ପ୍ରତ୍ୟେକ ଦିନ ପରି ସୋମବାର ରାତିରେ ଖାଇ ସାରି ଶୋଇବା ଘରକୁ ଯାଇ ଭିତରୁ କବାଟ ବନ୍ଦ କରି ଶୋଇଥିଲେ । ମଙ୍ଗଳବାର ସକାଳେ କବାଟ ନଖୋଲିବାରୁ ପରିବାର ଲୋକ ଡାକିଥିଲେ ମଧ୍ୟ ନରେନ୍ଦ୍ର କୌଣସି ଉତର ଦେଇନଥିଲେ ।ସନ୍ଦେହରେ ପରିବାର ଲୋକ କବାଟ ଭାଙ୍ଗି ଭିତରକୁପଶିବା ପରେ ଗାମୁଛା ସାହାଯ୍ୟରେ ଫ୍ୟାନରେ ନରେନ୍ଦ୍ର ଝୁଲି ପଡିଥିବାର ଦେଖିବାକୁ ପାଇଥିଲେ ।

# ହାଇୱେ ଲୁଟେରା ଗିରଫ, ବାଇକ ଜବତ

ସାକ୍ଷୀଗୋପାଳ , (ସବ୍ୟୁ): ଭୁବନେଶ୍ୱରରୁ- ପୁରୀ ରାଜପଥରେ ଲୁଟ ତରାଜ କରୁଥିବା ଜଣେ ଅଭିଯୁକ୍ତକୁ ସତ୍ୟବାଦୀ ପୋଲିସ ଗିରଫ କରିଛି । ସେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଶିରୁଳି ଗ୍ରାମର ବିକ୍ରମ ବଡ଼ପଣ୍ଡା ଓରଫ ବିକି । ପୋଲିସ ତାଙ୍କ ଠାରୁ ଗୋଟିଏ ଆପାଚି ମୋଟର ସାଇକେଲ, ଦୁଇଟି ମୋବାଇଲ ଫୋନ, ଦୁଇଟି ସୁନା ମଙ୍ଗଳସୂତ୍ର, ସୁନା ନାକଫୁଲ, ଭ୍ୟାନିଟ ସହିତ ଲୁଟ ହୋଇଥିବା ଦରକାରୀ କାଗଜପତ୍ର ଜବତ କରିଥିଲେ । ସୂଚନାଯୋଗ୍ୟ ଗତ ୨୪ ତାରିଖରେ ଅନନ୍ତ ମହାପାତ୍ର, ପନିଙ୍କ ସହିତ ନିଜ ବାଇକ ରେ ଭୁବନେଶ୍ୱର ନିକଟସ୍ଥ ଧଉଳିରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ତାଙ୍କ ପଛରୁ ଆସି ଲୁଟେରା ଭ୍ୟାନିଟ ବ୍ୟାଗ ଝାମ୍ପିନେଇ ଚନ୍ଦନପୁର ଆଡକୁ ଦୃତ ଗତିରେ ଫେରାର ହୋଇ ଯାଇଥିଲେ । ଏନେଇ ସତ୍ୟବାଦୀ ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ । ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ କୁ ଆଧାର କରି ପୋଲିସ ଅଭିଯୁକ୍ତ କୁ ଧରିବାରେ ସକ୍ଷମ ହୋଇଥିଲେ । ଗତ ୧୪ ତାରିଖରୁ ୨୪ ତାରିଖ ମଧ୍ୟରେ ସତ୍ୟବାଦୀ, ପିପିଲି ଓ ଚନ୍ଦନପୁର ଥାନା ଅଞ୍ଚଳରେ ୪ ଟି ଲୁଟ ଘଟଣାରେ ଅଭିଯୁକ୍ତଙ୍କର ସମ୍ପୃକ୍ତି ରହିଥିବା ସତ୍ୟବାଦୀ ଥାନା ଆଇଆଇସି ବିଜୟକେତନ ବେହେରା ସୂଚନା ଦେଇଛନ୍ତି ।

# ତମ୍ପାଲୋ ପଞ୍ଚାୟତରେ ବିଜେପିର କାର୍ଯ୍ୟ କର୍ତ୍ତା ବୈଠକ

ନିମାପଡା,(ସବ୍ୟୁ): ନିମାପଡ଼ା ବ୍ଲକ ଅନ୍ତର୍ଗତ ତମ୍ପାଲୋ ପଞ୍ଚାୟତ ରେ ବିଜେପିର ଏକ କାର୍ଯ୍ୟକର୍ତ୍ତା ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକର୍ତ୍ତା ବୈଠକରେ ନିମାପଡା ବ୍ଲକ ଅଧକ୍ଷ ଶଙ୍କର ଭୋଇ, ବିଜେପି ନେତା ସପ୍ନେଶର ଲେଙ୍କା, ତମ୍ପାଳ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଚିଦାନନ୍ଦ ଖଟୋଇ ,ଗୋପ ବ୍ଲକ ଯୁବ ନେତୃତ୍ୱ ମନ୍ଦୀପ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକ ରେ ସର୍ବ ସମ୍ମତି କ୍ରମେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି । ଏହି କମିଟିର ଆବାହକ ଭାବେ ଲିଙ୍ଗରାଜ ପଣ୍ଡା, ସହ ଆବାହକ ଭାବେକେଇ ଚରଣ ସାହୁ, ବଟକୃଷ୍ଣ ରାଉତ ଓ ସତ୍ୟବ୍ରତ ବେହେରାଙ୍କୁ ମନୋନିତ କରାଯାଇଛି ।

# ହଟକେଶ୍ୱର ମକର ମହୋତ୍ସବର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ମଙ୍ଗଳବାର ପୂର୍ବାହ୍ନରେ ବେଗୁନିଆ ବ୍ଲକ ଅନ୍ତର୍ଗତ ହଟକେଶ୍ୱର ପ୍ରାଙ୍ଗଣରେ ଥିବା ସଭା ଗୃହରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଙ୍କ ଅଧକ୍ଷତାରେ ଶ୍ରୀ ଶ୍ରୀ ହଟକେଶ୍ୱର ମକର ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ବେଗୁନିଆ ତହସିଲଦାର, ଏସଡିପିଓ , ଆଇଆଇସି ବେଗୁନିଆ, ଏସଡିଓ, ପୂର୍ତ୍ତ, ଏସ୍‌ଡିଓ ଇଲେକ୍ଟ୍ରିକାଲ, ସିଡିପିଓ ବେଗୁନିଆ, ବେଗୁନିଆ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଏବଂ ଲାଇନ ଡିପାର୍ଟ ମେଂଟ ଯନ୍ତ୍ରୀ ମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ପ୍ରଦାନ କରିଥିବା ବେଳେ ସିଆରସିସି ସୁଧାକର ସେଠୀ ହଟକେଶ୍ୱର ମକର ମହୋତ୍ସବ ସମ୍ବନ୍ଧରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ।

ଅଧକ୍ଷ ବିଧାୟକ ଶ୍ରୀ ସାହୁ ମହୋତ୍ସବ ସ୍ଥଳ ଚତୁଃପାର୍ଶ୍ୱ ରାସ୍ତାଘାଟ ମରାମତି, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା ଆଦି




ଗୁରୁତ୍ୱ ପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ସମୀକ୍ଷା କରି ହଟକେଶ୍ୱର ମକର ମହୋତ୍ସବ ରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ମହୋତ୍ସବ ସ୍ଥଳରେ ରହି ସେମାନଙ୍କୁ ନ୍ୟସ୍ତ ସେବାଗୁଡିକୁ ଯୋଗାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବ କୁ ସ୍ମରଣୀୟ କରିବା ନିମନ୍ତେ ବ୍ଲକ୍ ଶିକ୍ଷା ଅଧିକାରୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ଐତିହ୍ୟ ଓ ସଂସ୍କୃତି ମୂଳକ ପ୍ରତିଯୋଗିତା କରାଇବେ।

ସେହିପରି ପାନୀୟ ଜଳ ଟ୍ୟାଙ୍କର, ରାସ୍ତାରେ ପାଣି ସିଂଚନ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟ ସମ୍ପାଦନ କରିବେ। ବିଭିନ୍ନ ପ୍ରତିଭାକୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ଜାନୁୟାରୀ ୧୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ହଟକେଶ୍ୱର ମକର ମହୋତ୍ସବ ଶୁଭ ଖୁଁଟି ସ୍ଥାପନ ନିମନ୍ତେ ଶୁଭ ଦିନ, ଶୁଭ ସମୟ ପାଞ୍ଜି ଦେଖି ଅନୁଷ୍ଠିତ ହେବ। ରାସ୍ତାଘାଟ ବିଜୁଳି ଆଲୋକି କରଣ ଏସଡିଓ, ଇଲେକ୍ଟ୍ରିକାଲ କାର୍ଯ୍ୟ ସମ୍ପାଦନ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାର ପଲ୍ଲୀ ର ସଭାପତି ଓ ସଭ୍ୟଗଣ, ମହୋତ୍ସବ କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦିଲ୍ଲୀପ କୁମାର ମହାପାତ୍ର, ବାଘମାରି ସରପଂଚ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବୁଦ୍ଧିଜୀବୀ, ବେଗୁନିଆ ସଦର ମହକୁମା ବରିଷ୍ଠ ନାଗରିକ, ହଟକେଶ୍ୱର ମନ୍ଦିର କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରଭୁ ହଟକେଶ୍ୱରଙ୍କ ପବିତ୍ର ମକର ମହୋତ୍ସବ ଶାନ୍ତି ଶୃଙ୍ଖଳା ଭାଇଚାରା ସହକାରେ ସମ୍ପନ୍ନ କରିବାକୁ ବିଧାୟକ ଶ୍ରୀ ସାହୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ।

### କାଶୀ ତାମିଲ ସଙ୍ଗମମ୍ ୪.୦ ର ସମାପନ କାର୍ଯ୍ୟକ୍ରମ

# ଭାଷାଗତ ବିବିଧତା ଜ୍ଞାନର ସେତୁ ସାଜିଲେ ଭବିଷ୍ୟତ ଶକ୍ତିଶାଳୀ ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାଷାଗତ ବିବିଧତା ଜ୍ଞାନର ସେତୁ ସାଜିଲେ ଭାରତର ଭବିଷ୍ୟତ ଶକ୍ତିଶାଳୀ ହେବ ବୋଲି ମଙ୍ଗଳବାର ତାମିଲନାଡୁର ରାମେଶ୍ୱରମ ଠାରେ 'କାଶୀ ତାମିଲ ସଙ୍ଗମମ୍ ୪.୦'ର ସମାପନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରୁ ଆରମ୍ଭ ହୋଇଥିବା ଏହି ସଙ୍ଗମମ୍ ଆମର ବୌଦ୍ଧିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସେଲିବ୍ରେଟ୍ କରିବା ସହ ଜାତୀୟ ସଂହତିକୁ ଅଧିକ ସୁଦୃଢ଼ କରିଛି । କାଶୀର ଗଙ୍ଗା କୂଳରୁ ଆରମ୍ଭ ହୋଇ ରାମେଶ୍ୱରମର ସମୁଦ୍ର କୂଳରେ ପହଞ୍ଚିଥିବା ଏହି କାର୍ଯ୍ୟକ୍ରମ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ନୂତନ ଶକ୍ତି ପ୍ରଦାନ କରିବା ସହ ଉଭୟ



ଅଞ୍ଚଳର ଶତାବ୍ଦୀ ପୁରୁଣା ସମ୍ପର୍କକୁ ପୁନର୍ଜୀବିତ କରିଛି ।

ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି ଯେ, ସମସ୍ତଙ୍କୁ ସାମିଲ କରିବା ଏବଂ ଭାରତୀୟ ସଭ୍ୟତାର ଜ୍ଞାନକୁ ସହଜ କରିବା ହେଉଛି କାଶୀ ତାମିଲ ସଙ୍ଗମମ୍ ଏବଂ ଜାତୀୟ ଶିକ୍ଷା ନୀତିର ମୂଳ ଲକ୍ଷ୍ୟ । ଯେତେବେଳେ ଆମେ ବିବିଧତାକୁ ସମ୍ମାନ ଦେଉ ଏବଂ ଭାଷାଗତ ବୈଚିତ୍ର୍ୟକୁ ଜ୍ଞାନର ସେତୁ ଭାବେ ଗ୍ରହଣ କରୁ, ସେତେବେଳେ ଭାରତର ଭବିଷ୍ୟତ ଆହୁରି ଶକ୍ତିଶାଳୀ ହୁଏ ବୋଲି ସେ କହିଛନ୍ତି । ତାମିଲ ସଭ୍ୟତା କେବଳ ଏକ ଆଞ୍ଚଳିକ ପରିଚୟ ନୁହେଁ, ବରଂ ଏହା ଭାରତର ସାଭ୍ୟତିକ ଯାତ୍ରାର ମୂଳଦୁଆ । ଚଳିତ ବର୍ଷର ବିଷୟବସ୍ତୁ 'ତାମିଲ କର୍କଲମ୍' କେବଳ ତାମିଲ ଶିକ୍ଷାକୁ ପ୍ରୋତ୍ସାହିତ କରୁନାହିଁ, ବରଂ ଭାରତର ପ୍ରାଚୀନ ଜ୍ଞାନର ଦ୍ୱାର ଖୋଲିଛି । କାଶୀ ତାମିଲ ସଙ୍ଗମମ୍ ଆଗାମୀ ଦିନରେ ଭାରତର ଯୁବପିଢ଼ିଙ୍କୁ ଆମର ଗୌରବମୟ ସଭ୍ୟତାର ଗର୍ବିତ ବାହକ ହେବା ପାଇଁ ଅନୁପ୍ରାଣିତ କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ତାମିଲନାଡୁ ସ୍ଥିତ ଡ. ଏପିଜେ ଅବଦୁଲ କଲାମ ମେମୋରିଆଲ ପରିଦର୍ଶନ କରିଥିଲେ ।

# ସାକ୍ଷୀଗୋପାଳ କଲେଜରେ ପାଠଚକ୍ର

ସାକ୍ଷୀଗୋପାଳ , (ସବ୍ୟୁ) : ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳର ସଭାଗୃହରେ ସୋମବାର ଦିନ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ରସାୟନ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ 'ସବୁଜ ନାନୋ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶକୁ ଏକୀକୃତ କରିବା ' ଶୀର୍ଷକ ଏକ ସମ୍ପାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ପ୍ରାଧାପିକା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ର ଏବଂ ମୁଖ୍ୟ ବକ୍ତା ଭାବରେ ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରାଧାପକ ଡ଼ଃ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ଅଧାପିକା ରଶ୍ମିତା ପରିଡ଼ା ପ୍ରଥମେ ମଂଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ରସାୟନ ବିଭାଗ ର ଅଧାପିକା ପ୍ରଜ୍ଞା ପରମିତା ଲେଙ୍କା ପାଠଚକ୍ରର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ବିବରଣୀ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟଅତିଥି ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ନାନୋ ପ୍ରଯୁକ୍ତିବିଦ୍ୟାର ଆବିଷ୍କାର ସମ୍ବନ୍ଧରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଡ଼ଃ ମିଶ୍ର ନାନୋ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ କିପରି ଏହି ନାନୋ ପ୍ରଯୁକ୍ତିବିଦ୍ୟାକୁ ବର୍ତ୍ତମାନର ପିଢ଼ି ବ୍ୟବହାର କରି ଉର୍ନ୍ନତିର ଅଭିମୁଖେ ଯାଇପାରିବେ ସେ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ସେହିପରି ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ପଟ୍ଟନାୟକ ପାଠଚକ୍ର ସମ୍ବନ୍ଧରେ ଏକ ସମ୍ୟକ ବିବରଣୀ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମଟିକୁ ଆୟୋଜିତ କରିଥିବା ବିଭାଗୀୟ ଅଧାପକ, ଅଧାପିକା ତଥା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ । ଗଣିତ ବିଭାଗର ମୁଖ୍ୟ ପ୍ରାଧାପକ ଧନୁର୍ଦ୍ଧର ମୁଦୁଲି ପାଠଚକ୍ର ବିଷୟ ସମ୍ବନ୍ଧରେ ସଓ୍ୱମତ ଉପସ୍ଥାପନ କରିଥିଲେ । ବିଭାଗୀୟ ଛାତ୍ରଛାତ୍ରୀ ରିତେଶ ଏବଂ ପ୍ରଜ୍ଞା ଏହି କାର୍ଯ୍ୟକ୍ରମରେ ନିଜସଓ୍ୱ ଭିତ୍ତି ପତ୍ର ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମାନେକା ଗାନ୍ଧୀ ପ୍ରଦାନ କରିବେ ଗାନ୍ଧି ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, (ସବ୍ୟୁ): ପରିବେଶ ଓ ପ୍ରାଣୀ ସଂପଦ ସୁରକ୍ଷା କ୍ଷେତ୍ରରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ମାନେକା ଗାନ୍ଧୀ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଜାନୁଆରୀ ୪ ତାରିଖ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ସଭାଗୃହରେ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ଅଂଶଗ୍ରହଣ କରିବେ। ପାଟକୁରା ଗାନ୍ଧୀ ଭାବେ ପରିଚିତ ବିଶିଷ୍ଟ ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ପୁଣ୍ୟ ତିଥି ଅବସରରେ ପ୍ରତିବର୍ଷ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଥାଏ। ପ୍ରାଣୀ ସଂପଦର ଆବଶ୍ୟକତା, ସୁରକ୍ଷା ଓ କଲ୍ୟାଣ କ୍ଷେତ୍ରରେ ଗାନ୍ଧୀଜୀଙ୍କ ମାର୍ଗ ଦର୍ଶନ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତା ଉପରେ ଶ୍ରୀମତୀ ଗାନ୍ଧୀ ବକ୍ତବ୍ୟ ରଖିବେ। ଏହି ଅବସରରେ ପ୍ରଫେସର ନିବେଦିତା ମହାନ୍ତି ଭିତ୍ତି ଅଭିଭାଷଣ ପ୍ରଦାନ କରିବେ। ରାଜକିଶୋର ନାୟକ ଜାତୀୟ ପ୍ରତିଷ୍ଠାନ ପକ୍ଷରୁ ବିଗତ ବର୍ଷମାନଙ୍କରେ ଅନୁଷ୍ଠିତ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ବହୁ ବିଶିଷ୍ଟ ବ୍ୟକ୍ତି ବକ୍ତବ୍ୟ ପ୍ରଦାନ କରିଛନ୍ତି। ଜାନୁଆରୀ ୪ ତାରିଖ ସକାଳ ସାଢ଼େ ୧୦ଟାରେ ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରତିଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

### ଓଡ଼ିଶାର ପୂର୍ବତନ ସୈନିକମାନଙ୍କ ପାଇଁ ଐତିହାସିକ ବିଜୟ

# କଟକରେ କାର୍ଯ୍ୟ କରିବ ଆର୍ମ୍ଡ ଫୋର୍ସେସ୍ ଟ୍ରିବ୍ୟୁନାଲ୍ ସର୍କିଟ୍ ବେଞ୍ଚ

ଭୁବନେଶ୍ୱର, (ସବ୍ୟୁ) ଓଡ଼ିଶାର ସେବାରତ ଓ ଅବସରପ୍ରାପ୍ତ ସୈନିକ, ବୀର ନାରୀ ଓ ତାଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଏକ ଐତିହାସିକ ଓ ବହୁପ୍ରତୀକ୍ଷିତ ସଫଳତା ଆସିଛି । ଆର୍ମ୍ଡ ଫୋର୍ସେସ୍ ଟ୍ରିବ୍ୟୁନାଲ୍ ର ସର୍କିଟ୍ ବେଞ୍ଚ କଟକ, ଓଡ଼ିଶାରେ କାର୍ଯ୍ୟ କରିବ । ଏହି ସଫଳତା ଇଣ୍ଡିଆନ୍ ଏକ୍ସ-ସର୍ଭିସେସ୍ ଲିଗ୍ ଓଡ଼ିଶା, ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ପିଟିସନ୍ (ସିଭିଲ୍) ନମ୍ବର ୨୭୩/୨୦୨୪ ଉପରେ ଭାରତର ମହାନୁଭାବ ସୁପ୍ରିମ୍ କୋର୍ଟଙ୍କ ଅନୁକୂଳ ଆଦେଶ ପରେ ସମ୍ଭବ ହୋଇଛି । ମହାନୁଭାବ ସୁପ୍ରିମ୍ କୋର୍ଟ ଓଡ଼ିଶାରେ ବେଞ୍ଚ ନଥିବାରୁ ପୂର୍ବତନସୈନିକମାନେ କଲକାତା କିମ୍ବା ନୂଆଦିଲ୍ଲୀ ଯିବାକୁ ବାଧ୍ୟ ହେଉଥିବା ଗୁରୁତର ସମସ୍ୟାକୁ ସ୍ୱୀକାର କରି, କଲକାତା ରିଜିଓନାଲ୍ ବେଞ୍ଚ ଅଧୀନରେ ଓଡ଼ିଶାରେ ଏକ ସର୍କିଟ୍ ବେଞ୍ଚ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାଟିକୁ ଏୟାର୍ ଭେଟେରାନ୍ ଆଇନଜୀବୀ ସାମରେନ୍ଦ୍ର ବେଉରା ଦ୍ୱାରା ଗଭୀର ଦକ୍ଷତା, ନିଷ୍ଠା ଓ ସେନା ସେବା ଆଇନର ଗଭୀର ଜ୍ଞାନ ସହିତ ଯୁକ୍ତିତର୍କ କରାଯାଇଥିଲା । ସର୍କିଟ୍ ବେଞ୍ଚର କାର୍ଯ୍ୟସୂଚୀ ଅନୁଯାୟୀ ଜାନୁଆରୀ ୭,୮ ଓ ୯ରେ ଓଡ଼ିଶା ଉଚ୍ଚନ୍ୟାୟଳୟ ପରିସର ଗ୍ରାଉଣ୍ଡଫ୍ଲୋରରେ କାର୍ଯ୍ୟକାରୀ ହେବ । ସଦସ୍ୟମାନେ ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ନନ୍ଦିତା ଦୁବେ – ନ୍ୟାୟିକ ସଦସ୍ୟ, ଏଏଫ୍‌ଟି ପ୍ରଧାନ ବେଞ୍ଚ, ନୂଆଦିଲ୍ଲୀ ଲେଃ ଜେନେରାଲ୍ ଶଶାଙ୍କ ଶେଖର ମିଶ୍ର (ଅବସରପ୍ରାପ୍ତ) – ପ୍ରଶାସନିକ ସଦସ୍ୟ ଓ ଏଚ୍‌ଓଡି, ଏଏଫ୍‌ଟି କୋଲକାତା ଏହି ବେଞ୍ଚରେ କଲକାତା ଇରଞ୍ଜ ରିଜିଓନାଲ୍ ବେଞ୍ଚ ସହ ସମ୍ପୃକ୍ତ ସମସ୍ତ ମାମଲା କଜ୍ ଲିଷ୍ଟ ଅନୁସାରେ ଶୁଣାଣି ହେବ ।

# ପଟିଆରୁ ଅଧ ଏକର ଜମି ଜବରଦଖଲମୁକ୍ତ

ଭୁବନେଶ୍ୱର(ସବ୍ୟୁ): ଇନଫୋସିଟି ଥାନା ଅନ୍ତର୍ଗତ ପଟିଆ ମୌଜାରେ ପ୍ଲଟ -୫୧୮ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ଦୁଇଦିନ ଧରି ଚାଲିଥିବା ଉଚ୍ଛେଦ ଅଭିଯାନରେ ୩୦ରୁ ଉର୍ଦ୍ଧ୍ୱର୍ ଘର, ଦୋକାନ, ହୋଟେଲ ମାଟିରେ ମିଶାଇ ଦିଆଯାଇଛି । ଏହାସହ ଅଧ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା । ଏହି ଉଚ୍ଛେଦରେ ୪ଟି ଲୁହା ଗେଟ୍, ୪ଟି ଛାତ ଘର, ୨୪ଟି ଆଜବେଷ୍ଟସ ଘର, ୮ଟି ଶୌଚାଳୟ, ୨ଟି ପାଣି ଟାଙ୍କି, ପ୍ରାୟ ୫୦ ଫୁଟ ପାଚେରୀ ଏବଂ ଗୋଟିଏ ଲୁହା ଗେଟ୍ ଭଙ୍ଗାଯାଇଥିଲା । ସମୟ ଅଭାବରୁ ଆଂଶିକ ଭାବରେ ଉଚ୍ଛେଦ ଅଭିଯାନ କରାଯାଇଥିଲା । ପ୍ଲଟ୍ ନମ୍ବର-୫୧୮ ଉପରେ ହୋଇଥିବା ଜବରଦଖଲରୁ ପ୍ରାୟ



୦.୫୦୦ ଡିସିମିଲ୍ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ପୋଲିସ ଫୋର୍ସ ଓ ଏକ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା । ଉଚ୍ଛେଦ ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିବା ବେଳେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନମ୍ବର ୦୧, ୦୪ ଏବଂ ୦୫ ଉଚ୍ଛେଦରେ ନିୟୋଜିତ ହୋଇଥିଲେ ।

## ଅଧୀର ମୋହନ ଜେନାଙ୍କ ସ୍ମୃତିଚାରଣ ସଭା

ଫୁଲନଖରା, (ସବ୍ୟୁ):ବାରଙ୍ଗ ବ୍ଲକ ଉଷ୍ଟୁମା ଗ୍ରାମପଂଚାୟତ ସ୍ଥିତ ଦକ୍ଷିଣ ଉଷ୍ଟୁମା ଗ୍ରାମର ଅବସରପ୍ରାପ୍ତ ଭାରତୀୟ ଆର୍ମିର ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱର୍ଗତ ଅଧୀର ମୋହନ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରି ସଭାପତି ତଥା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କୃତିବାସ ସ୍ୱାଇଁ,କପିଳାଷ ସ୍ୱାଇଁ,ଅଭିଲାଷ ସ୍ୱାଇଁ,ପ୍ରଭାସ ଜେନା,ଅମିତ କୁମାର ଜେନା,ମନ୍ମଥ ମହାନ୍ତି,ଲଲାଟ ଚୌଧୁରୀ ପ୍ରମୁଖ ଗ୍ରାମର ବୁଦ୍ଧିଜୀବୀ ଓ ମୁରବୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଜେନା ନିଜ ଉଦ୍ୟମରେ ଏକ ଇଂରାଜୀ ବିଦ୍ୟାଳୟ ଗଠନ କରିବା ସହିତ ଅରଡ଼ିଆପଦା ଗ୍ରାମରେ ଏକ ସାଇମନ୍ଦିର ପ୍ରତିଷ୍ଠା କରିଥିଲେ ।

### ୪ରେ ଆରମ୍ଭ ହେବ ପଥ ଉତ୍ସବ

# ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର

ଭୁବନେଶ୍ୱର(ସବ୍ୟୁ): ଶୀତୁଆ ସକାଳର ମଜା ନେବା ପାଇଁ ଭୁବନେଶ୍ୱରବାସୀଙ୍କ ପାଇଁ ଖୁବ୍‌ଶୀଘ୍ର ଆସୁଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପଥ ଉତ୍ସବ । ରାଜଧାନୀରେ ପୁଣି ଆରମ୍ଭ ହେବ ପଥ ଉତ୍ସବ । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ଚାଲିଛି । ଚଳିତ ବର୍ଷ ପଥ ଉତ୍ସବକୁ ଟିକିଏ ନିଆରା ଢଙ୍ଗରେ କରିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ମଙ୍ଗଳବାର ଏକ ପ୍ରଚାର ଗାଡିର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରାମଚନ୍ଦ୍ର ରଣସିଂହ ପତାକା ଦେଖାଇ ଏହି ପ୍ରଚାର ଗାଡିର ଶୁଭାରମ୍ଭ କରିଥିଲେ ।

ବିଏମ୍‌ସି ପକ୍ଷରୁ ଆସନ୍ତା ୪ ତାରିଖ ସକାଳ ସାଢେ ୬ ଟାରୁ ମାଷ୍ଟର କ୍ୟାଣ୍ଟିନଠାରୁ ରାମ ମନ୍ଦିର ମଧ୍ୟରେ ୨୦୨୫-୨୬ର ପ୍ରଥମ ପଥ ଉତ୍ସବ ଅନୁଷ୍ଠିତ ହେବ । ଏହାର ମଜା ନେବା ପାଇଁ ଭୁବନେଶ୍ୱରବାସୀଙ୍କୁ



ଅନୁରୋଧ କରିଛନ୍ତି ମେୟର । ଜାନୁଆରୀ ୧୮ ତାରିଖରେ ନୂଆ-ଜାଗମରା-ବରମୁଣ୍ଡା ରାସ୍ତା ଏବଂ ଫେବୃଆରୀ ୧ ତାରିଖରେ ଇନ୍ଫୋସିଟିଠାରେ ମଧ୍ୟ ପଥ ଉତ୍ସବ ଅନୁଷ୍ଠିତ ହେବ । ୪ ତାରିଖରେ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତରେ ଝୁମିବେ ଦର୍ଶକ । ଆଉ ପପୁ ପମ୍ପପମଙ୍କ କମେଡିରେ ମତୁଆଲା ହେବେ । ଖାଲି ସେତିକି ନୁହେଁ ଯୋଗ, ଜୁମ୍ବା, ରଙ୍ଗୋଲି, କିଡ୍ସ କିଙ୍ଗଡମ୍, ସ୍କେଟିଂ, ଚିତ୍ରାଙ୍କନ, ପାରମ୍ପାରିକ ନୃତ୍ୟ ଗୀତରେ ଝୁମିବେ ଦର୍ଶକ । ଦର୍ଶକଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ଉନ୍ମେଷ ପାଇଁ ଖୋଲା ରହିବ ଭୁବନେଶ୍ୱର ଗଡ ଟ୍ୟାଲେଣ୍ଟ ମଞ୍ଚ । ଏଥିରେ ନୃତ୍ୟ, ଗୀତ, ଏକକ ଅଭିନୟ, ମିମିକ୍ରି ଆଦି ପ୍ରଦର୍ଶନ କରିପାରିବେ । ଏଥିରେ ସବୁ ବର୍ଗର ମହିଳା ଓ ପୁରୁଷ ଅଂଶଗ୍ରହଣ କରିପାରିବେ ।

ଏତିକିରେ ଉତ୍ସବ ସୀମିତ ନାହିଁ, ରହିଛି ଖାଦ୍ୟ ବଜାର । ବିଭିନ୍ନ ଖାଦ୍ୟର ମଜା ମଧ୍ୟ ଉଠାଇ ପାରିବେ ପଥଚାରୀ । ସେହିପରି ମହିଳା ଓ ବାଳିକାମାନଙ୍କ ପାଇଁ ରଙ୍ଗୋଲି, ପୁଚି, ଚିତ୍ରାଙ୍କନ ରହିଥିବା ବେଳେ ଫେସ୍ ପେଣ୍ଟିଂ କରି ଶିଶୁମାନେ କିଡ୍ସ କିଙ୍ଗଡମରେ ବିଭୋର ହେବେ । ରବିବାର ଶୀତୁଆ ସକାଳରେ ଏଥର ହଜାର ହଜାର ଦର୍ଶକ ସାମିଲ ହେବେ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମ ସକାଳ ସାଢେ ୬ଟାରୁ ଆରମ୍ଭ ହୋଇ ସାଢେ ୯ ଟା ପର୍ଯ୍ୟନ୍ତ ଚାଲିବ ।

### ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ବିଜେପିରେ ଯୋଗଦେଲେ ଯୁବନେତା ସୁବ୍ରତ ଶତପଥୀ ଓ ମୁକେଶ ମହାରଣା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର କାର୍ଯ୍ୟ କରିଚାଲିଛି। ଏନେଇ ଓଡ଼ିଶାବାସୀଙ୍କ ମନରେ ଉତ୍ସାହପୂର୍ଣ୍ଣ



ବାତାବରଣ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ଆସ୍ଥା ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୃଢ଼ ସାଙ୍ଗଠାନିକ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ଡବଲ ଇଂଜିନ ସରକାରଙ୍କ ବିକାଶ ମଡେଲ ଉପରେ ଆସ୍ଥା ପ୍ରକଟ କରି ସମସ୍ତେ ଏବେ ବିଜେପି ମୁହାଁ ହେବାରେ ଲାଗିଛନ୍ତି। ମୋଦିଜୀଙ୍କ ନେତୃତ୍ୱ ବିଜେପିକୁ ଆଜି ବିରାଟ ବଟବୃକ୍ଷରେ ପରିଣତ କରିଛି ବୋଲି ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ଅଭିଲାଷ ପଣ୍ଡା କହିଛନ୍ତି। ଦଳର ବିଚାରଧାରା ଉପରେ ଅନୁପ୍ରାଣିତ ହୋଇ ଛାତ୍ର ନେତା ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସମ୍ପାଦକ ସୁବ୍ରତ ଶତପଥୀ ନେତୃତ୍ୱରେ ବିଜୁ ଜନତା ଦଳ ଛାଡ଼ି ତାଙ୍କର ବହୁ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶ୍ରୀ ମୁକେଶ କୁମାର ମହାରଣା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଧୀରଜ ପଟ୍ଟନାୟକ, ରାଜେଶ ଦାସ, ଅଜର ଅମର ମିଶ୍ର, ଲିଙ୍ଗରାଜ ନାୟକ, ମନୋଜ ଦାସ, ଦେବପ୍ରସାଦ ପଣ୍ଡା, ଫିଂଟୁ ସାହୁ, ସ୍ୱାଧୀନ କର, ସୁନାମ ଦୀକ୍ଷିତ, ଉଦୟ ପ୍ରକାଶ ପୃଷ୍ଟି, ସାଗର ସାହୁ, ଗଣେଶ୍ୱର ସାମଲ, କୈଳାସ ଦାସ ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ଶ୍ରୀ ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ଜିଲ୍ଲା ପ୍ରଭାରୀ ଇଂ.ଜ୍ଞାନଦେବ ବେଉରା, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ ଓ ସୁବ୍ରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି।

## କୈଳାଶ ଚନ୍ଦ୍ର ସାହୁ ପାଇବେ 'ଜଗନ୍ନାଥ ରଥ ଖଦୀ ସମ୍ମାନ'

କଟକ, (ସବ୍ୟୁ): ଆସନ୍ତା ଜାନୁଆରୀ ୩ ତାରିଖ ସନ୍ଧ୍ୟାରେ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ ପରିସରରେ ବିଶିଷ୍ଟ ସର୍ବୋଦୟ ସାଧକ ତଥା ଜନସେବକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସାହୁଙ୍କୁ ମର୍ଯ୍ୟାଦାଜନକ 'ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ରଥ ଖଦୀ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଜଗନ୍ନାଥ ରଥ ସ୍ମାରକୀ ସମିତି ଏବଂ ଉତ୍କଳ ଗାନ୍ଧୀ ସ୍ମାରକ ନିଧିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଶ୍ରୀ ସାହୁଙ୍କୁ ତାଙ୍କର ଖଦୀ ପ୍ରତି ସମର୍ପିତ ଦୀର୍ଘ ବର୍ଷର ନିରଳସ ଜୀବନ ନିମନ୍ତେ ସମ୍ମାନିତ କରାଯିବ।ବର୍ତ୍ତମାନ କୈଳାଶ ସାହୁ ଅନୁଗୋଳର ଐତିହାସିକ ବାଜି ରାଉତ ଛାତ୍ରାବାସର ପରିଚାଳକ ଭାବେ କାର୍ଯ୍ୟରତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ରଥ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, କୃପାସିନ୍ଧୁ ହୋତା, ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଏବଂ ମା' ରମାଦେବୀଙ୍କ ଭଳି ବରେଣ୍ୟ ନେତାମାନଙ୍କର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ। ସେ କୁହୁଡ଼ି ଲବଣ ସତ୍ୟାଗ୍ରହର ଅନ୍ୟତମ ନାୟକ ଥିଲେ। ଜଣେ ନିଷ୍ଠାପର ମୁକ୍ତି ସଂଗ୍ରାମୀ ଭାବେ ସେ ଓଡ଼ିଶାରେ ଉତ୍କଳମଣିଙ୍କ ଦେହାନ୍ତ ପରେ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ 'ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ' ପ୍ରତିଷ୍ଠା କରିଥିଲେ। ଏହି ସଂଘ ସମଗ୍ର ଓଡ଼ିଶାରେ ଖଦୀ ଆନ୍ଦୋଳନକୁ ବ୍ୟାପକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

# ୧୦ ଗ୍ରାମ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ବରୁଣେଇ ସାମନ୍ତରାପୁର ରୋଡ୍ ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରୁ ପୁଲିସ ଏକ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ତାଠାରୁ ୧୦ଗ୍ରାମ ଓଜନ ର ବ୍ରାଉନସୁଗର ଜବତ କରିଛି। ଗିରଫ ଜଣକ ହେଲେ ବେଗୁନିଆ ମାଣିବନ୍ଧ ର ସୁଶାନ୍ତ କୁମାର ପାଇକରାୟ ଓରଫ୍ କାଲୁ (୩୬)। ପୁଲିସ ସୂଚନା ଅନୁସାରେ, ଆଜି ସୁଶାନ୍ତ ବ୍ରାଉନସୁଗର ନେଇ ବରୁଣେଇ ସାମନ୍ତରାପୁର ରୋଡ୍ ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରେ କାହାକୁ ଅପେକ୍ଷା କରିଥିବା ପୁଲିସ ଖବର ପାଇଥିଲା। ତାକୁ ଧରିବାକୁ ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ଟିମ୍ ସେଠାରେ ଚଢଉ କରି ସୁଶାନ୍ତ କୁ ଗିରଫ କରିଥିଲେ। ତାଠାରୁ ବ୍ରାଉନସୁଗର ଜବତ କରିଥିଲେ। ଏସଆଇ ମହାନ୍ତିଙ୍କ



ଅଭିଯୋଗ କ୍ରମେ ଶିଙ୍ଗାଂଚଳ ପୁଲିସ ୩୧୩/୨୦୨୫ରେ ଏନ.ଡି.ପି.ଏସ୍. ଆଇନ୍ ଧାରା ୨୧(ବି) ଅଧିନରେ ଏକ ମାମଲା କରି ସୁଶାନ୍ତ କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମାମଲାର ତଦନ୍ତ କାର୍ଯ୍ୟ ଏସ୍.ଆଇ. ସ୍ୱାଗତିକା ଦାସ କରୁଥିବାବେଳେ ଏହି ଚଢାଉରେ ଏସ୍.ଆଇ. ଅଶୋକ ମହାନ୍ତିଙ୍କ ସମେତ ଏ.ଏସ୍.ଆଇ. ଭଗବାନ ସ୍ୱାଇଁ, ହାବିଲଦାର୍ ବି.କେ. ପ୍ରତାପ ସିଂହ, କନଷ୍ଟେବଲ୍ ପ୍ରଦୀପ କୁମାର ହରିଚନ୍ଦନ, କନଷ୍ଟେବଲ୍ ଗୋପୀନାଥ ମଙ୍ଗରାଜ ଓ ଓ.ଏ.ପି.ଏଫ୍/୩୭ ବିଜୟ କହଁର ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଥମ ଥର ପାଇଁ ଭାରତୀୟ ସମୁଦ୍ର ଜଳରେ

# ଭାରତୀୟ ପ୍ରାଣୀ ସର୍ବେକ୍ଷଣ ଦ୍ୱାରା 'ମେଗିଟସ ଗୋବି' ମାଛର ଆବିଷ୍କାର

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସ୍ଥିତ ଗୋପାଳପୁର ବନ୍ଦର ଆର୍ଜିପଲ୍ଲି ସମୁଦ୍ର ତଟରୁ ଭାରତୀୟ ସମୁଦ୍ର ଜଳରେ ପ୍ରଥମ ଥର ପାଇଁ "ମେଗିଟ୍ସ୍ ଗୋବି' ଚିହ୍ନଟ ହୋଇଛି । ଏହି ମାଛଟି ଗତବର୍ଷ ଡିସେମ୍ବର ମାସରେ ଗୋପାଳପୁର ବନ୍ଦର ନିର୍ମାଣ ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏକ କୃତ୍ରିମ ପଥରିଆ ସମୁଦ୍ର ତଟର ଜୁଆର ଭଙ୍ଗା ପ୍ରଭାବିତ ଛୋଟ ପଠରିଆ ସ୍ଥାନରୁ ସଂଗ୍ରହ କରାଯାଇଥିଲା । ଏହି ମାଛକୁ ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ଼.ଅନିଲ ମହାପାତ୍ରଙ୍କ ସମେତ କେନ୍ଦ୍ରର ଗବେଷକ, ଗବେଷିକା ରାଜେଶ କୁମାର ବେହେରା, ଟି.କେ.ଏସ. ପଥାଚାରି, ଡ଼ ସ୍ୱରୂପ ରଞ୍ଜନ ମହାନ୍ତି, ସ୍ମୃତିରେଖା ଆଚାର୍ଯ୍ୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାସ୍କର ବେହେରା, ଜେଡଏସ ଆଇର ଶୁଭେନ୍ଦୁ ଶେଖର ମିଶ୍ର, କେ.କେ. ବିନିସ ମିଳିତ



ଭାବେ ଅନୁସନ୍ଧାନ କରିଥିଲେ । ବୈଜ୍ଞାନିକ ଡ଼. ମହାପାତ୍ରଙ୍କ ମତନୁସାରେ, ଏପରି କୃତ୍ରିମ ପଥରିଆ ଯାଗା ଗୁଡ଼ିକରେ ଗୋବି ଓ ପ୍ୟାରଟ୍ ମାଛ ପ୍ରଜାତି ମାନଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ସ୍ଥଳ ଭାବେ କାମ କରୁଛି । ଏହି "ମେଗିଟ୍ସ୍ ଗୋବି' ମାଛର ଶରୀର ଲମ୍ବା ଓ ମୁଣ୍ଡ ରେ କାତି ନଥାଏ ଏବଂ ଶରୀର ପ୍ରାୟ ଗୋଲିଆ । ଏହାର ଚକ୍ଷୁ ମୁଣ୍ଡର ଆଗ ଭାଗରେ ଅବସ୍ଥିତ ଓ ଛୋଟ, ଅର୍ଦ୍ଧ ଚନ୍ଦ୍ରାକାର ମୁଁହ ଏହାର ଏକ ବିଶେଷ ଆକୃତି । ପାଟିର ଉଭୟ ମାଡିରେ ଏକାଧିକ ଦାନ୍ତ ରହିବା ସହ ମୁନିଆ ଓ ଶକ୍ତ ରହିଥାଏ । ଏମାନେ ଉପକୂଳ ଅଞ୍ଚଳରେ ରହୁଥିବା ପଥରିଆ ଫାଙ୍କରେ ବସବାସ କରନ୍ତି । ପଥରରେ ଲାଗିଥିବା ଶିଉଳି ଓ ଅନ୍ୟ ଜିନିଷକୁ ଖାଦ୍ୟ ଭାବେ ଗ୍ରହଣ କରେ । ଏହି ମାଛ ଛୋଟ ହୋଇଥିବାରୁ ପକ୍ଷୀ ଓ ମାଛ ମାନେ ଖାଦ୍ୟ ଭାବେ ବ୍ୟବହାର କରନ୍ତି । ଏମାନଙ୍କ ରଙ୍ଗ ଧୂସର ମାଟିଆ ଏବଂ କଳା ଛିଟ ରହିଥାଏ । ଏମାନେ ମେରୁଦଣ୍ଡି ଅଟନ୍ତି । ଏହି ପ୍ରଜାତିର ମାଛ ଭାରତୀୟ ସାମୁଦ୍ରିକ ଆର୍ଜିପଲ୍ଲୀ ଅଂଚଳରୁ ପ୍ରଥମ ଥର ଚିହ୍ନଟ ହୋଇଛି । ଏହି ମାଛକୁ ଗୋପାଳପୁର କେନ୍ଦ୍ରକୁ ଅଣାଯାଇ ଏହାର ପରୀକ୍ଷା ନିରୀକ୍ଷା କରାଯାଇ ବିବରଣୀ ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଜର୍ଣ୍ଣାଲ ନାସନାଲ ଏକାଡେମୀ ଅଫ ସାଇନ୍ସ ଲେର୍ଟର୍ସରେ ପ୍ରକାଶିତ ହୋଇଥିବା ଓ ଏହି ମାଛର ଅଧିକ ପରୀକ୍ଷା ନିରୀକ୍ଷା କରାଯିବ କେନ୍ଦ୍ରର ବୈଜ୍ଞାନିକ ଡ଼.ମହାପାତ୍ର କହିଛନ୍ତି ।

# ସୁରତରେ ମୃତ ଓଡ଼ିଆ ଶ୍ରମିକଙ୍କ ଅଙ୍ଗଦାନ




ଭଞ୍ଜନଗର, (ସବ୍ୟୁ): ସୁରତରେ ପୁଣି ଅଙ୍ଗଦାନ କରି ଉଦାହରଣ ସୃଷ୍ଟି କଲେ, ମୃତ ଓଡ଼ିଆ ଶ୍ରମିକ । ତାଙ୍କର ମୃତ୍ୟୁପରେ କିଡନୀ ଏବଂ ଫୁସଫୁସ ଦାନ କରିବାକୁ ଅନୁମତି ଦେଲେ ପରିବାର ଲୋକେ । ମୃତ ଶ୍ରମିକ ଜଣକ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବିଡିପୁର ନିକଟସ୍ଥ ଶୋରିଷମୂଳୁ ଗ୍ରାମର ସ୍ୱର୍ଗତ କାଳୁ ସ୍ୱାଇଁଙ୍କ ପୁଅ ସମ୍ବରା ସ୍ୱାଇଁ (୪୪) । ସୂଚନା ପ୍ରକାରେ ଗତ ପ୍ରାୟ ୧୫ ବର୍ଷ ଧରି, ସୁରତର ସୂତାକଳରେ କାମ କରୁଥିଲେ ସମ୍ବରା । ତେବେ ଘଟଣା ଦିନ ସୂତାକଳ କାର୍ଯ୍ୟ ବନ୍ଦ ରହିଥିବାରୁ, ସେ ରହୁଥିବା ଓଲପାହାଡ ସ୍ଥିତ ଭଡାଘରର ଉପର ମହଲାରୁ ଓହ୍ଲାଇଥିବା ବେଳେ, ଗୋଡ ଖସିଯିବାରୁ ସେ ଗୁରୁତର ଆହତ ହୋଇଥିଲେ । ସେଠାରୁ ତାଙ୍କୁ ନିକଟସ୍ଥ ସରକାରୀ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କର ବ୍ରେନ୍ ଡେଥ୍ ହେବାରୁ, ଅଙ୍ଗଦାନ କରିବାକୁ, ମେଡିକାଲ ପକ୍ଷରୁ ତାଙ୍କ ସମ୍ପର୍କୀୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିରେ ପରିବାର ଲୋକେ ଏବଂ ସେଠାରେ ଥିବା ସମ୍ପର୍କୀୟ ତଥା କିଛି ବନ୍ଧୁଙ୍କ ସହମତି ପ୍ରକାରେ ସମ୍ବରାଙ୍କ କିଡନୀ ଏବଂ ଲଙ୍ଗସ୍ ଦାନ କରାଯାଇଥିଲା ।

ପ୍ରକାଶ ଥାଉକି, ତାଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ ଏବଂ ସ୍ତ୍ରୀ ଅଛନ୍ତି । ସେ ଘରର ଏକମାତ୍ର ରୋଜଗାରକ୍ଷମ ଥିବା ବେଳେ, ତାଙ୍କର ଏଭଳି ପରିସ୍ଥିତିରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ବୁଧବାର ଦିନ ତାଙ୍କ ମୃତଦେହ ଗାଁରେ ପହଞ୍ଚିବାର ସୂଚନା ରହିଛି । ଶୋରିଷମୂଳୁ ଗାଁରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ଏଭଳି ପରିସ୍ଥିତିରେ ବିଡିପୁର ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟା ଗୀତାରାଣୀ ବାରିକ, ସମାଜସେବୀ ବିପ୍ରଚରଣ ବାରିକ, ଶିଶିର କାନ୍ତ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଶୋକ ପ୍ରକାଶ କରିବା ସହ, ସଂପୃକ୍ତ ପରିବାରକୁ ସମବେଦନା ଜଣାଇବା ସହମତ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଉମରକୋଟରେ ଟିପିଏସ୍ଓଡିଏଲ୍ ପକ୍ଷରୁ ନୂତନ ଗ୍ରାହକ ସମ୍ପର୍କ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ନୂତନ ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି) ଉଦଘାଟିତ ହୋଇଛି । ଗ୍ରାହକ କୈନ୍ଦ୍ରିକ ସେବାକୁ ପ୍ରାଥମିକତା ଦେଇ ଏବଂ ବିଦ୍ୟୁତ ସେବାକୁ ସୁଦୃଢ଼ କରିବା ପାଇଁ କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ବିଶେଷ ଗୁରୁତ୍ୱ ରଖେ । ନୂତନ ସିଆରସି ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ଦ୍ୱାରା ଉଦଘାଟିତ ହୋଇଛ । ଏହି ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ନୂତନ ଭାବେ ଉଦଘାଟିତ ହୋଇଥିବା ସିଆରସି ପ୍ରାୟ ୧.୨ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ ।

ଉମରକୋଟ ମ୍ୟୁନିସିପାଲଟି, ଉମରକୋଟ, ଝରିଗାଁ, ରାଇଘର ଏବଂ ଚନ୍ଦାହାଣ୍ଡି ବ୍ଲକର ଉପଭୋକ୍ତାମାନେ ଏଥିରୁ ଉପକୃତ ହେବେ । ପ୍ରାୟ ୨,୫୦୦ ବର୍ଗ କିଲୋମିଟରର ବ୍ୟାପ୍ତ ଥିବା ସେବା କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଏହି କେନ୍ଦ୍ରଟି ଗ୍ରାହକଙ୍କ ସମସ୍ୟାର ଦ୍ରୁତ ସମାଧାନ, ଭରସାଯୋଗ୍ୟ ବିଦ୍ୟୁତ ସେବା ଏବଂ ଗ୍ରାହକ-ଅନୁକୂଳ ସେବା ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏଥିରେ ଦୁଇଟି ବିଲିଂ କାଉଣ୍ଟର ଏବଂ ତିନୋଟି ଅଭିଯୋଗ ସମାଧାନ କାଉଣ୍ଟର ରହିଛି, ଯାହା ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବା ସହିତ ସହାୟତା କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ । ନୂତନ ସିଆରସି କେନ୍ଦ୍ରରେ ବିଦ୍ୟୁତ ବିଲ୍ ପୈଠ, ଅଭିଯୋଗ ପଞ୍ଜୀକରଣ, ଡିଜିଟାଲ ମାଧ୍ୟମରେ ଦେଣନେଣକୁ ପ୍ରୋତ୍ସାହନ ଏବଂ ବିଦ୍ୟୁତ ସେବା ଯୋଗାଣ ଓ ଗ୍ରାହକ ସେବା ସମ୍ବନ୍ଧୀୟ ଯେକୌଣସି ସୂଚନା ଉପଭୋକ୍ତାମାନେ ସହଜରେ ପାଇପାରିବେ ।

ଏହି ଅବସରରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗର୍ଗ କହିଛନ୍ତି, ଉମରକୋଟଠାରେ ନୂତନ କରି ସିଆରସି କେନ୍ଦ୍ର ହେବା ଆମର ଗୁଣାତ୍ମକ ସେବାଗୁଡ଼ିକୁ ଗ୍ରାହକଙ୍କ ନିକଟକୁ ଆଣିବାରେ ବିଶେଷକରି, ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳରେ ପହଞ୍ଚାଇବା ପାଇଁ ଟିପିଏସ୍ଓଡିଏଲର ଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛିଛ ସମଗ୍ର ଦକ୍ଷିଣ ଓଡ଼ିଶାରେ ଆମର ଉପଲବ୍ଧତା, ଗ୍ରାହକଙ୍କ ଭରସାକୁ ଦୃଢ଼ କରିବା ଏବଂ ସମୟାନୁବର୍ତ୍ତୀ ଓ ସ୍ୱଚ୍ଛତାର ସହ ବିଦ୍ୟୁତ ସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ଆମର ମୂଳ ଲକ୍ଷ୍ୟ । ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ସ୍ଥାପିତ ନୂତନ ସିଆରସି ଟିପିଏସ୍ଓଡିଏଲ୍ ପକ୍ଷରୁ ୮ମ ସିଆରସି ଅଟେ । ଏହା ପୂର୍ବରୁ ସମଗ୍ର ଦକ୍ଷିଣ ଓଡିଶାରେ କମ୍ପାନୀ ତରଫରୁ ବିଭିନ୍ନ ସ୍ଥାନରେ ଗ୍ରାହକ ସମ୍ପର୍କ କେନ୍ଦ୍ର ରହିଛି । ବ୍ରହ୍ମପୁର, ଆସିକା, ରାୟଗଡ଼ା, ହିଞ୍ଜିଳିକାଟୁ, ଜୟପୁର, ପାରଳାଖେମୁଣ୍ଡି ଏବଂ ମାଲକାନଗିରିରେ ଥିବା ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି) ଉପଭୋକ୍ତାଙ୍କ ସହାୟତା ଏବଂ ଆମର ବିଦ୍ୟୁତ ସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଦିଗରେ କାର୍ଯ୍ୟରତ ଅଛି ।

# ଓଲାଶୁଣୀ ମେଳା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର, (ସବ୍ୟୁ): ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାଯାତ୍ରା ପାଇଁ ପ୍ରଶାସନିକସ୍ତରୀୟ ପ୍ରସ୍ତୁତି ବୈଠକ ସୋମବାର ଓଲାଶୁଣୀପୀଠର ଗଣେଶ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ମେଳାର ସୁପରିଚାଳନା ପାଇଁ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତକରଣ, ସ୍ୱାସ୍ଥ୍ୟସେବା, ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ସେବାକାର୍ଯ୍ୟ, ପାର୍କିଂ ଓ ଗମନାଗମନ ବ୍ୟବସ୍ଥା, ଅପେରା ପରିଚାଳନା, ଆଲୋକୀକରଣ ଓ ପରିଷ୍କାର ପରିଚ୍ଛନ୍ନତା ନେଇ ବିସ୍ତୃତ ଆଲୋଚନା କରାଯାଇ ଏହାକୁ କାର୍ଯ୍ୟକାରୀ କରିବାପାଇଁ ଜିଲ୍ଲାପାଳ



ନିର୍ଦ୍ଦେଶ ଦେଇଥିଲେ । ସମସ୍ତଙ୍କ ସହଯୋଗ ଓ ସହଭାଗିତାର ଧର୍ମ ଓ ସଂସ୍କୃତିପୀଠ ଏହି ଓଲାଶୁଣୀ ମେଳା କିପରି ସୁବ୍ୟବସ୍ଥିତ ଭାବରେ ଅନୁଷ୍ଠିତ ହେବ ସେ ସଂପର୍କରେ ବିଧାୟକ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଓଲାଶୁଣୀ ମହନ୍ତ ନାମାନନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅତିରିକ୍ତ ଏସ୍.ପି. ପୁଷ୍ପଲତା ବାରିକ, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଗାମୀ ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଠାରୁ ଆୟୋଜିତ ଏକ ମେଳାର ପ୍ରଥମ ଦିବସରେ ତ୍ରୟୋଦଶତମ ରାଜ୍ୟସ୍ତରୀୟ ଓଲାଶୁଣୀ ଗୁମ୍ଫା ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ' ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ ଓ ଆଧ୍ୟାତ୍ମିକ ସମାରୋହରେ ବହୁ ମାଣ୍ୟଗଣ୍ୟ ଅତିଥି, ସାଧୁସନ'ମାନେ ଯୋଗଦେବେ ବୋଲି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରକାଶ କରିଥିଲେ ।

ଉଭୟ ଓଲାଶୁଣୀ ପାହାଡ଼ର ଶୀର୍ଷଭାଗରୁ ପାଦଦେଶ ଯାଏଁ ନିରନ୍ତର ବିଦ୍ୟୁତସେବା, ଜଳଯୋଗାଣ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଏସ୍. ଡି.ପି.ଓ. ଲକ୍ଷ୍ମୀଧର ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ବାଲିଚନ୍ଦ୍ରପୁର ଥାନା ଆଇଆଇସି ସମରଜିତ ନାୟକ, ଫାୟାର ଅଫିସର ସନ୍ତୋଷ କୁମାର ସ୍ୱାଇଁ, ଓଲାଶୁଣୀ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବିପିନ ବିହାରୀ ଜେନା, ସରପଂଚ ଆରତୀ ବେହେରା, ସରପଂଚ ବଳରାମ ବେହେରା, ଦିଲ୍ଲୀପ କୁମାର ସାମଲ, ସାମ୍ବାଦିକ ପ୍ରଦୀପ୍ତ ପୃଷ୍ଟି, ଦେବାଶିଷ ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦର୍ପଣ ତହସିଲଦାର ମାନସ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ଶାମ୍ବ ଦଶମୀ ପାଳିତ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ଶାମ୍ବ ଦଶମୀ ପର୍ବ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି । ଏ ଅବସରରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ଅବକାଶ ନୀତି, ବାଲ ସୂର୍ଯ୍ୟ ପୂଜା, ତ୍ରିକାଳ ପୂଜା ନୀତି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ପୁରୋହିତ ଚିତ୍ତ ରଞ୍ଜନ ମିଶ୍ରଙ୍କ ତ%୦ବଧାନରେ ବୈଷ୍ଣବ ଚରଣ ଦାଶ, ଚିନ୍ମୟ ଦାଶ, ପ୍ରଶାନ୍ତ ମିଶ୍ର , ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ହୋମ କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ ମହନ୍ତ ଭକ୍ତରାମ ଦାସ ହୋମ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତ୍ରିକାଳ ସନ୍ଧ୍ୟାରେ ଚନ୍ଦ୍ର ପୂଜା, ଆଳତି, ରାଜ ଭୋଗ, ବଡ ସିଙ୍ଘାର ନୀତି ଆଦି ପୂଜକ ଉମାକାନ୍ତ ଦାଶଙ୍କ ଦ୍ୱାରା ଯଥାବିଧି ପ୍ରକାରେ ସମ୍ପନ୍ନ ହୋଇଥିଲା । ଉକ୍ତ ପର୍ବ ପାଳନ ଅବସରରେ ଚର୍ମ ରୋଗରୁ ମୁକ୍ତି ପାଇବା ପାଇଁ ମାନସିକଧାରୀଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

## ପଣ୍ଡିତ ରହିଦାସ ସିଂ ନାଗଙ୍କ ପୁଣ୍ୟତିଥି ପାଳିତ



ବାରିପଦା, (ସବ୍ୟୁ) : ମୁଣ୍ଡା ଜାତିର ଆଦରଣୀୟ, ଗୌରବ ତଥା ମୁଣ୍ଡାରୀ ବାନି ଲିପିର ଆବିଷ୍କାରକ ପଣ୍ଡିତ ରହିଦାସ ସିଂ ନାଗଙ୍କ ୧୩ତମ ପୁଣ୍ୟତିଥି ଅବସରରେ ମଙ୍ଗଳବାର ଦିନ ମୁଣ୍ଡା ଯୁବ ସଂଗଠନ ଆନୁକୁଲ୍ୟରେ ବାରିପଦା ନିକଟସ୍ଥ ମଧୁବନ ରେ ଥିବା ତାଙ୍କ ପ୍ରତିମୂର୍ତ୍ତି, ତାଙ୍କର କର୍ମଭୂମୀ ଠାରେ ଥିବା ସମାଧିପୀଠ ଏବଂ ରଙ୍ଗାମାଟିଆ ନିକଟସ୍ଥ ଶାଳବଣି ଗ୍ରାମ ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ତାଙ୍କର ଅବଦାନ, ଆଦର୍ଶ ଓ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେ ଜଣେ ଜ୍ଞାନୀ, ସୁଶିକ୍ଷିତ ଓ ସମାଜମୁଖୀ ବ୍ୟଛି ଥିଲେ। ସେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ସଦା ଚେଷ୍ଟାଶୀଳ ଥିଲେ। ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା ତାଙ୍କ ଜୀବନର ପ୍ରଧାନ ବୈଶିଷ୍ଟ୍ୟ ଥିଲା। ତାଙ୍କ ପୁଣ୍ୟତିଥି ଅବସରରେ ସମାଜସେବୀ ତଥା ମୁଣ୍ଡା ଯୁବ ସଂଗଠନର ଉପଦେଷ୍ଟା ରାକେଶ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସଂପାଦକ ଛାଟିଆ ସିଂ, ମୁଣ୍ଡାରୀ ସମାଜ ସ୍ୱାଇଁର ଜାମଡାର ସଭାପତି ନନ୍ଦଲାଲ୍ ସିଂ, ଅବସରପ୍ରାପ୍ତ ରେଳ ବିଭାଗ ଜେନା ପ୍ରସାଦ ସିଂ, ମୁଣ୍ଡାରୀ ସମାଜ ସାଓ୍ୱାଁର ଜାମଡାର ଉପଦେଷ୍ଟା ରାଜେନ୍ଦ୍ର ସିଂ, ଏମଏଲସିସିର ଜିଲ୍ଲା ସଂପାଦକ ଇଂ. ସୁନାରାମ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସଂପାଦକ ମନୋରଞ୍ଜନ ସିଂ, ମୁଣ୍ଡା ଯୁବ ସଂଗଠନର ଜିଲ୍ଲା ସମ୍ପାଦକ ରାଜେଶ କୁମାର ସିଂ ଏବଂ ବିଭିନ୍ନ ଛାତ୍ରଛାତ୍ରୀ ରଶ୍ମିତା ସିଂ, ତପସ୍ୱିନୀ ସିଂ, ଦେବକୀ ସିଂ, ସ୍ୱାତୀ ସିଂ, ସାବିତ୍ରୀ ସିଂ, ଲକ୍ଷ୍ମୀପ୍ରିୟା ସିଂ, ରଚିତା ସିଂ, ସୁଭଦ୍ରା ସିଂ, ଅଜିତ୍ କୁମାର ସିଂ, ରବି ସିଂ ଓ ଶିବ ଶଙ୍କର ସିଂ ଆଦି ଯୋଗଦେଇ ତାଙ୍କ ମହାନ୍ ଆତ୍ମା ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଏବଂ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ସଂକଳ୍ପ କରିଥିଲେ।

# ସାଇବର ଠକେଇ ୧. ୭୬ ଲକ୍ଷ ଟଙ୍କା ଫେରିପାଇଲେ ମହିଳା

ବ୍ରହ୍ମପୁର, (ସବ୍ୟୁ): ସାଇବର ଠକେଇର ଶିକାର ହୋଇଥିବା ଜଣେ ମହିଳା ନିଜର ୧ ଲକ୍ଷ ୭୬ ହଜାର ଟଙ୍କା ଫେରି ପାଇଛନ୍ତି । ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ସାଇବର ଠକଙ୍କ ୧୧ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରି ଏହି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି । ସେହିପରି ଠକେଇ ହୋଇଥିବା ମହିଳାଙ୍କ ବଳକା ଲକ୍ଷେରୁ ଅଧିକ ଟଙ୍କା ଫେରସ୍ତ ଆଣିବାକୁ ଉଦ୍ୟମ କରାଯାଉଥିବା ପୁଲିସ ପକ୍ଷରୁ କୁହାଯାଇଛି ।

ସୂଚନାଥାଉକ, ବ୍ରହ୍ମପୁରର ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିବା ଜଣେ ମହିଳାଙ୍କ ନିକଟକୁ ଜୁଲାଇ ୭ ତାରିଖରେ ଏକ ଅଜଣା ହ୍ୱାର୍ଟସଆପ ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବ୍ୟାଙ୍କର ଜଣେ ଭଲ କଷ୍ଟମର ବୋଲି ପରିଚୟ ଦେଇଥିଲା । ଜନପ୍ରିୟ ଡେଭଲପର ନାମରେ ତାଙ୍କର ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି ଏବଂ ସେଥିରେ କୋଟି କୋଟି ଟଙ୍କା କାରବାର ହେଉଛି ବୋଲି ସଂପୃକ୍ତ ବ୍ୟକ୍ତି ଜଣଙ୍କ କହିଥିଲେ । ତାଙ୍କ ସଂସ୍ଥା ମହିଳାଙ୍କ ବ୍ୟାଙ୍କରେ ୨ କୋଟି ଟଙ୍କା ଫିକ୍ସ ଡିପୋଜିଟ କରିବାକୁ ଚାହୁଁଛି ବୋଲି କହିଥିଲେ । ତେବେ ୨ କୋଟି ଫିକ୍ସ ଡିପୋଜିଟ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ବିଭିନ୍ନ ବାହାନାରେ ମହିଳା କର୍ମଚାରୀଙ୍କୁ ୧୦ ଲକ୍ଷ ୬୫ ହଜାର ଟଙ୍କା ଜମା କରିବାକୁ କହିଥିଲେ । ଯେହେତୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ବ୍ୟାଙ୍କର ଜଣେ ଭଲ ଗ୍ରାହକ ଭାବେ ପରିଚୟ ଦେଇଛନ୍ତି ଏବଂ ୨ କୋଟି ଫିକ୍ସ କରିବାକୁ ଚାହୁଁଛନ୍ତି ତାହା ଜାଣିବା ପରେ ମହିଳା କର୍ମଚାରୀଙ୍କ ଲୋଭ ବଢି ଯାଇଥିଲା । ସେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଦେଇଥିବା ଏକ ଅଜଣା ବ୍ୟାଙ୍କ ଆକାଉଣ୍ଟରେ ୨ ଦିନ ଭିତରେ ୭ ଲକ୍ଷ ୭୦ ହଜାର ୧୬୧ ଟଙ୍କା ଜମା କରି ଦେଇଥିଲେ । ସେ ସମସ୍ତ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ପଠାଇଥିଲେ । ହେଲେ ବ୍ୟକ୍ତିଙ୍କ ଆଚରଣ ଏବଂ ଉଚାରଣକୁ ନେଇ ମହିଳା ବ୍ୟାଙ୍କ କର୍ମଚାରୀଙ୍କ ସନ୍ଦେହ ଉପୁଜିଥିଲା । ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ବ୍ରହ୍ମପୁର ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିଲା ।

ତଦନ୍ତ ବେଳେ ପୁଲିସ ମହିଳା ଜଣଙ୍କ ସାଇବର ଠକଙ୍କ ଯେଉଁ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ ତାହାର ସବିଶେଷ ତଥ୍ୟ ବାହାର କରିବାକୁ ଚେଷ୍ଟା କରିଥିଲା । ସେହି ବ୍ୟାଙ୍କ ଆକାଉଣ୍ଟ ବିଷୟରେ ପୁଲିସ ଜାଣିବା ସହ ସେଭଳି ଠକେଇରେ ବ୍ୟବହାର ହୋଇଥିବା ଆଉ ୧୦ଟି ବ୍ୟାଙ୍କ ଆକାଉଣ୍ଟ ବିଷୟରେ ଜାଣିବାକୁ ପାଇଥିଲା ।

ସମସ୍ତ ୧୧ ବ୍ୟାଙ୍କ ଆକାଉଣ୍ଟରେ ୪ ଲକ୍ଷ ୪୦ ହଜାର ଟଙ୍କା ଥିବା ଜଣାପଡିବା ପରେ ପୁଲିସ ସେହି ଆକାଉଣ୍ଟଗୁଡ଼ିକୁ ଅଚଳ କରି ଦେଇଥିଲା । ଏହାପରେ କୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ପ୍ରଥମ ପର୍ଯ୍ୟାୟରେ ସାଇବର ଠକଙ୍କ ସେହି ବ୍ୟାଙ୍କ ଆକାଉଣ୍ଟରେ ଥିବା ୧ ଲକ୍ଷ ୭୬ ହଜାର ଟଙ୍କା ଉଦ୍ଧାର କରାଯାଇ ଠକେଇର ଶିକାର ମହିଳାଙ୍କୁ ଫେରସ୍ତ ପାଇଁ ପୁଲିସ ପକ୍ଷରୁ ଯୋଜନା ହୋଇଥିଲା । ଆଜି ସଂପୃକ୍ତ ମହିଳାଙ୍କୁ ଡାକି ଟଙ୍କା ଫେରସ୍ତ କରାଯାଇଥିଲା । ଅଚଳ କରାଯାଇଥିବା ସାଇବର ଠକଙ୍କ ଏହି ଆକାଉଣ୍ଟରୁ ସମସ୍ତ ଠକେଇ ଟଙ୍କା ଫେରସ୍ତ ଆଣିବାକୁ ଉଦ୍ୟମ କରାଯାଉଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

## ବିଜେପିର ଭଞ୍ଜନଗର ସାଙ୍ଗଠନିକ ଜିଲ୍ଲା କମିଟି ଗଠିତ

ଭଞ୍ଜନଗର, (ସବ୍ୟୁ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭଞ୍ଜନଗର ସାଙ୍ଗଠନିକ ଜିଲ୍ଲା ସଭାପତି ନୀଳମାଧ ପାତ୍ର ଆଜି ଜିଲ୍ଲା କମିଟି ଘୋଷଣା କରିଛନ୍ତି । କମିଟିରେ ସଭାପତିଙ୍କ ସହିତ ଆଠଜଣ ଉପସଭାପତି, ଆଠଜଣ ସମ୍ପାଦକ, ତିନିଜଣ ସାଧାରଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ସ୍ଥାନ ପାଇଛନ୍ତି । ରାଧାମୋହନ ସ୍ୱାଇଁ, ରାମଚନ୍ଦ୍ର ମିଶ୍ର, ସୁନୀଲ ପାଢ଼ୀ, ସମୀର ନାୟକ, ସୁଧୀର ଜେନା, ପ୍ରତିମା ମହାପାତ୍ର, ପ୍ରତିମା ସାହୁ, ଶ୍ରୁତି ସାହୁ ପ୍ରମୁଖ ଉପସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସନ୍ତୋଷ ପାଳ, ବୁଲୁ ସ୍ୱାଇଁ ଏବଂ ସିମାଞ୍ଚଳ ସାହୁଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି ।

ସେହିପରି ସମ୍ପାଦକ ଭାବେ ତାପସ ପ୍ରଧାନ, ମାନସ ଜେନା, ରାଧାମାଧବ ପରିଡା, ମିଥୁନ ନାୟକ, ଶାନ୍ତି ମଣ୍ଡଳ, ଗୀତାଞ୍ଜଳି ନାୟକ, ରେବତୀ ନାୟକ, ବର୍ଷା ନାୟକ ଏବଂ ବରୁଣ ସ୍ୱାଇଁଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଛି । ଏହା ସହିତ ୭୦ ସଦସ୍ୟ ବିଶିଷ୍ଟ ଜିଲ୍ଲା କାର୍ଯ୍ୟକାରିଣୀ ମଧ୍ୟ ଗଠନ କରାଯାଇଛି ।

ଜିଲ୍ଲା ପ୍ରଭାରୀ ଭଗବାନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବିଧାୟକ, ସାଂସଦଙ୍କ ସହିତ ଉଚିତ ବିଚାର ବିମର୍ଶ ପରେ ଏକ ସନ୍ତୁଳିତ ଏବଂ ପ୍ରଭାବଶାଳୀ କମିଟି ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇଛନ୍ତି । ଜିଲ୍ଲା ସଭାପତି ଜିଲ୍ଲାର ସାଙ୍ଗଠନିକ କାର୍ଯ୍ୟକ୍ରମକୁ କେମିତି ତୃଣମୂଳ ସ୍ତରରେ ସଫଳତାର ସହିତ ସମ୍ପନ୍ନ କରାଯିବ ସେଥିପାଇଁ ସମସ୍ତ ସଦସ୍ୟଙ୍କୁ ନେଇ ଅତିଶୀଘ୍ର ଏକ ବୈଠକ ଆୟୋଜନ କରାଯିବ ବୋଲି ସଭାପତି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଶାମ୍ବ ଦଶମୀ ତିଥିରେ ସୂର୍ଯ୍ୟ ଦେବଙ୍କ ୫୯ତମ ପୂଜା

ବାରିପଦା, (ସବ୍ୟୁ) : ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସୂର୍ଯ୍ୟ ହେଉଛନ୍ତି ଏପରି ଜଣେ ଦେବତା ଯାହାକି ସ୍ୱ ଆଖିରେ ଦେଖିହୁଏ । ଶାମ୍ବ ଦଶମୀ ତିଥିର ମହା ଆଡମ୍ବରରେ ପାଳିତ ହୋଇଯାଇଛି ସୂର୍ଯ୍ୟ ଦେବଙ୍କ ପୂଜାବିଧି । ହୋମଯଜ୍ଞ ଏବଂ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଲା ଭକ୍ତିମୟ ପରିବେଶ । ସକଳ ଶକ୍ତିର ଆଧାର ପ୍ରଭୁ ଶ୍ରୀ ସୂର୍ଯ୍ୟଦେବ ସକାଳର ପ୍ରଥମ କୀରଣରୁ ହୋଇଥାଏ ପ୍ରଭୁ ସୂର୍ଯ୍ୟଦେବଙ୍କ ଦିବ୍ୟ ଦର୍ଶନ । ଓଡ଼ିଶାରେ ଏକମାତ୍ର ସୂର୍ଯ୍ୟ ପୂଜା ଯାହାକି ବାରିପଦା ବାଘଡ଼ା ରୋଡ ଠାରେ ଦୀର୍ଘ ୫୯ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । ପବିତ୍ର ଶାମ୍ବ ଦଶମୀ ରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି ସୂର୍ଯ୍ୟ ଦେବଙ୍କ ପୂଜା ବିଧି ଆଉ ପେଣ୍ଡେଲ ରେ ଶୋଭା ପାଉଛନ୍ତି ସୁନ୍ଦର ମୃର୍ଣ୍ମୟ ସୂର୍ଯ୍ୟଦେବଙ୍କ ମୂର୍ତ୍ତି । ବୁଢାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ସୂର୍ଯ୍ୟ ଦେବଙ୍କ ଘଟକୁ ଅଣାଯାଇଥିଲା । ଢୋଲ ମାଦଳ ବଜାଇ ମହିଳା ମାନେ ଅତି ସୁନ୍ଦର ନୃତ୍ୟ ପରିବେଷଣ କରିବା ସହ, ସଂକୀର୍ତ୍ତନ ମଣ୍ଡଳିଙ୍କ କୀର୍ତ୍ତନର ଗୁଞ୍ଜରିତ ହେଉଥିବା ବାରିପଦା ସହର କେବଳ ଏତିକି ନୁହେଁ ଆଦିବାସୀ ମହିଳା ସମ୍ପ୍ରଦାୟରେ ଲୋକେ ମୁଣ୍ଡରେ କଳସ ଧରି ଅତି ସୁନ୍ଦର ପାରମ୍ପରିକ ନାଚ ଗୀତ କରି ପାଛୋଟି ଆଣିଥିଲେ । ସୂର୍ଯ୍ୟଦେବ ଦେବତାଙ୍କ ରଥାରୁଢ ପ୍ରତିମୂର୍ତ୍ତିକୁ ଶାମ୍ବଦଶମୀ ଅବସରରେ ପୂଜା କଲେ ପୁଣ୍ୟ ମିଳିବା ସହ ବହୁ ରୋଗର ଆରାଗ୍ୟ ହୋଇଥାଏ ବୋଲି ପ୍ରକାଶ କରିଛନ୍ତି ଭକ୍ତ । ରଥାରୂଢ଼ ସୂର୍ଯ୍ୟ ଦେବତାଙ୍କ ପୂଜା ବାରିପଦାର ଏକମାତ୍ର ପୂଜା ହୋଇଥିବା ବେଳେ ଏହା ଓଡିଶାର ଏକମାତ୍ର ଅନନ୍ତ ପରମ୍ପରା ସୃଷ୍ଟି କରିଛି । ସୂର୍ଯ୍ୟ ନାରାୟଣଙ୍କ ଅତି ସୁନ୍ଦର ମୃଣ୍ମୟ ମୂର୍ତ୍ତି ଦେଖିଲେ ମନରେ ଏକ ଅନ୍ୟାନ୍ୟ ଅନୁଭୂତି ଆସିଥାଏ । ପ୍ରତିଥର ଶାମ୍ବ ଦଶମୀରେ ସୂର୍ଯ୍ୟଦେବ କରିଥାନ୍ତି । ପ୍ରତ୍ୟକ୍ଷ ଦେବତା ରୂପେ ପୂଜା ପାଉଥିବା ପ୍ରଭୁ ଧରାପୃଷ୍ଠକୁ ଓହ୍ଲାଇ ଆସି ନିଜ ଭକ୍ତଙ୍କ ଗହଣରେ ରୁହନ୍ତି । ଏନେଇ ଭଗବାନଙ୍କ ସ୍ୱତନ୍ତ୍ର ରୂପେ ପୂଜା ଅର୍ଚ୍ଚନା କରାଯାଏ ।

## ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ

ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୧୨୭ଜଣ ବରିଷ୍ଠ ସଦସ୍ୟଙ୍କୁ ଆଜି ଏକ ଭବ୍ୟ ପରିବେଶ ମଧ୍ୟରେ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଛି । ଅନୁଷ୍ଠାନର ସଭାପତି ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ମଧୁବନ ସ୍ଥିତ କେମିଷ୍ଟ୍ ଆନଣ୍ଡ ଡ୍ରଗିଷ୍ଟ୍ ଅସୋସିଏସନ ସମ୍ମିଳନୀ କକ୍ଷରେ ଆଜି ଏହି ପରିଚୟ ପତ୍ର ପ୍ରଦାନ କରାଯାଇଛି ।




ଅନୁଷ୍ଠାନର କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜବନ ପୃଷ୍ଟି ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରିବା ପରେ ପଣ୍ଡିତ ଭାଗବତ ପଣ୍ଡାଙ୍କ ମଙ୍ଗଳାଚରଣ ପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାପତିଙ୍କ ପ୍ରାରମ୍ଭିକ ସମ୍ଭାଷଣ ପରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବାରିପଦା ପୌରାଞ୍ଚଳର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ । ସମ୍ମାନିତ ବକ୍ତା ଶିକ୍ଷାରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବାରୁଣୀ ଘାଟ ଶ୍ମଶାନକୁ ଶବ ନେଇ ଯାଉଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଚା'ପାଣି ଆଦି ବ୍ୟବସ୍ଥା କରିବା, ଦେବୋତ୍ତର ଜାଗାରେ ଗୋ-ଶାଳା ପ୍ରତିଷ୍ଠା କରିବା ଓ ଏକ ସଦଭାବନା ଗୃହ ପ୍ରତିଷ୍ଠା କରିବା ଭଳି ପ୍ରସ୍ତାବ ରଖିଥିଲେ । ମୁଖ୍ୟବକ୍ତା ସାମ୍ବାଦିକ ଡଃ ବିଜୟ ଅଗ୍ରଓ୍ୱାଲା ଅନୁଷ୍ଠାନର ଉନ୍ନତି ମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ବଳଙ୍ଗ ଆଡିବନ୍ଧ ନିର୍ମାଣ ଓ ପ୍ରସ୍ତାବିତ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନଗରପାଳ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଓଜସ୍ୱିନୀ ବକ୍ତବ୍ୟ ମାଧ୍ୟମରେ ସମସ୍ତ ବରିଷ୍ଠ ନାଗରିକ ମାନଙ୍କ ହୃଦୟରେ ସକାରାତ୍ମକ ଚିନ୍ତା ଓ ଚେତନା ସ୍ଥାନ ପାଇବା ଉଚିତ ଏବଂ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କଥା ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ପ୍ରମୋଟର ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ରଘୁନାଥ ପଣ୍ଡା ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ ହୋଇଥିଲା । ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ସୁବୋଧ କୁମାର ପଲେଇ, ଈଶ୍ୱର ଚନ୍ଦ୍ର ଦାସ, ନନୀଗୋପାଳ ମହାନ୍ତି ତଥା କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ନାୟକ ଓ ସଦସ୍ୟ କ୍ଷେମରାଜ ଅଗ୍ରଓ୍ୱାଲା ପ୍ରମୁଖଙ୍କ ସମେତ ଅନ୍ୟମାନେ ସହାୟତା କରିଥିଲେ।

# କମ୍ପାନୀରେ ଠିକା ନିଯୁକ୍ତି ଦାବିରେ ୬୦ ଜଣ ଥାନାରେ ଅଟକ

ତାଳଚେର, (ସବ୍ୟୁ): ଜମିବାଡ଼ି ହରାଇ କ୍ଷତିଗ୍ରସ୍ତ ପ୍ରଜା ତଥା ବିସ୍ଥାପିତ ଅଂଚଳବାସୀ ଏଠାରେ ଥିବା ବିଭିନ୍ନ କମ୍ପାନୀରେ ଠିକା ନିଯୁକ୍ତି ପାଇଁ ଆନ୍ଦୋଳନ କଲେ ଥାନାରେ ଅଟକ ହେବାକୁ ପଡୁଥିବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଏହାକୁ ତିବ୍ରନିନ୍ଦା କରାଯାଇଛି । ପୋଲିସ୍ ପ୍ରଶାସନ ପକ୍ଷରୁ କମ୍ପାନୀ ଗୁଡ଼ିକୁ ସୁରକ୍ଷା ପ୍ରଦାନ କରୁଥିବା ବେଳେ କ୍ଷତିଗ୍ରସ୍ତ ପ୍ରଜା ନିଜର ପିତୃପୁରୁଷ ଭିଟା ମାଟି ହରାଇ ନିଜର ହକ୍ ପାଇଁ ଲଢ଼େଇ କରିବା କଣ ଯୁକ୍ତିଯୁକ୍ତ ନୁହେଁ ଏବଂ ତାଙ୍କୁ ଅଣଦେଖା କରିବା ସରକାର ଓ ପ୍ରଶାସନର ଏକି ନୀତି ବୋଲି ଏଥିନେଇ ଘୋର ନିନ୍ଦା ପ୍ରକାଶ ପାଉଛି । ଘଟଣାରୁ ପ୍ରକାଶ ତାଳଚେର ୧୯ନଂ ଜୋନ୍ ଭୁବନେଶ୍ୱରୀ କୋଇଲା ଖଣିରେ ବ୍ରଜନାଥପୁର ଗ୍ରାମପଂଚାୟତର ଏମସିଏଲରେ ଜମିବାଡ଼ି ହରାଇ ନିଜର ହକ୍‌ପାଇଁ କେସିସିପିଏଲ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼, ହେଲପର୍, ସୁପରଭାଇଜର ଓ ଅପରେଟର ଠିକା ନିଯୁକ୍ତି ନେଇ ବାରମ୍ବାର ଦାବି କରି ଆସୁଥିବା ବେଳେ କମ୍ପାନୀ ପକ୍ଷରୁ ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ଏମାନଙ୍କୁ ଅଣଦେଖା କରୁଛି ବୋଲି ବ୍ରଜନାଥପୁର




ସମିତିସଭ୍ୟା ଅନୁପମା ପ୍ରଧାନ ଅଭିଯୋଗ କରିଛନ୍ତି । ଗତ ୨୪/୦୪/୨୦୨୫ ରିଖରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସି ସ୍ଥାନୀୟ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ପ୍ରଥମେ ନିଯୁକ୍ତି ପ୍ରଦାନ କରାଯିବା ନେଇ ନିଷ୍ପତି ଗ୍ରହଣପରେ ପୁନଶ୍ଚ ୨୭/୦୫/୨୦୨୫ରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ବିଧାୟକ, ଢ଼େଙ୍କାନାଳ ସାଂସଦଙ୍କ ପ୍ରତିନିଧି, ଉପଖଣ୍ଡ ଆରକ୍ଷୀ ଅଧ୍ୟକ୍ଷକଙ୍କ ଉପସ୍ଥିତିରେ ବୈଠକ କରାଯାଇ କମ୍ପାନୀ ଗୁଡ଼ିକ ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ ନକରି କ୍ଷତିଗ୍ରସ୍ତ ପ୍ରଜା ନିଯୁକ୍ତ (ଅନସ୍କିଲଡ଼୍) ପାଇସାରିବାପରେ ତାଳଚେରକୁ ୦.କିମି ଧରି କ୍ରମବର୍ଦ୍ଧିତ ବ୍ୟାସାର୍ଦ୍ଧାର ୨୦କିମି ପ୍ରର୍ଯ୍ୟନ୍ତ ଗ୍ରାମର ପ୍ରଜାକୁ ଅଗ୍ରାଧିକାର ଭିତିରେ ପ୍ରଥମେ ନିଯୁକ୍ତି ପାଇବେ । ସେହିପରି ଭାବେ ନିଯୁକ୍ତି ପ୍ରକ୍ରିୟା ଆଗକୁ ଚାଲିବ କିନ୍ତୁ କେସିସିଏଲ ଅଧିକାରୀ ବୈଠକର ନିଷ୍ପତିକୁ ନମାନି ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା । ଉପସ୍ଥିତ କେସିସିଏଲ ଅଧିକାରୀ ଭୂବନେଶ୍ୱରୀ ଓସିପିରେ ପୁରୁଣା କମ୍ପାନୀରେ ଯେଉଁମାନଙ୍କୁ ନିଯୁକ୍ତି ଦେଇଛି ସେମାନଙ୍କୁ ପାଖାପାଖି ୭୦ଭାଗ କର୍ମଚାରୀ ବାହାର ଜାଗାର ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ପଦାଧିକାରୀ ସହିତ ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ସମସ୍ତଙ୍କ ଉପସ୍ଥିତିରେ କେସିସିଏଲ କାର୍ଯ୍ୟରତ କର୍ମଚାରୀ (ଅନସ୍କିଲଡ଼୍) ସଂଖ୍ୟା, ଖାଲି ଥିବା ପଦବୀ ସଂଖ୍ୟା ଏବଂ ପୁରୁଣା କମ୍ପାନୀରୁ ନିଯୁକ୍ତି ଦେଇଥିବା କର୍ମଚାରୀଙ୍କ (ସ୍ଥାନୀୟ ଓ ବାହାର)ର ଏକ ସଂକ୍ଷିପ୍ତ ବିବରଣୀ ଦେବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ସମସ୍ତ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ନିଷ୍ପତି ନିଆଗଲା ଯେ, ପ୍ରଥମେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ । କମ୍ପାନୀ ଏହାକୁ ଟାଳଟୁଳି ନୀତି ଅବଲମ୍ବନ କରିବାରୁ ଆଜି ଶତାଧିକ ଗ୍ରାମାବାସୀ କେସିସିଏଲ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିବାରୁ ତାଳଚେର ପୋଲିସ୍ ଘଟଣା ସ୍ଥଳରେ ପଂହଚି ପାଖାପାଖି ୬୦ଜଣଙ୍କୁ ଅଟକ କରିଥିବା ଶ୍ରୀ ପ୍ରଧାନ ଏହାକୁ ଦୃଢ଼ ନିନ୍ଦା କରିବା ସହିତ ପୋଲିସ୍ କାହା ସ୍ୱାର୍ଥରେ କମ୍ପାନୀକୁ ସୁରକ୍ଷା ପ୍ରଦାନ କରୁଛି ତାକୁ ନେଇ ବିଜେପି ନେତା ଚୈତନ୍ୟ ପ୍ରଧାନ, ନିରଞ୍ଜନ ପ୍ରଧାନ ପ୍ରଶ୍ନ କରିଛନ୍ତି । ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସେମାନଙ୍କର ହକ୍ ପ୍ରଦାନ କରାଯାଉ ବୋଲି ଦାବି ହେଉଛି ।

# ସ୍ମାରକୀ ଡାକ ଟିକଟ ପ୍ରସଙ୍ଗରେ ଲୋକସଭାରେ ରୁଦ୍ର ପାଣିଙ୍କ ପ୍ରଶ୍ନ

ଅନୁଗୁଳ, (ସବ୍ୟୁ): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଗତ ୦୪.୧୨.୨୦୨୫ ରେ ଲୋକସଭାରେ ଶୂନ୍ୟ କାଳରେ ସ୍ମାରକୀ ଡାକ ଟିକଟ ପ୍ରସଙ୍ଗରେ ପ୍ରଶ୍ନ ଉଥାପନ କରିଥିଲେ । ସୂଚନା ପ୍ରଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ଡା ପ୍ରେମସାଣି ଚନ୍ଦ୍ର ଶେଖର ସାଂସଦଙ୍କର ପ୍ରଶ୍ନର ଉତ୍ତର କହିଛନ୍ତି ଆପଣ ଉଠାଇଥିବା ପ୍ରସଙ୍ଗଟି ଦେଖନ୍ତୁ, ଯାହା ଓଡ଼ିଶା ରାଜ୍ୟ ସହିତ ଜଡିତ ବ୍ୟକ୍ତିତ୍ୱଙ୍କ ଉପରେ ସ୍ମାରକୀ ଡାକଟିକଟ ଜାରି କରିବା ସମ୍ପର୍କରେ ଥିଲା । ବିଭାଗ ଉପରୋକ୍ତ ବିଷୟରେ ଏକ ତଦନ୍ତ କରିଛି । ତଦନ୍ତ ପରେ ଜଣାପଡିଛି ଯେ ସ୍ମାରକୀ ଡାକଟିକଟ ଜାରି କରିବା ସମୟରେ ସର୍ବଦା ଓଡ଼ିଶା ସହ ଜଡିତ ବ୍ୟକ୍ତିତ୍ୱ ଏବଂ ବିଷୟଗୁଡ଼ିକୁ ବିଚାରକୁ ନିଆଯାଇଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଡାକ ବିଭାଗ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଗସ୍ତର ୧୦୦ ବର୍ଷ (୨୦୨୧), ଓଡ଼ିଶାର ମହାନ ବ୍ୟକ୍ତିତ୍ୱ (୨୦୨୩), ଓଡ଼ିଶା ଉଚ୍ଚ ନ୍ୟାୟାଳୟ (୨୦୨୩), ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ (୨୦୨୪), ଓଡ଼ିଶାର ପ୍ରଖ୍ୟାତ କବି (୨୦୨୪), ସାରଙ୍ଗଧର ଦାସ (୨୦୨୪), ଡକଫର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ (୨୦୨୪) ଏବଂ ମାତା କର୍ମା (୨୦୨୫) ଭଳି ଅନେକ ଓଡ଼ିଶା-ସମ୍ବନ୍ଧୀୟ ଡାକଟିକଟ ଜାରି କରିଛି । ବୀର ବାଳକ ବାଜି ରାଉତ, ଶ୍ରୀ ବୀର ବୈଷ୍ଣବ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ ଏବଂ ଅନୁଗୁଳ ରାଜ୍ୟର ଶେଷ ସ୍ୱାଧୀନ ରାଜାଙ୍କ ଉପରେ ସ୍ମାରକୀ ଡାକଟିକଟ ଜାରି କରିବା ସମ୍ପର୍କରେ ଉପରୋକ୍ତ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ପାଇଁ ଫିଲାଟେଲିକ୍ ପରାମର୍ଶଦାତା କମିଟିର ପରବର୍ତ୍ତୀ ବୈଠକ ସମ୍ମୁଖରେ ରଖାଯିବ ବୋଲି ମନ୍ତ୍ରୀ ଚନ୍ଦ୍ର ଶେଖର କହିଛନ୍ତି ।

# ରାଜପଥ ଡକାୟତି : ଦୁଇ କୋର୍ଟ ଚାଲାଣ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥରେ ଚୋରି ଡ଼କାୟତି ଅଭିଯୋଗ ରେ ମୋଟଙ୍ଗା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ୫୫ ନଂ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଯାନ ବାହନକୁ ଅଟକାଇ ଡ୍ରାଇଭର ଓ ଯାତ୍ରୀ ମାନଙ୍କୁ ଆକ୍ରମଣ କରି ଲୁଟ୍ ପାଟ୍ କରୁଥିବା ଏବଂ ଜାତୀୟ ରାଜପଥରେ ଛିଡା ହୋଇ ରହିଥିବା ଯାନବାହାନରୁ ଡିଜେଲ୍ ଚୋରି ହେଉଥିବା ମୋଟଙ୍ଗା ଥାନାରେ ଅଭିଯୋଗ ହୋଇ ଆସୁଥିଲା । ଥାନା ଅଧିକାରୀ ଦିପକ କୁମାର ଲେଙ୍କାଙ୍କ ନିର୍ଦ୍ଦେଶ କ୍ରମେ ମୋଟଙ୍ଗା ପୋଲିସ ଗତକାଲି ଦୁଇ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ସେମାନଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ମୋଟଙ୍ଗା ଥାନା ଆଇଆଇସି ଦିପକ କୁମାର ଲେଙ୍କାଙ୍କ ଠାରୁ ଜଣାପଡିଛି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ରମାକାନ୍ତ ସାହୁ ଓରଫ ଡୋରା ଏବଂ ବ୍ରଜବନ୍ଧୁ ମହାଖୁଡ ଓରଫ୍ ପିଣ୍ଟୁବୋଲି ଜଣାପଡିଛି ।

# ଏଲଏନଟି ପକ୍ଷରୁ ପାଇପ୍ ବିଛାକୁ ବିରୋଧ

ତାଳଚେର, (ସବ୍ୟୁ): ଏଲଏନଟି ପକ୍ଷରୁ ପାଇପ ଯୋଗେ ପାଣି ଯୋଗାଇ ଦେବାକୁ ନେଇ କମ୍ପାନୀ କେନାଲ ପାଣିକୁ ଦୁଷିତ କରୁଛି ବୋଲି ତାଳଚେର ଥାନା ଅନ୍ତର୍ଗତ ହରିହରପୁର ଗ୍ରାମପଂଚାୟତ ପକ୍ଷରୁ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି ।

ଫଳରେ ପାଇପ ବିଛାକାମ ବନ୍ଦ ରହିଛି । ସମଲ ଠାରୁ ଥର୍ମାଲ ପର୍ଯ୍ୟନ୍ତ ପାଇପ ବିଛାଇ ପାଣିନେବାକୁ ଏନଟିପିସି / ଟିଟିପିଏସ୍ ଏଲଏନଟି କମ୍ପାନୀକୁ ଦାୟୀତ୍ୱ ପ୍ରଦାନ କରିଛି । ମାତ୍ର ଏଲଏନଟି କମ୍ପାନୀ ପଲ୍ଲୀସଭା ନକରାଇ ବିନ୍ଦଲ କମ୍ପାନୀର ଅବ୍ୟବହୃତ ପାଉଁଶ କେନାଲ ଭିତରେ ପକାଇ ରାସ୍ତା ନିର୍ମାଣ କରୁଥିବା ସମୟରେ କେନାଲ ପାଣି ଦୂଷିତ ହେବା ସହ ଏହି ପାଣି ଅନୁପଯୋଗୀ ହେବାରୁ ୫ଖଣ୍ଡ ଗ୍ରାମବାସୀ ଏହାକୁ ଦେଖି ତିବ୍ର ବିରୋଧ କରିଥିଲେ । ଏଥିନେଇ ସେମାନେ ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି କିହିବା ସହ ଆଗାମୀ ଦିନରେ ଏଲଏନଟି କର୍ତ୍ତୃପକ୍ଷ ପଲ୍ଲୀସଭା କରାଇ ପାଇପ ଲାଇନ୍ ବିଛାଇବାକୁ ଦାବି କରିଥିଲେ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି ।

# ଏସଏମଏସ ଏକାଡେମୀର କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

କଣିହାଁ, (ସବ୍ୟୁ): ନିକଟରେ କଲିକତାର ଆସନସୋଲ ଠାରେ ବିତିଯାଇଥିବା ୧୩ ତମ ତାଇକୋଣ୍ଡ ପ୍ରତିଯୋଗିତାରେ ଓଡିଶା ଟିମରେ ଭାଗ ନେଇଥିବା ଏନଟିପିସି ଏସଏମଏସ ଏକାଡେମୀର ପ୍ରତିଯୋଗୀ ମାନଙ୍କୁ ବହୁ ସଫଳତା ମିଳିଛି । ସେଠାରେ ୨ ଦିନ ଧରି ଚାଲିଥିବା ଉକ୍ତ ପ୍ରତିଯୋଗୀତାରେ ଝାଡ଼ଖଣ୍ଡ ଚମ୍ପିଆନ ଓ ଓଡିଶା ରନର୍ସଅପ ହୋଇଥିଲା । ଓଡ଼ିଶା ଟିମରେ ଭାଗ ନେଇଥିବା ମୁଖ୍ୟତଃ ଏନଟିପିସି କଣିହାଁ ଏସଏମଏସ ଏକାଡେମୀର ୧୮ଜଣ ବାଳକ ବାଳିକା ପ୍ରତିଯୋଗୀ ବ୍ରୋଞ୍ଜ, ସିଲଭର, ଗୋଲଡ଼ ପୁରସ୍କାର ପାଇଥିବାବେଳେ, ଜାତୀୟ ସ୍ତରରେ ବେଷ୍ଟ କୋଚ ଆଓ୍ୱାର୍ଡ ଏନଟିପିସି ଏସଏମଏସ ଏକାଡେମିର ଅନିଲ କୁମାର ରାଉଳଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଏସଏମଏସ ଏକାଡେମିର ରଙ୍ଗବେଡା ସ୍ଥିତ କାର୍ଯ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସମ୍ମାନୀତ ଅତିଥି ଭାବରେ ଜଗବନ୍ଧୁ ସାହୁ, ସୁଶୀଳ କୁମାର ବେହେରା, ଆଲୋକ ସାହୁ, ବେଦବ୍ୟାସ ମିଶ୍ର, ବିଜୟ ବେହେରା, ମାଗୁଣି ଚନ୍ଦ୍ର ନାଏକ, ସୁରେଶ ସାହୁ, ସସ୍ମିତା ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରିଥିଲେ ।

# ଜନତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବଇଣ୍ଡା, (ସବ୍ୟୁ): କିଶୋର ନଗର ବ୍ଲକ ଅନ୍ତର୍ଗତ ଜନତା ମହା ବିଦ୍ୟାଳୟ ବଇଣ୍ଡାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଶାନ୍ତନୁ କୁମାର ଶର ଯୋଗ ଦେଲେଥିଲେ ।

ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, କାଳନ୍ଦୀ ଚରଣ ପ୍ରଧାନ ଉପସ୍ଥିତ ଥିଲେ । ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ । ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ପ୍ରବାଳ' ଉନ୍ମୋଚନ କରାଯାଇଥିଲା । କୃତି ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା ।

# ଇ-ଟେକ୍‌ର ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇ-ଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଙ୍ଗଳପୁର ପରିସରରେ ଚଳିତବର୍ଷ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟ ତଥା ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ନାମ ଲେଖାଇଥିବା ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କର ପିତାମାତା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ସିଡିଏମ୍‌ଓ ଡା. ସଞ୍ଜୟ କୁମାର ମହାପାତ୍ର, ଇଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଏବଂ ଇ-ଟେକ୍ ର ଉପାଧ୍ୟକ୍ଷ ଅନିଲ କୁମାର ଗୋଛାୟତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମୟାନୁବର୍ତ୍ତୀତା ସହ କଠିନ ପରିଶ୍ରମ ଏବଂ ରୋଗୀ ସେବାକୁ ଜଣେ ଡାକ୍ତର ଜୀବନର ବ୍ରତ



ଭାବେ ଗ୍ରହଣ କଲେ ସମାଜରେ ଜଣେ ଭଲ ଡାକ୍ତର ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଏହି ଅବସରରେ ଅନୁଷ୍ଠାନର ଦୁଇ ପ୍ରାକ୍ତନ ମେଡିକାଲ ଛାତ୍ରଛାତ୍ରୀ ଡା ଆଶିଷ ନାୟକ ଏବଂ ଡା ଅଭିଲିଂଧା ସ୍ୱାଇଁକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ୟ ସ୍ଥିର କରି କଠିନ ପରିଶ୍ରମ କଲେ ସଫଳତା ମିଳିଥାଏ ବୋଲି ସିଡିଏମ୍‌ଓ ସଞ୍ଜୟ କୁମାର ମହାପାତ୍ର ପ୍ରକାଶ କରିଥିଲେ। ସମସ୍ତ ୨୨ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଷ୍ଟେଥୋସ୍କୋପ, ଉତ୍ତରୀୟ, ନଗଦ ଅର୍ଥରାଶି, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ସମଗ୍ର ମାନବ ସମାଜ ପାଇଁ ନିଜକୁ ଉତ୍ସର୍ଗ ପୂର୍ବକ ସେବା ମନୋଭାବ ଉଦ୍ରେକ କରି ଜଣେ ଜଣେ ସଫଳ ଡାକ୍ତର ହୋଇପାରିଲେ ଏହି ମାଟି ତୁମପାଇଁ ଗର୍ବିତ ହେବବୋଲି ଅଧ୍ୟକ୍ଷ ଡଃ. ସୁରେଶ ମିଶ୍ର ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡିଆ ବିଭାଗର ଅଧ୍ୟାପକ ସୁରେଶ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ଅନୁଗୋଳ, (ସବ୍ୟୁ): ଆଜି ପୂର୍ବାହ୍ନରେ ସ୍ଥାନୀୟ ବିଜୁ ମଲଦାନ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟିତ ହୋଇଯାଇଛି । ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥିଭାବେ ଯୋଗ ଦେଇ ଏହି ମେଳାକୁ ଉଦଘାଟନ କରିଛନ୍ତି । ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଚାଷରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷୀମାନେ କିପରି ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ ।



ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର ଡଃ.ଦେବାଶିଷ ମିଶ୍ର, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ପ୍ରାଣି ଚିକିତ୍ସା ଅଧିକାରୀ ଡ. ପ୍ରତାପ କୁମାର ପଟ୍ଟନାୟକ, ଉପ ନିର୍ଦ୍ଦେଶକ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଡ.କେଶବ ଚନ୍ଦ୍ର ପ୍ରଧାନ, ପାଲଲହଡା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଜିତେନ୍ଦ୍ର କୁମାର ମହାନ୍ତ, ଆଠମଲ୍ଲିକ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଅମରେଶ ପାଣି ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରାକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଏହି ମେଳାରେ ୧୫ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ବନ୍ଧିତ ଅନୁଗୋଳ ଗୋଶାଳା, ଓମ୍ଫେଡ୍, କୃଷି ବିଜ୍ଞାନ କେନ୍ଦ୍ର(ଅନୁଗୋଳ), ଗୋପାଳନ ସମ୍ବନ୍ଧୀୟ ଯନ୍ତ୍ରପାତି, ଉଦ୍ୟାନ କୃଷି ବିଭାଗ, ଆର.ଏନ୍. ଇନPୁ୍ୟବେଟର, ଜିଲ୍ଲା ବାଣିଜ୍ୟ କେନ୍ଦ୍ର ତଥା ବ୍ୟାଙ୍କ ଅଫ୍ ବରୋଦା ଭଳି ୨୫ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ୪ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରିବା ସହ ୨୦ ଜଣ ଚାଷୀଙ୍କୁ ପ୍ରାଣୀ ପାଳନ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟାରେ କୃଷକ ବନ୍ଧୁମାନେ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ତାଏକୋଣ୍ଡୋ ପ୍ରତିଯୋଗିତା: ଅନୁଗୋଳ ଜିଲ୍ଲାକୁ ୨୦ ପଦକ

ଅନୁଗୋଳ, (ସବ୍ୟୁ): ୨୨ତମ ରାଜ୍ୟସ୍ତରୀୟ ତାଏକୋଣ୍ଡୋ ପ୍ରତିଯୋଗିତା ଭଦ୍ରକ ଜିଲ୍ଲା ଚରମ୍ପା ସ୍ଥିତ ମହାରାଜ୍ ଅଗ୍ରସେନ୍ ଭବନ୍ ଠାରେ ଅନୁଷ୍ଠିତ ହୋଇଯାଇଥିଲା । ଉକ୍ତ ପ୍ରତଯୋଗିତା ରାଜ୍ୟ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧନରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରଜିଯୋଗିତାରେ ଭାରତର ତାଇକୋଣ୍ଡୋ ଜନକ (ପ୍ରତିଷ୍ଠାତା ଡ, ଜୀମି ଅର୍ ଜଗଦୀୟାନି) ମୁଖ୍ୟଅତିଥି ଭାବାରେ ଉପସ୍ଥିତି ରହି ଖେଳାଳି ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ଉକ୍ତ ପ୍ରତଯୋଗିତାରେ ଅନୁଗୋଳ ଜିଲ୍ଲାର ଛାତ୍ର ଛାତ୍ରୀ ୭ଟି ସ୍ୱର୍ଣ୍ଣ ପଦକ ୧୦ଟି ରୋପ୍ୟ ପଦକ ଓ ୩ଟି କାଂସ୍ୟପଦକ ହାସଲ କରି ଅନୁଗୋଳ ଜିଲ୍ଲାର ଗୌରବ ଅର୍ଜନ କରିଥିବାରୁ ଏହି ଛାତ୍ର ଛାତୀ ମାନଙ୍କୁ ଜିଲ୍ଲା କ୍ରୀଡା ଅଧିକାରି ଶ୍ରୀଯୁକ୍ତ ଅକ୍ଷୟ କୁମାର ସିଠ ଓ ଜିଲ୍ଲା ଶୀଶୁ ସୁରକ୍ଷା ଅଧିକାରି ଗୌରୀଶଙ୍କର ବେହେରା ପଦକ ପାଇଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସୁଭେଚ୍ଛା ଜଣାଇଁ ଥିଲେ । ଅନୁଗୋଳ ତାଇକୋଣ୍ଡୋ ସଂଘ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତ୍ରୟୋଦଶ ବାର୍ଷିକ ଜଙ୍ଘା ବଡଦେଓ ପାଣ୍ଟୁମ ଯାତ୍ରା

ବଇଣ୍ଡା, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଖୋଳପଦା ଅଞ୍ଚଳ ଆମ୍ବଶରମୁଣ୍ଡା ପଞ୍ଚାୟତ ସ୍ଥିତ ଆମ୍ବସାରମୁଣ୍ଡା ଜଙ୍ଘା ବଡଦେଓଙ୍କ ଶକ୍ତି ପୀଠ ରେ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ତଥା ଆମ କଳା ସଂସ୍କୃତି, ଭାଷା ସାହିତ୍ୟ ଓ ଭକ୍ତି ଭାବନାର ପ୍ରତୀକ ପୌଷ ମାସ ଶାମ୍ବଦଶମୀ ତିଥିରେ ଶ୍ରୀ ଶ୍ରୀ ଜଙ୍ଘା ବଡଦେଓଙ୍କ ବାର୍ଷିକ ପାଣ୍ଟୁମ ଯାତ୍ରା ପାଳିତ ହୋଇଯାଇଛି ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗଙ୍ଗା ମାତାଙ୍କୁ ନିମଂତ୍ରୀ ଆଣି କଳସୀ ଯାତ୍ରା ମାଧ୍ୟମରେ ମାଉସୀ ଘରୁ ପ୍ରକୃତି ଶକ୍ତି ଦାରୁ ଦେବତା ଜଙ୍ଘା ବଡଦେଓ ଙ୍କୁ ଘର ଘର ପୂଜାର୍ଚ୍ଚନା କରି ବିଭିନ୍ନ ନାଚଗୀତ ଓ ଅସ୍ତ୍ର ଶସ୍ତ୍ର ସାଜସଜା ରେ ନଗର ପରିକ୍ରମା କରି ଶକ୍ତି ପୀଠକୁ ବିରାଜମାନ କରିଥିଲେ । ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସାରିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।


ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ଏଥିରେ ଗୋଣ୍ଡୱାନ ବିକାଶ ପରିଷଦର ସଭାପତି ପ୍ରଶନ କୁମାର ନାୟକ, ମହାସଚିବ ସୁରେଶ ଚନ୍ଦ୍ର ନାୟକ, ମନ୍ଦିର ସଭାପତି ରମେଶ ଚନ୍ଦ୍ର ସାଏ, ମହାସଚିବ ଭଜମନ ନାୟକ, ଗୋଣ୍ଡୱାନ ମହାସଭା ଜିଲ୍ଲା ସଭାପତି ସଦାଶିବ ନାୟକଙ୍କ ସମେତ ଖୋଳ ପୁଞ୍ଜର ସଭାପତି ଓ ମହାସଚିବଙ୍କ ନେତୃତ୍ୱରେ ବାର୍ଷିକ ବଡଦେଓଙ୍କ ପାଣ୍ଟୁମ ଯାତ୍ରା ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା ଗ୍ରହଣ କରିଥିବା ସହିତ ଅନ୍ନ ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଛି । ଠାକୁରଗଡ଼ ପୋଲିସ ଓ ଆଠମଲ୍ଲିକ ପୋଲିସଙ୍କ ସହାୟତାରେ ଶାନ୍ତି ଶୃଙ୍ଖଳାରେ ଉଦଯାପିତ ହୋଇଯାଇଥିବା ବେଳେ ଠାକୁରଗଡ଼ ମେଡିକାଲ ଷ୍ଟାଫଙ୍କ ସହଯୋଗରେ ଆକସ୍ମିତ ବିଭିନ୍ନ ପ୍ରକାର ରୋଗର ନିରାକରଣ କରାଯାଇଥିଲା ।

# କଂକ୍ରିଟ ରାସ୍ତା ନାଁରେ ୧୧ ଲକ୍ଷ ଟଙ୍କା ଚଳୁ ପାଇଁ ମସୁଧା

## ସପ୍ତାହକରେ ରାସ୍ତା ଫାଟି ଆଁ : ବିନା ତଦାରଖରେ କାମ ଶେଷ

ପାଲଲହଡା, (ସବ୍ୟୁ): ପାଲଲହଡା ସରକାରୀ ଫଳ ବଗିଚାକୁ ପ୍ରାୟ ଏଗାର ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଂକ୍ରିଟ ରାସ୍ତା ନିର୍ମାଣରେ ଚଞ୍ଚକତା ହୋଇଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ, ଗତ ଏପ୍ରିଲ ମାସରେ ଉଦ୍ୟାନ ବିଭାଗ ଅନୁଦାନରୁ ସରକାରୀ ଫଳ (କମଳା) ବଗିଚାରେ ପ୍ରାୟ ପନ୍ଦର ଲକ୍ଷ ଟଙ୍କାରେ ନିର୍ମୀତ ପୁରୁଣା କଂକ୍ରିଟ ରାସ୍ତାର ପୁନଃରୁଦ୍ଧର ପାଇଁ ଅନୁଦାନ ରାଶି ମଞ୍ଜୁର ହୋଇଥିବାର ସ୍ଥାନୀୟ ଉଦ୍ୟାନ ଅଧିକାରୀ ଉଦୟ ନାଥ ଧରଙ୍କ ସୂତ୍ରରୁ ଜଣାପଡିଛି । ଉଦ୍ୟାନ ନିର୍ଦ୍ଦେଶକଙ୍କର ଅତି ପାଖ ଲୋକ ବୋଲାଉଥିବା ଖୋର୍ଦ୍ଧା ଅଞ୍ଚଳର ଜନୈକ ଠିକାଦାର ଏହି କାମକୁ ୧୪.୯୯% ଲେସରେ ଅର୍ଥାତ ୧୦.୭୨ଲକ୍ଷ ଟଙ୍କାରେ କାମ ନେଇ ଗତ ଏକୋଇଶି ତାରିଖ ଠାରୁ ବିନା ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଚାରିଦିନ ଭିତରେ ମାତ୍ର ୨ ଟ୍ରିପ (୧୨୦୦ଘନ ମିଟର) ହାଇଓ୍ୱା ରେ ମେଟାଲ, ୧ ଟ୍ରିପ (୬୦୦ଘନ ମିଟର) ଚିପ୍ସ ଓ ୩ ଟ୍ରିପ ଅର୍ଥାତ (୧୮୦୦ଘନ ମିଟର) ବାଲିରେ ଅତ୍ୟନ୍ତ ନିମ୍ନ ମାନର କାମ କରି ଛୁ ମାରିଛନ୍ତି ।

ସରକାରୀ ନିୟମ ଅନୁଯାଇ ପାଞ୍ଚ ଇଞ୍ଚ ମୋଟେଇ ମେଟାଲିଂ ଓ ୩ ଇଞ୍ଚ ମୋଟେଇ ୧: ୨: ୪ ଅନୁପାତରେ ଚିଂ କଂକ୍ରିଟ ହେବା ବଦଳରେ ମାତ୍ର ଦେଢ଼ ଇଞ୍ଚ ମୋଟେଇର ଉଭୟ ମେଟାଲିଂ ଚିଂ କଂକ୍ରିଟ ହୋଇଥିବାର ଦେଖା ଯାଇଥିଲା । ଯେଉଁ ଚାରିଦିନ କାମ ହେଲା ସେ ସମୟରେ ଉଦ୍ୟାନ ବିଭାଗ ତରଫରୁ ନାଁ କୌଣସି ଯନ୍ତ୍ରୀ ନା କୌଣସି ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଯଦ୍ୱାରା ରାସ୍ତା କାମ ସମ୍ପର୍ଣ୍ଣ ହେବାର ଚାରିଦିନ ନଯାଉଣୁ ରାସ୍ତା ଫାଟି ଆଁ କରିଥିବା ଭଳି ଘଟଣା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ବିଭାଗୀୟ ଆସିଷ୍ଟାଣ୍ଟ ଇଞ୍ଜିନିୟର ଦାୟିତ୍ୱରେ ଥିବା ଜନୈକା ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ସଂପୃକ୍ତ ମହିଳା



ଯନ୍ତ୍ରୀ ଜଣଙ୍କ ନିଜର ଅକ୍ଷମତା ପ୍ରକାଶ କରି ମୁଁ ଯେହେତୁ ଅନ୍ୟ ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ଇଞ୍ଜିନିୟର ତେଣୁ ଏଇଠି କେବଳ ମୁଁ ଅତିରିକ୍ତ ଦାୟିତ୍ୱରେ ଅଛି । ସୁତରାଂ କାର୍ଯ୍ୟ ସମ୍ପର୍କରେ ମୁଁ କିଛିବି ଜାଣିନାହିଁ, ମୁଁ ତ ମୋ ଡିପାର୍ଟମେଣ୍ଟ କାମ ଦେଖିପାରୁନି । ଏବେ ମୁଁ ଆମ ଡିପାର୍ଟମେଣ୍ଟର ମହୋତ୍ସବ ପାଇଁ ବ୍ୟସ୍ତ ଅଛି ସେ କାମ ଯିଏ ଦେଇଛି ସେ ବୁଝୁ ବୋଲି ନିଜ ମୁଣ୍ଡରୁ ଦୋଷ ଛଡେଇ ଦେଇ ଚୁପଚାପ ବସିଯାଇଛନ୍ତି ।

ଏ ସମ୍ପର୍କରେ ଆମେ ଉଦ୍ୟାନ ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଧରଙ୍କ ସହିତ ଯୋଗାଯୋଗ କରିବାରୁ ସେ ମଧ୍ୟ ନିଜ ମୁଣ୍ଡରୁ ଦୋଷ ଛଡେଇ ଦେବାକୁ ଯାଇ ମୋ ଅନୁପସ୍ଥିତିରେ ଠିକାଦାର କାମ କରୁଛି, କାମ ସମ୍ପର୍କରେ ଠିକାଦାର କିମ୍ବା ଉଚ୍ଚ ପଦସ୍ଥ ଅଧିକାରୀ ମୋତେ କିଛି ଜଣାଇନଥିବାରୁ ଠିକାଦାର ନିଜ ମନମାନୀରେ କାମ ଚଳେଇଥିବାରୁ ଆମେ କାମ ସମ୍ପର୍କରେ କିଛିବି ଜାଣିନୁ ବୋଲି ସଫେଇ ଦେଇଛନ୍ତି । ଠିକାଦାର ଜଣକ ଗୋଟିଏ ସାଇଡ଼ରୁ ଫଟୋ ଉଠେଇ ଇଞ୍ଜିନିୟରଙ୍କ ପାଖକୁ ପଠେଇ ଦେଇ ଭଲ କାମ ହୋଇଛି ବୋଲି ସଫେଇ ଦେଇ ଚାଲିଛନ୍ତି । ପୁରୁଣା କଂକ୍ରିଟ ରାସ୍ତା ଉପରେ ମାତ୍ର ଦେଢ଼ ଇଞ୍ଚ ମୋଟେଇର ସିମେଣ୍ଟ ଢଳେଇ କରିଦେଇ ଠିକାଦାର ଛୁ । କାମ ହେବାର ସପ୍ତାହେ ନଯାଉଣୁ ରାସ୍ତା ଫାଟି ଆଁ ହେବାକୁ ବସିଲାଣି, ଯାହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନାଁ ଏଥିରେ ପାଣି ଦିଆ ହେଉଛି ନା ରାସ୍ତା କାମ ବେଳେ ଠିକାଦାରଙ୍କ ପକ୍ଷରୁ କିଛି ପାଣି ବ୍ୟବସ୍ଥା କରାଯାଇଥିଲା। ସରକାର କା ମାଲ ଦରିଆ ମେ ଡାଲ ସଦୃଶ ଉଦ୍ୟାନ ବିଭାଗର ଇଲେକଟ୍ରି ବିଲ ଦ୍ୱାରା ପ୍ଲାଣ୍ଟେସନ ପାଇଁ ଆସୁଥିବା ପାଇପ ପାଣିରେ କାମ କରି ବିଭାଗ ପକ୍ଷରୁ ବେଆଇନ ଅସ୍ଥାୟୀ ଭାବେ ନିୟୋଜିତ ଥିବା ଦିନ ମଜୁରିଆ ନାରାୟଣ ସାହୁ ଦ୍ୱାରା କାଁ ଭାଁ ପାଣି କିଉରିଙ୍ଗ ହେଉଥିବାର ଦେଖା ଯାଇଛି ।

ସରକାରୀ ଫଳ ବଗିଚା କାମ ପାଇଁ ନିୟୋଜିତ ଥିବା ଉକ୍ତ ଦିନ ମଜୁରିଆ ଜଣଙ୍କ ଉଦ୍ୟାନ ବିଭାଗର ଓଭରସିଅରଙ୍କ ନିର୍ଦ୍ଦେଶରେ ରାସ୍ତା ଉପରେ ପାଣି କିଉରିଙ୍ଗ କରି ରାସ୍ତା କାମ କରୁଛି ବୋଲି କ୍ୟାମେରା ସାମ୍ନାରେ ସଫେଇ ଦେଇଛି । କଂକ୍ରିଟ ରାସ୍ତା ଉପରେ ପୁଆଳ ଦେଇ ଠିକାଦାର ଟ୍ୟାଙ୍କର ସାହାଯ୍ୟରେ ପାଣି କିଉରିଙ୍ଗ କରିବାକୁ ଉଦ୍ୟାନ ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଧର ସମ୍ପୃକ୍ତ ଠିକାଦାର ଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେବି ଉପନିର୍ଦ୍ଦେଶକଙ୍କ କଥାକୁ ବେଖାତିର କରି ବର୍ଫ ଫାର୍ମରୁ ମଜୁରୀ ନେଉଥିବା ଉକ୍ତ ଦିନ ମଜୁରିଆ ପାଣି ଦେବା ପଛରେ କି କାରଣ ନିହିତ ଅଛି ତାହା ବିଭାଗୀୟ ଅଧିକାରୀଙ୍କୁ ହିଁ ଜଣା । ଏହାର ଏକ ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ କରିବା ସହିତ ବିଲ ବାତିଲ କରି ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସାଧାରଣରେ ଦାବି ହେଉଛି ।

## ଧାମନଗର ଖାନକାସରିଫ ପାଲଟିଲା ଜନସମୁଦ୍ର

# ମତଓ୍ୱାଲ୍ଲିଙ୍କୁ ଶେଷ ଦର୍ଶନ କଲେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ



ଧାମନଗର, (ସବ୍ୟୁ): :ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ନାତି ତଥା ଧାମନଗର ଖାନକାସରିଫର ମତଓ୍ୱାଲ୍ଲି ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଅନ୍ତେଷ୍ଟି କାର୍ଯ୍ୟ ମଙ୍ଗଳବାର ଅପରାହ୍ନରେ ଧାମନଗର ଠାରେ ସମ୍ପନ୍ନ ହୋଇଛି। ତାଙ୍କର ଶେଷ ଦର୍ଶନ କରିବାସହ ଜନାଜା ନମାଜରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଧାମନଗର ଖାନକାସରିଫି ଜନସମୁଦ୍ରରେ ପରିଣତ ହୋଇଥିଲା। ଇସଲାମ ରୀତିନୀତି ଅନୁସାରେ ଗୋଲାପ ଓ ଚନ୍ଦନ ଜଳରେ ସ୍ନାନ କରାଯାଇ ମତଓ୍ୱାଲ୍ଲି ବାବାଙ୍କ ମରଶରୀରକୁ ତାଙ୍କ ବାସଭବନରୁ ଏକ ବିଶାଳ ଶୋଭାଯାତ୍ରାରେ ଖାନକା ସରିଫ ପରିସରକୁ ନିଆଯାଇଥିଲା। ସେଠାରେ ତାଙ୍କର ପୁତ୍ର ସୟଦ ହବିବ ରଜା ହବିବି ଅପରାହ୍ନ ୩ଟା ସମୟରେ ଜନାଜା ନମାଜ ପଢାଇଥିଲେ। ଏହି ଜନାଜା କାର୍ଯ୍ୟକ୍ରମରେ ବିଶିଷ୍ଟ ମୌଲାନା,ମୁଫତି,ଉର୍ଦ୍ଦୁ କବି,ସାଏରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଭଦ୍ରକ ଜିଲ୍ଲା ପୋଲିସ ପକ୍ଷରୁ ୬ପ୍ଲାଟୁନ ପୋଲିସ ଫୋର୍ସ,ଦୁଇ ଜଣ ଡିଏସପି,୬ଜଣ ଇନ୍ସପେକ୍ଟର,୧୫ ଜଣ ସବଇନିଷ୍ଟେର ନିୟୋଜିତ ହୋଇଥିବାବେଳେ ଧାମନଗର ଆଇଆଇସି ରଞ୍ଜନ କୁମାର ସେଠୀ ସଦଳବଳେ ଟ୍ରାଫିକ ଓ ଶାନ୍ତି ଶୃଙ୍ଖଳା ତଦାରଖ କରିଥିଲେ। ଲକ୍ଷାଧିକ ଜନ ସମାଗମ ସାଙ୍ଗକୁ ଶହଶହ ସଂଖ୍ୟାରେ ଯାନବାହାନ ପ୍ରବେଶ ପାଇଁ ଧାମନଗର ସହରରେ ମଙ୍ଗଳବାର ଦିନ ତମାମ ଟ୍ରାଫିକ ସମସ୍ୟା ଲାଗିରହିଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତା ସ୍ୱର୍ଗତ ମତଓ୍ୱାଲିଙ୍କ ବାସଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିବାସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସୋମବାର ଦିନ ସୁଶାସନ ଦିବସ ଭଦ୍ରକ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଓ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଦେଶବାସୀମାନଙ୍କୁ ବାଜପେୟୀଙ୍କ ଦିଗଦର୍ଶନ ଓ ଆଦର୍ଶରୁ ପ୍ରେରିତ ହୋଇ ସରଳ ଜୀବନ ଶୈଳୀ ଆପଣାଇବାକୁ ଆହ୍ୱାନ କରିଥିଲେ। ସୁଶାସନ ଦିବସ ପାଳନ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅମର ଅବଦାନକୁ ସ୍ମରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କବିତା ପାଠ କରି ସଭାକୁ ଭାବ ଗମ୍ଭୀର କରିଥିଲେ। ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଅବସରରେ ଆୟୋଜିତ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ସାଇକେଲ୍ ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିବା ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ମଂଚ ପରିଚାଳନା କରିଥିଲେ। ସୁଶାସନ ଦିବସର ମର୍ମକୁ ଜିଲ୍ଲାର କୋଣ ଅନୁକୋଣରେ ପହଂଚାଇବାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଶେଷ ଅବଦାନ ଥିବାରୁ,ସେମାନଙ୍କ ଉପସ୍ଥିତି ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ଏଇହି ସଭାରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା,ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର,କର୍ମଚାରୀ ଲିସା ରାଣୀ ରାଉତ୍,ମୀନାକ୍ଷୀ ଗରାବଡ଼ୁ,ପ୍ରଫୁଲ୍ଲ ଦାସ,ରାଇଚରଣ ମଲ୍ଲିକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ପଞ୍ଚମ ସନ୍ଧ୍ୟା

ଭଦ୍ରକ,(ସବ୍ୟୁ): ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ୫ମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ଡିଏଫ୍ଓ ସଂସ୍ଥା ଓସ୍ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓସମେର ଉପ ସଭାପତି ରାଜେଶ ମିଶ୍ର ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହାପରେ ଓସ୍ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି,ଉତ୍କଳମଣି ଫାଉଣ୍ଡେସନର ଅଧ୍ୟକ୍ଷ ତଥା ନିୟୁଜ ଓଡ଼ିଶାର ନିର୍ଦ୍ଦେଶକ ପ୍ରମୋଦ ରାୟ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଭଦ୍ରକ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଅଧିବକ୍ତା ଦିବ୍ୟସିଂ ନାୟକ,ଭଦ୍ରକ - ବାଲେଶ୍ୱର ସେଂଟ୍ରାଲ କୋ ପରେଟିଭ ବ୍ୟାଙ୍କ ଲିମିଟେଡ଼ର ସଭାପତି ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳା କଟକ ବାଲିଯାତ୍ରା ଠାରୁ କୌଣସି ଗୁଣରେ କାମ ନୁହେଁ ବୋଲି କହିଥିଲେ ଏବଂ ଆୟୋଜକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।ଏହାପରେ ବିବିଏମର ପୃଷ୍ଟପୋଷକ ଶଶି ଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଶେଷରେ ବିବିଏମର ପୃଷ୍ଟପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଓ୍ୟୁଜେର ଆଇନମନ୍ତ୍ରୀଙ୍କୁ ୫ଦଫା ଦାବିପତ୍ର



ଖଇରା, (ସବ୍ୟୁ): ଆଇନ ଓ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କ ଖଇରା ଗସ୍ତ ଅବସରରେ ଓଡିଶା ସାମ୍ବାଦିକ ୟୁନିଅନ ଜିଲ୍ଲା ଶାଖା ପକ୍ଷରୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏଥି ମଧ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ,ଅଧିସ୍ୱୀକୃତି କମିଟି ନିୟମିତ ଡକାଯିବା,୬୦ବର୍ଷରୁ ଉର୍ଦ୍ଧ ସାମ୍ବାଦିକଙ୍କ ପାଇଁ ପେନସନ ବ୍ୟବସ୍ଥା,ସ୍ୱାସ୍ଥ୍ୟବିମା ରାଶି ୫ଲକ୍ଷରୁ ୧୦ଲକ୍ଷ ବୃଦ୍ଧି,ପ୍ରତି ଜିଲ୍ଲାର ସଦରମହକୁମାରେ ସାମ୍ବାଦିକ ଭବନ ନିର୍ମାଣ ସମ୍ପର୍କୀତ ଦାବି ଉଲ୍ଲେଖ କରାଯିବା ସହ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମନ୍ତ୍ରୀ ଯଥାସମ୍ଭବ ଦାବି ପୁରଣ ପାଇଁ ପ୍ରତିଶୃତି ଦେଇଥିଲେ । ୟୁନିଅନର ରାଜ୍ୟ କାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜିଲା ଉପସଭାପତି ଉତ୍କଳବନ୍ଧୁ ପଣ୍ଡା, ସମ୍ପାଦକ ତପୋଧନ ବାରିକ,ବ୍ଲକ ସଂଯୋଜକ ଉମେଶ କୁମାର ଜେନା, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ,ବଳରାମ ଲେଙ୍କା, ସଞ୍ଜୟ କୁମାର ବେହେରା, ଶମ୍ଭୁନାଥ ନାୟକ ଓ ସତ୍ୟଭାମା ପ୍ରଧାନ ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନାରେ ସାମିଲ ହୋଇଥିଲେ ।

## ସଂସଦ ଖେଳରେ ଜିଲ୍ଲାସ୍ତରରେ ଦୁଇ ଛାତ୍ରୀ ପ୍ରଥମ

ସିମୁଳିଆ, (ସବ୍ୟୁ) :ସିମୁଳିଆ ଅଞ୍ଚଳର ଦୁଇ ଛାତ୍ରୀ ସଂସଦ ଖେଳରେ ବ୍ୟାଡ଼ମିଣ୍ଟନ ଡବଲସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସୂଚନାରୁ ପ୍ରକାଶ ସାଂସଦ ଖେଳ ମହୋତ୍ସବରେ ସିମୁଳିଆ ଆଦର୍ଶ ବିଦ୍ୟାଳୟର ଦୁଇ ଛାତ୍ରୀ ଅଭିଷିକ୍ତା ପଟ୍ଟନାୟକ ଅଷ୍ଟମ ଶ୍ରେଣୀ ଓ ନବମ ଶ୍ରେଣୀ ଛାତ୍ରୀ ସ୍ୱପ୍ନା ସାଇପ୍ରଜ୍ଞା ସେଠୀ ବ୍ଲକ, ନିର୍ବାଚନ ମଣ୍ଡଳୀସ୍ତରରେ ବ୍ୟାଡ଼ମିଣ୍ଟନ ଡବଲସ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ସଂସଦ କ୍ଷେତ୍ରରେ ମନୋନୀତ ହୋଇଥିଲେ। ସଂସଦ କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରି ସମ୍ବର୍ଦ୍ଧିତ ହୋଇଛନ୍ତି । ସଂସଦ କ୍ରୀଡାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ ଛାତ୍ରୀ ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବାଂଲା ଫେରିବାଲାଙ୍କୁ ନୀଳଗିରିରେ ସ୍ଥାନ ନାହିଁ

ନୀଳଗିରି, (ସବ୍ୟୁ) : ନୀଳଗିରି ଉପଖଣ୍ଡରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବା ବେଳେ ହିନ୍ଦୁ ଭାଇମାନେ ଏହାକୁ ରୋକ୍ ଦେବାପାଇଁ ଅଣ୍ଟା ଭିଡିଛନ୍ତି। ନୀଳଗିରି ରୁ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କୁ ଓଡ଼ିଶାରୁ ହଟାଇବା ଦାବିରେ ନୀଳଗିରି ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସହର ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ନୀଳଗିରି ବସ ଷ୍ଟାଣ୍ଡ ନିକଟରେ ଏକ ବାଇକରେ ସିଂଲା ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳର ଶେଖ୍ କରିମ୍ ଓ ଶେଖ୍ ବେଶାରୁଦ୍ଦିନ ଫେରି କାମ କରି ଉଦଳା ଯାଉଥିବା ବେଳେ ସେମାନଙ୍କୁ ଖୁବ୍ ଶୀଘ୍ର ଓଡିଶା ଛାଡି ପଳାଇ ଯିବାକୁ ଧମକ ଦେବା ସହ ନୀଳଗିରି ଥାନାରେ ହାଜର କରାଇଥିଲେ। ପରେ ପୋଲିସ ଦୁଇ ଜଣଙ୍କୁ ପଚରା ଉଚୁରା କରିବା ସହ ସେମାନଙ୍କର ସମସ୍ତ ତଥ୍ୟ ରଖି ଛାଡି ଦେଇଥିବାର ଜଣାପଡିଛି।


## ଗୋପାଳପୁର-ଚୂଡାମଣୀ ରାସ୍ତା ନିମ୍ନମାନର କାମ ବନ୍ଦ କଲେ ଗ୍ରାମବାସୀ

ବାସୁଦେବପୁର, (ସବ୍ୟୁ) : ଠିକାଦାରଙ୍କ ମନମାନିରେ ଚାଲିଛି ରାସ୍ତା କାମ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ନୀତିନିୟମକୁ ଫୁଙ୍କରି ପଙ୍କ ଉପରେ ପଡୁଛି ଢଳେଇ ନା ଅଛନ୍ତି କନିଷ୍ଠ ଯନ୍ତ୍ରୀ ନା ଅଛନ୍ତି ସହକାରୀ ଯନ୍ତ୍ରୀ। ରାସ୍ତାର ଢଳେଇ ପଡୁଥିବାବେଳେ ଠିଆ ହେଉଛନ୍ତି ପିଆନଟିଏ। ବାସୁଦେବପୁର ବ୍ଲକର ଚୂଡାମଣୀରୁ ଗୋପାଳପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିମ୍ନମାନର କାମ ଅଭିଯୋଗ କରି କାମ ବନ୍ଦ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ବାସୁଦେବପୁର ବ୍ଲକର ଚୂଡାମଣୀରୁ ଗୋପାଳପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କାମକୁ ରାକେଶ ପଣ୍ଡା ନାମକ ଠିକାଦାର ରାସ୍ତା କାମ କରୁଛନ୍ତି। କିଛି ରାସ୍ତାର କଂକ୍ରିଟ ଢଳେଇ କରୁଥିବାବେଳେ କିଛି ରାସ୍ତାର ପିଚୁ ହେଉଛି । ପିଚୁ ହେବାକୁ ଥିବା ରାସ୍ତାର ଡଷ୍ଟ ପଡି ଏତେ ଧୂଳି ଉଡୁଛି। ଏହି ରାସ୍ତାର ପାର୍ଶ୍ୱର ଜନବସତି ରହିଛି। ରାସ୍ତାର ସକାଳେ ସନ୍ଧ୍ୟାରେ ପାଣି ସିଂଚନ କରୁ ନଥିବାରୁ ଧୂଳି ଉଡି ଧୂସରିତ ହୋଇ ପଡିଛି। ସାଧାରଣ ଲୋକ ଯାତାୟତ କରିବା କଷ୍ଟକର ହୋଇ ପଡୁଛି। କଂକ୍ରିଟ ରାସ୍ତାର ଦୁଇପାର୍ଶ୍ୱର ୱାଲ ଉଠାଇ ବାଲି ୧୦୦ଏମଏମ ଫିଲିଙ୍ଗ୍ ହୋଇ ଢଳେଇ ପଡିବାର ନିୟମ ଥିବାବେଳେ କେବଳ ପଲିଥିନ ବିଛାଇ ଢଳେଇ ପକାଇ ଚାଲି ଯାଉଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଆଜି ପାଢୀସାହି ପୋଖରୀ ପାଖରେ ୱାଲ ନଉଠାଇ ପଙ୍କରେ ଢଳେଇ ପକାଇଛନ୍ତି। ନିମ୍ନମାନର କାମକୁ ବିରୋଧ କରି କାମକୁ ବନ୍ଦ କରିଛନ୍ତି ଗ୍ରାମବାସୀ।

## ଅବସରପ୍ରାପ୍ତ ଜିଲ୍ଲାଜଜ୍ ଅଶୋକ ସେନପତିଙ୍କ ବିୟୋଗ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜେଲରୋଡ଼ ଅଞ୍ଚଳରେ ଜନ୍ମିତ ଜନୈକ ଅବସରପ୍ରାପ୍ତ ଜିଲ୍ଲାଜଜ୍ ଅଶୋକ କୁମାର ସେନାପତ(୮୧)ଙ୍କର ଗତ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଥିବାରୁ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ବାଲେଶ୍ୱର ଫକୀରମୋହନ କଲେଜ ପଛପଟ ଜେଲରୋଡ୍ ଅଞ୍ଚଳର ସ୍ୱର୍ଗତଃ ରାମଚନ୍ଦ୍ର ସେନାପତିଙ୍କ ମଧ୍ୟମ ପୁତ୍ର ଅଶୋକ କୁମାର ସେନାପତି ବିଚାରପତି ଭାବରେ କାର୍ଯ୍ୟ ଆରମ୍ଭ କରି କେନ୍ଦୁଝରରେ ଜିଲ୍ଲାଜଜ୍ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହାପରେ ସେ ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁସନ ଭାବରେ କାର୍ଯ୍ୟ ସମ୍ପାଦନ କରି ଅବସର ଗ୍ରହଣ କରିଥିଲେ । ସମ୍ବଲପୁର ଜିଲ୍ଲା ପୋକ୍ସ କୋଟରେ ଏଡିସୋନାଲ ଜିଲ୍ଲାଜଜ୍ ଭାବରେ କାର୍ଯ୍ୟରି ସାନ ପୁଅ ପାଖରେ ସ୍ୱର୍ଗତଃ ଅଶୋକ ରହୁଥିଲେ । ପୂର୍ବରୁ ସେ ବିଭିନ୍ନ ରୋଗରେ ଆକ୍ରାନ୍ତହୋଇ ଚିକିତ୍ସିତ ହୋଇଆସୁଥିଲେ । ତେବେ ଗତ ସୋମବାର ରାତିରେ ହଠାତ୍ ଗୁରୁତର ହୋଇ ପରଲୋକ ଗମନ କରିଥିଲେ । ମଙ୍ଗଳବାର ବାର ତାଙ୍କର ମରଶରୀର ଜେଲ୍‌ରୋଡ଼ର କଲେଜ ପଛପଟସ୍ଥିତ ବାସଭବନକୁ ଅଣାଯାଇଥିଲା । ପରେ ତାଙ୍କର ମରଶରୀରକୁ ନିକଟସ୍ଥ ଛତୁଆ ମଶାଣୀକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି । ତାଙ୍କର ମୃତ୍ୟୁ ଖବର ପାଇ ବାଲେଶ୍ୱରର ଶତାଧିକ ବନ୍ଧୁବାନ୍ଧବ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଶତାୟୁ ଶିଳ୍ପୀ ଅଭିରାମ ବେହେରାଙ୍କ ମୃତ୍ୟୁ



ବାଲେଶ୍ୱର, (ସବ୍ୟୁ): ସୋମାବର ରାତିରେ ଶତାୟୁ ଶିଳ୍ପୀ ତଥା ସମାଜସେବୀ କୁଣ୍ଡୁଳି ପଞ୍ଚାୟତର ଶିବପୁରା ଗ୍ରାମର ଅଭିରାମ ବେହେରା(୧୦୩)ଙ୍କର ମୃତ୍ୟୁ ଘଟିଛି । ସେ ଜଣେ ମନ୍ଦିର ନିର୍ମାଣ ରେ ମୁଖ୍ୟ ମିସ୍ତ୍ରୀ ତଥା ଶିଳ୍ପୀ ଭାବରେ ବିଭିନ୍ନ ଅଂଚଳରେ ବିଖ୍ୟାତ ଥିଲେ । ମହାପଦା ମଠ ଓ ମନ୍ଦିର ର ପୁନଃନିର୍ମାଣ, ମଠର ରକ୍ଷଣା ବେକ୍ଷଣ ପାଇଁ କମିଟି ରେ ଦୀର୍ଘ ଦିନ ସକ୍ରିୟ ଥିଲେ । ଜଣେ ସମାଜସେବୀ, ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । ତାଙ୍କ ବିୟୋଗ ରେ କୁଣ୍ଡୁଳି, ସାଉଡି, ବଳଙ୍ଗ ଓ ସାରଥା ପଂଚାୟତର ବହୁ ବ୍ୟକ୍ତି ଶେଷ ଦର୍ଶନ କରିବାକୁ ଯାଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କୁଣ୍ଡୁଳି ସରପଞ୍ଚ ଜୟନ୍ତ ଦାସ, ଯୁଧିଷ୍ଠିର କଲେଜର ପୂର୍ବତନ ଅଧ୍ୟକ୍ଷ ଜଳନ୍ଧର ମଲ୍ଲିକ, ମଠ ପରିଚାଳନା କମିଟିର ବହୁ ସଦସ୍ୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ତାଙ୍କ ବଡ଼ ପୁଅ ବିଶ୍ୱକେସନ ବେହେରା ମୁଖାଗ୍ନି ଦେଇଥିଲେ ।

## ଖରିଫ ମାର୍କେଟିଂ ସିଜନ ବୈଠକ

ବାଲେଶ୍ୱର, (ସବ୍ୟୁ): ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଖରିଫ ମାର୍କେଟିଂ ସିଜନ ୨୦୨୫-୨୬ ପାଇଁ ରାଗି କ୍ରୟ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରକ୍ୟୁରମେଣ୍ଟ କମିଟି,ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ସହରାଞ୍ଚଳରେ ମିଲେଟ ଶକ୍ତି କାଫେ ସ୍ଥାପନା ସମ୍ପର୍କିତ ଜିଲ୍ଲା ସ୍ତରୀୟ ସମନ୍ୱୟ ସହ ରବି ୨୦୨୫--୨୬ ପାଇଁ ଡାଲି ଓ ତେଲବିଜ ଫସଲ କ୍ରୟ ସମ୍ପର୍କିତ ଡ଼ିଏଲ୍‌ପିସି ଏବଂ ରବି ୨୦୨୫--୨୬ ପାଇଁ ଜିଲ୍ଲା କୃଷି ରଣନୀତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି।ଏହି ବୈଠକରେ ଉପଜିଲ୍ଲାପାଳ, ନୀଳଗିରି ଡା. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ତୁଷାର କାନ୍ତି ଟୁଙ୍ଗା, ଉପନିର୍ଦ୍ଦେଶକ ପ୍ରଦୀପ କୁମାର ବଳ, ସହକାରୀ ସମିତି ଉପନିବନ୍ଧକ ସରୋଜିନୀ ନାଏକ, ସିଇଓ, ବାଲେଶ୍ୱର ବି.ବି.ସି.ସି.ବି. କୈଳାଶ ସାବର, ଡିପିଏମଉ ଅଧିକାରୀ ହେମନ୍ତ କୁମାର ପାତ୍ର, ଅଧିକାରୀ ଇଞ୍ଜିନିୟର , ଏମ୍.ଆଇ.ଡି., ବାଲେଶ୍ୱର ସୁଶୀଲ କୁମାର ବିଶ୍ୱାଳ ସହିତ କୃଷି ଓ ସଂଲଗ୍ନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଖରିଫ କାର୍ଯ୍ୟକ୍ରମର କାର୍ଯ୍ୟଦକ୍ଷତା ବିଶ୍ଳେଷଣ, ଉପଲବ୍ଧ ସିଞ୍ଚନ ସାଧନର ସର୍ବାଧିକ ବ୍ୟବହାର, ଧାନ ଫସଲରୁ ଅଧାନ ଫସଲକୁ ଚାଷ ବିବିଧିକରଣ, ଡାଲି ଓ ତୈଳବୀଜ ଫସଲ ଉପରେ ବିଶେଷ ଗୁରୁତ୍ୱ ଦେଇ ଆତ୍ମନିର୍ଭରତା ଦିଗରେ ଉତ୍ପାଦନ ଓ ଫଳନ ବୃଦ୍ଧି, ମାଟି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଓ ମାଟି ପରୀକ୍ଷା ଆଧାରିତ ସମତୁଳିତ ସାର ବ୍ୟବହାର, ଧାନ ପଡ଼ିଆ ଜମିରେ ଅବଶିଷ୍ଟ ଆର୍ଦ୍ରତାର ସଦ୍‌ବ୍ୟବହାର କରି କମ୍ପ୍ରିହେନ୍ସିଭ୍ ରାଇସ୍ ଫ୍ୟାଲୋ ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମ ଅଧୀନରେ ମୁଗ ଓ ବିରି ଚାଷ, ପିଏସ୍ଏସ୍ ମାଧ୍ୟମରେ ଅଧାନ ଫସଲ କ୍ରୟ, ସମସ୍ତ ଡେମୋନ୍‌ଷ୍ଟ୍ରେସନ କାର୍ଯ୍ୟକ୍ରମକୁ ପିଏସ୍ଏସ୍ ଅଧୀନରେ ଆଣିବା, ଫାର୍ମ ମେକାନାଇଜେସନ, ଇଣ୍ଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମ୍, ମିଲେଟ ଓ ମକା ଚାଷ ପ୍ରଚାର ଆଦି ବିଷୟ ଉପରେ ଆଲୋଚନା ହୋଇଛି।

## ରତିକାନ୍ତ ପୁଣି ହେଲେ ବ୍ଲକ ମହିଳା ସୁରକ୍ଷା କମିଟି ସଦସ୍ୟ



ଆନନ୍ଦପୁର , (ସବ୍ୟୁ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମହିଳା ସୁରକ୍ଷା କମିଟିର ସଦସ୍ୟ ଭାବେ ହାଟଡିହି ବ୍ଲକ ଉପାଧ୍ୟକ୍ଷ ତଥା ସମାଜସେବ ରତିକାନ୍ତ ରାଉତ ପୁନଃ ମନୋନୀ ମନୋନୀତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଏହି କମିଟିର ସଦସ୍ୟ ଭାବେ ପୁନଃ ମନୋନୀତ କରାଯାଇଛି। ଏନେଇ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପ ଜିଲ୍ଲାପାଳ, ଆନନ୍ଦପୁର ଏସଡିପିଓ ଏବଂ ନନ୍ଦିପଦା, ଆନନ୍ଦପୁର, ସୋସୋ ଥାନା ଅଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଏହି କମିଟିରେ ହାଟଡିହି ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଉମାମଣି ମହାପାତ୍ର ଏହାର ଅଧ୍ୟକ୍ଷ ଥିବାବେଳେ ସମାଜସେବୀ ରତିକାନ୍ତ ରାଉତ, ସଦସ୍ୟ ଆବାହକ ଥିବାବେଳେ ବଞ୍ଝୋ ରାଜସ୍ୱ ନିରୀକ୍ଷକ ଦିପ୍ତିମୟୀ ସାହୁ, ଓ ଜେ.ଆର.ଏ କ୍ରୀଷ୍ଟା କୁମାରୀ ପଣ୍ଡା ଏହାର ସଦସ୍ୟ ଅଛନ୍ତି। ହାଟଡିହି ବ୍ଲକ ଉପାଧ୍ୟକ୍ଷ ତଥା ସମାଜସେବୀ ରତିକାନ୍ତ ରାଉତଙ୍କ କାର୍ଯ୍ୟଧାରାକୁ ଦେଖି ତାଙ୍କୁ କମିଟିର ସଦସ୍ୟ ଭାବେ ପ୍ରଶାସନ ପକ୍ଷରୁ ମନୋନୀତ କରାଯାଇଛି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ତାଙ୍କୁ ଏପରି ଏକ ପଦବିରେ ରଖା ଯାଇଥିବାରୁ ସେ କମିଟିର କାର୍ଯ୍ୟଧାରା ଅନୁଯାୟୀ କାମ କରିବା ସହିତ ଏଥିପାଇଁ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ସ୍ୱାମୀ ସନ୍ତାନ ହରା ମାଳତୀ ନାୟକଙ୍କୁ ସହାୟତା

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ଅଧୀନ ବାଗଡିଆ ଗ୍ରାମର ସ୍ୱାମୀ ସନ୍ତାନକୁ ହରାଇ ଦୁଃଖରେ କାଳାତିପାତ କରୁଥିବା ଅସହାୟ ମହିଳା ମାଳତୀ ନାୟକଙ୍କୁ ସହୟତାର ହାତ ବଢାଇଛନ୍ତି ନନ୍ଦୁର ଗାଁର ଚଣ୍ଡୀମାତା ସେବା ସଙ୍ଗଠନର ସଦସ୍ୟଗଣ । ରବିବାର ସଙ୍ଗଠନର ଅଧ୍ୟକ୍ଷ ହିମାଂଶୁ ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ମାଳତୀଙ୍କୁ ଭେଟି ଆଶ୍ୱାସନା ଦେବା ସହ ଆର୍ଥିକ ସହୟତା ପ୍ରଦାନ କରିଛନ୍ତି । କିଛି ବର୍ଷ ତଳେ ଏକମାତ୍ର ପୁଅ ମୃତ୍ୟୁ ବରଣ କରିଥିବା ବେଳେ ନିକଟରେ ସ୍ୱାମୀ ସୁଦର୍ଶନ ମହାପାତ୍ରଙ୍କର ଦେହାନ୍ତ ହୋଇ ଯାଇଛି । ସହାୟତା ପ୍ରଦାନ ସମୟରେ ଉପଦେଷ୍ଟା ପ୍ରହଲ୍ଲାଦ ପତି,ଧନଞ୍ଜୟ ପଣ୍ଡା,ବିଶ୍ୱଭୁଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁଇ ବାଇକ୍ ଧକ୍କା, ଦୁଇ ଗୁରୁତର

ନୀଳଗିରି, (ସବ୍ୟୁ) : -ମିତ୍ରପୁର ନିଳଗିରି ରାସ୍ତାର ବାଣପୁର ବିଦ୍ୟୁତ୍ ଛକ ନିକଟରେ ଦୁଇ ବାଇକ୍ ଧକ୍କା ହେବାରୁ ଗୁରୁତର ହୋଇଥିଲେ । ଘଟଣା ସ୍ଥଳରେ ନୀଳଗିରି ପୋଲିସ ପହଞ୍ଚି ପୋଲିସ ଗାଡିରେ ନୀଳଗିରି ମେଡିକାଲକୁ ଆଣିଥିଲେ। ଉଭୟ ବାଇକ୍ ଆରୋହୀ ନୀଳଗିରିକୁ ଆସୁଥିବାବେଳେ ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ ନୀଳଗିରି ମିରିଗିଣି ଗ୍ରାମର ସୁନୀଲ ପ୍ରଧାନର ପୁଅ ମିଳନ୍ (୪୨) ନିଜ ବାଇକରେ ନୀଳଗିରି ଆସୁଥିବାବେଳେ ଅଯୋଧ୍ୟା ଗ୍ରାମର ଅଭିଜିତ ସିଂ ରେମୁଣା କଲେଜରୁ କାମ ସାରି ନୀଳଗିରି ଆସୁଥିଲା। ଏପଟେ ଉଭୟ ବାଇକ୍ ଆରୋହୀ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ମିଳନ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁଇ ବାଇକକୁ ପୋଲିସ ଜବତ କରିଛି।

## ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ୮ରୁ

ବାଲେଶ୍ୱର, (ସବ୍ୟୁ): ୨୬ତମ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଜାନୁଆରୀ ମାସ ୮ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବବୋଲି ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବର ପ୍ରତିସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାଂସଦ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଚଳିତବର୍ଷର ମୁଖ୍ୟ ଆକର୍ଷଣ ଭାବେ ନେପାଳୀ ଲୋକନୃତ୍ୟ ପୁରୀର ଗୋଟିପୁଅ ନାଚ, କୋଲକତାର ଅର୍କେଷ୍ଟ୍ରା ଆଦି କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ସର୍ବଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି, ସମରେନ୍ଦ୍ର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ବୀପ୍ଳବ କୁମାର ମହାନ୍ତି, ହରେକୃଷ୍ଣ ଦାଶ, ଭାବଗ୍ରାହୀ ମହାନ୍ତି, ଭାଗବତ ସାହୁ, ସମରେନ୍ଦ୍ର ଦାଶ, କିଶୋର ଦାସ,ଡଃ ଶ୍ରୀମାନ ଶ୍ରୀଚନ୍ଦନ, ରାଜେନ୍ଦ୍ର ପଟ୍ଟନାୟକ, ଅମୃତାଂଶୁ ପଟ୍ଟନାୟକ, ନିର୍ମାଲ୍ୟ ମହାନ୍ତି, ଆରତୀ ଦାସ, ସନ୍ଧ୍ୟାରାଣୀ ଭୂୟାଁ, ସୁକୁମାର ରଣା, ତପନ ଜେନା, ଶ୍ରୀକାନ୍ତ ନାୟକ, ହାଇଦର ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଖ୍ୱାଜା ଗରିବନୱାଜ ଚିସ୍ତିଙ୍କ ବାର୍ଷିକ ଉର୍ସ ଉତ୍ସବ

ଧାମନଗର,(ସବ୍ୟୁ): ପୀରବାବା ହଜରତ ଖ୍ୱାଜା ଗରିବନୱାଜ ଚିସ୍ତିଙ୍କ ବାର୍ଷିକ ଉର୍ସ ଉତ୍ସବ ଓ କଓ୍ୱାଲି କାର୍ଯ୍ୟକ୍ରମ ଧାମନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର କୋରେସିମହଲା ସ୍ଥିତ କେଜିଏନ କମିଟି ତରଫରୁ ଏହି ଅବସରରେ ଚାଦର ଶୋଭାଯାତ୍ରା ବାହାରି ପୀରବାବାଙ୍କ ଆସ୍ତାନରେ ଚାଦର ଚଢାଯାଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଲଙ୍ଗର ବଣ୍ଟନ କରାଯାଇଥିଲା। ଧାମନଗର ଏନଏସି ଅନ୍ତର୍ଗତ କୋରେସିମହଲ୍ଲା ଠାରେ କେଜିଏନ କ୍ଲବ ଆନୁକୂଲ୍ୟରେ ଏକ କଓ୍ୱାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସକାଳର ପ୍ରକାଶକ ଅମିତ କୁମାର ମଲ୍ଲିକ ଯୋଗଦେଇ କଓ୍ୱାଲି ପ୍ରୋଗ୍ରାମକୁ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତଅତିଥି ଭାବେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ,ସ୍ଥାନୀୟ କାଉନସିଲର ନଜମା ଖାତୁନ,ସମାଜସେବୀ ଲମ୍ବୋଦର ଜେନା,ସେକ ଅବଦୁଲ ହକିମ ପ୍ରମୁଖ ଯୋଗଦେଇ ପୀରବାବା ଖ୍ୱାଜା ଗରିବନୱାଜ ଚିସ୍ତିଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବନାରସର କଓ୍ୱାଲ୍ ଆବିଦ ସାବ୍ରୀ ଏବଂ ବିହାରର ହାକିକ ୱାର୍ଷିଙ୍କ ମଧ୍ୟରେ କଓ୍ୱାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୀରବାବାଙ୍କ ଭକ୍ତ,ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

## ଗୋନାସିକା ମହୋତ୍ସବରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ

କେନ୍ଦୁଝର,(ଜିପ୍ର/ସବ୍ୟୁ) : କେନ୍ଦୁଝର ଗାନାସିକା ମହୋତ୍ସବ ୨୦୨୫ରମ୍ଗଳବାର ଥିଲା ଶେଷ ଦିନ । ଏହି ଶେଷଦିନରେ ସ୍ଥାନୀୟ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରସାଶନ ଓ ଜିଲ୍ଲା ଆଥଲେଟିକ ଆସୋସିଏସନ ମିଳିତ ଉଦ୍ୟମରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ନାଗରିକ ଏକାଦଶ ପକ୍ଷରୁ ଜିଲ୍ଲା କ୍ରୀ ସଂସଦ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏହି ମ୍ୟାଚର ନେତୃତ୍ୱ ନେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଭଲ ଖେଳିଥିଲେ ଏବଂ ୪ଟି ଗୋଲ ଦେଇଥିଲେ। ନାଗରିକ ଏକାଦଶରେ ତାଳମେଳ ଆରମ୍ଭରୁ ଠିକ ନଥିଲେ ମଧ୍ୟରେ ଶେଷରେ ସୁଦର୍ଶନ ସ୍ୱାଇଁ ଓ ଯୁଧିଷ୍ଠିର ପାତ୍ର ଲଢୁଆ ଖେଳି ଗୋଟେ ଗୋଟେ ଗୋଲ ଦେଇ ସମ୍ମାନ ରଖିଥିଲେ। ନ ନାଗରିକ ମଞ୍ଚ ପକ୍ଷରୁ ଦିଲୀପ କୁମାର ସାହୁ, ସାମ୍ବାଦିକ ଶରତ ଦାସ, ମଳୟ ପାଣି, ଶରତ ଜେନା, ମଗନ ମଲିକ, ରବିନ୍ଦ୍ର ପାଢ଼ୀ ଆଦି ମଧ୍ୟ ଖେଳିଥିଲେ। ଖେଳ ଶେଷରେ ଉଭୟ ଦଳଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଟ୍ରକକୁ ପଛରୁ ପିଟିଲା ବସ ୫ ଯାତ୍ରୀ ଗୁରୁତର

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱରଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଓଳିଆ ପାଟଣା ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଏକ ଲରି ଟ୍ରକକୁ ପଛପଟୁ ଯାତ୍ରୀବାହୀ ବସ ବିନାୟକ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ବସ୍ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି।ସୂଚନା ମୁତାବକ ବିନାୟକ ବସ(ଓଡି-୧୫ଏଲ-୩୮୮)ଯାତ୍ରୀଙ୍କୁ ନେଇ ବାଲେଶରରୁ ଯାଜପୁର ଟାଉନ ଅଭିମୁଖେ ଯାଉଥିଲା। ଓଳିଆ ପାଟଣା ନିକଟରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପ ଏକ ଲରିଟ୍ରକ(ଏଚଆର-୬୯ଇ-୧୦୪୨)ତେଲ ପକାଇବା ପାଇଁ ଯାଉଥିବା ବେଳେ ପଛପଟୁ ବସ ଧକ୍କା ଦେଇଥିଲା। ଫଳରେ ବସରେ ସମ୍ମୁଖରେ ବସିଥିବା ୫ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତ ଆହତ ଯାତ୍ରୀମାନଙ୍କୁ ଜାତୀୟ ରାଜପଥ ପୁଲିସ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ବସ୍ରେ ଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ବସ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଧକ୍କା ପରେ ବସ୍ର ଡ୍ରାଇଭର ଏବଂ ହେଲ୍ପର ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି।

# ସାପ୍ତାହିକ ଅଭିନନ୍ଦନ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ




ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ସହରରୁ ପ୍ରକାଶ ପାଉଥିବା ସାପ୍ତାହିକ ସମ୍ବାଦପତ୍ର ଅଭିନନ୍ଦନର ୧୭ ସ୍ୱନକ୍ଷତ୍ର ଦିବସ ରବିବାର ଦିନ ଓଟି ରୋଡ ସ୍ଥିତ ଭେନ୍ୟା ପାରାଡାଇଜ୍‌ରେ ପାଳିତ ହୋଇଯାଇଛି। ଅଭିନନ୍ଦନର ସମ୍ପାଦକ ଇଂ ଜଗଦୀଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ପଥଦୁର୍ଗା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ସଦାନନ୍ଦ ଦିକ୍ଷୀତ ପରିଚାଳନା କରିଥିଲେ । ଏହି ସଭାରେ ବରେଣ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଦେବାଶିଷ ପାତ୍ର, ବରିଷ୍ଠ ସାମ୍ବାଦିକ, ଆମ ନ୍ୟୁଜ୍‌ର ଅଧ୍ୟକ୍ଷ ତଥା ବାଲେଶ୍ୱର ପ୍ରେସ୍ କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି, ଓଡ଼ିଶାର ଆଗଧାଡ଼ିର ଲେଖକ କାଳିକିଙ୍କର ଦାସ, ବରିଷ୍ଠ ଆଇନଜୀବୀ ଅରବିନ୍ଦ ବାରିକ, କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ରର ରାଜ୍ୟ ସଭାପତି ତଥା ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ଅପରାହ୍ନ ସମ୍ବାଦପତ୍ରର ସମ୍ପାଦକ ବଂଶୀଧର ଜେନା ପ୍ରମୁଖ ଯୋଗ ଦେଇ ବର୍ତ୍ତମାନ ସମୟରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମାନେ କିଭଳି ଭାବେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉଲ୍ଲେଖ କରିଥିଲେ । ବକ୍ତାମାନେ ଆହୁରି ମଧ୍ୟ କହିଥିଲେ ଯେ ଅଭିନନ୍ଦନ ସମ୍ବାଦପତ୍ର କ୍ଷୁଦ୍ର କଳେବର ନେଇ ପ୍ରକାଶ ପାଉଥିଲେ ମଧ୍ୟ ଏହା ଓଡ଼ିଶାର ୩୦ଟି ଜିଲ୍ଲାରେ ଥିବା ୩୧୪ଟି ବ୍ଲକ୍‌ରେ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛି । ଶେଷରେ ସମାଜସେବୀ ସତ୍ୟେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଇଣ୍ଡିଆନ୍ ଅଭରସିସ୍ ବ୍ୟାଙ୍କର ଅବସରପ୍ରାପ୍ତ ପ୍ରବନ୍ଧକ ମିହିର କୁମାର ଦତ୍ତଙ୍କ ଦ୍ୱାରା ଅଭିନନ୍ଦନ ଡିଜିଟାଲ ମିଡିଆ ଅଭିନନ୍ଦନ ଲାଇଭ୍‌ର ଶୁଭାରମ୍ଭ କରାଯାଇଥିଲା । ପରେ ୧୧ ଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି : ୭୫ ଅଭିଯୋଗ



ଠାକୁରମୁଣ୍ଡା , (ସବ୍ୟୁ): ୨୦୨୫ ର ଶେଷ ସୋମବାର ତଥା ମାସର ପଞ୍ଚମ ସୋମବାରରେ ଠାକୁରମୁଣ୍ଡା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୭୫ ଟି ଅଭିଯୋଗ ଆଗତ ହୋଇଥିଲା । ୫୩ ଟି ବ୍ୟକ୍ତିଗତ ଓ ୨୨ ଟି ସାମୁହିକ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲା । ସେଥିମଧ୍ୟରୁ ୪ଟି ଅଭିଯୋଗ ସମାଧାନ ହୋଇଥିଲା ୯ ଜଣକୁ ରେଡ଼କ୍ରସରୁ ୧୦ହଜାର ଏବଂ ଅନ୍ୟ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ ଜିଲ୍ଲାପାଳ । ସାମ୍ବାଦିକମାନେ ଜିଲ୍ଲାପାଳଙ୍କୁ ଭେଟି ଠାକୁରମୁଣ୍ଡା ବନ୍ଧର ବିକାଶ ପାଇଁ ମାଷ୍ଟର ପ୍ଲାନ, ଜବର ଦଖଲ ମୁକ୍ତ ଓ ରାଜସ୍ୱ ଆୟ ଭଳି ଭିତ୍ତିଭୂମି ପ୍ରସ୍ତୁତ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଯୋଜନା ପ୍ରସ୍ତୁତ କରିବାକୁ ନିବେଦନ କରାଯାଇଥିଲା । ସେହିପରି ସ୍କୁଲ ପରିସର ରାସ୍ତା କ ହାଣ୍ଡିଆ ହାଟ ଉଠାଇବା ପାଇଁ ଦାବି କରିଥିଲେ । ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ପିଏ, ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ରେଭିନ୍ୟୁ ଅଫିସର ପ୍ରକାଶ ଦାଶ, ଠାକୁରମୁଣ୍ଡା ବିଡ଼ିଓ ସତ୍ପେଶର ବେହେରା, ତହସିଲଦାର ସମ୍ବିତ କର, କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ ତଥା ବ୍ଲକ ଓ ଉପଖଣ୍ଡ ସ୍ତରର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ ।

(ଶ୍ରୀମଭଗବଦ୍ ଗୀତା ୨/୩)
ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

**କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ! ନୈତତ୍ତ୍ୱୟ୍ୟୁପପଦ୍ୟତେ ।**
**କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥ ୩ ॥**

ହେ ପାର୍ଥ ! କ୍ଲୈବ୍ୟଂ (କାତର୍ଯ୍ୟଂ) ମାସ୍ମ ଗମଃ (ମା ଗଚ୍ଛ), ଏତତ୍ ତ୍ୱୟି ନ ଉପପଦ୍ୟତେ (ଯୋଗ୍ୟଂ ନ ଭବତି), ହେ ପରନ୍ତପ ! ( ହେ ଶତ୍ରୁତାପନ !) କ୍ଷୁଦ୍ରଂ (ତୁଚ୍ଛଂ) ହୃଦୟଦୌର୍ବଲ୍ୟଂ (କାତର୍ଯ୍ୟଂ, ଅଧ୍ୟର୍ଯ୍ୟଂ) ତ୍ୱକ୍ତ୍ୱା (ବିହାୟ) ଉତ୍ତିଷ୍ଠ (ଯୁଦ୍ଧାୟ ଉପକ୍ରମଂ କୁରୁ) ? ॥ ୩ ॥

# ସାମାଜିକ ଗଣମାଧ୍ୟମର ଭଲ ମନ୍ଦ ଦିଗ

ଆଜି ମୁଦ୍ରଣ ଓ ତଡିତ ଗଣମାଧ୍ୟମ ଅପେକ୍ଷା ସାମାଜିକ ଗଣମାଧ୍ୟମ ଖୁବ୍ ପ୍ରଭାବଶାଳୀ ବୋଲି ମନେ ହୋଇଥାଏ । ଏହାର କାରଣ ମୋବାଇଲ ଫୋନ୍ ଆମମାନଙ୍କର ଜୀବନଚର୍ଯ୍ୟାକୁ ଆଚ୍ଛନ୍ନ କରି ରଖିଛି । ବହୁମୁଖୀ କାର୍ଯ୍ୟରେ ମୋବାଇଲ୍ ଫୋନ୍‌ର ବ୍ୟବହାର ଆମ ଜୀବନଧାରାରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଗଣିତ ହୋଇଛି । ମୋବାଇଲ ଫୋନ୍‌ର ପ୍ରୟୋଗ ଶିଖି ପାରିଲେ ଏହାର ବ୍ୟବହାରର ସାର୍ଥକତା ଜଣା ପଡ଼ିଥାଏ । ଇଣ୍ଟରନେଟ୍ ସହିତ ମୋବାଇଲର ସଂଯୋଗ ହିଁ ମୋବାଇଲ୍ ସେଟ୍‌ର ଉପଯୋଗିତାକୁ ଦ୍ୱିଗୁଣିତ କରିଥାଏ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ପିଲାଙ୍କ ଠାରୁ ବୟସ୍କଙ୍କ ଯାଏଁ ମୋବାଇଲ୍ ଦେଖାରେ ସମୟ କଟିଯାଏ । ଜଣା ପଡ଼େ ନାହିଁ କିଛି । ନିଃସଙ୍ଗ ଜୀବନରେ ମୋବାଇଲ୍ ହିଁ ଏକମାତ୍ର ସାଥୀ ପାଲଟିଯାଏ । ମୋବାଇଲ୍ ସେଟ୍ ମାନସିକ ସ୍ତରରେ ଆମକୁ ବ୍ୟାୟାମ ପାଇଁ ସୁଯୋଗ ଦେଇ ଆସୁଥିଲେ ମଧ୍ୟ ଶରୀର ଶ୍ରମ କରାଯିବା ତଦ୍ୱାରା ସମ୍ଭବ ହୁଏ ନାହିଁ । କିନ୍ତୁ ବଡ଼ କଥା ହେଉଛି ଅଧିକାଂଶ ସମସ୍ୟାକୁ ସମାଧାନ କରିଥାଏ ମୋବାଇଲର ସାମାଜିକ ଗଣମାଧ୍ୟମ । ଭାରତରେ ମୋବାଇଲର ପ୍ରଚଳନ ଖୁବ୍ ଅଧିକ । ମାତ୍ର ମୋବାଇଲ୍ ଜରିଆରେ ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଖୁବ୍ ବେଶୀ ଥାଏ ଓ ଅନାବଶ୍ୟକତା ମଧ୍ୟ କିଛି କମ୍ ନଥାଏ ।

ସେ ଯାହା ହେଉ, ଗତ କିଛି ବର୍ଷ ତଳେ କରୋନା ମହାମାରୀ ସମୟରେ ମୋବାଇଲ ଫୋନ୍‌ର ସାମାଜିକ ଆବଶ୍ୟକତା ଆମେ ସମସ୍ତେ ଅନୁଭବ କରି ଆସୁଥିଲେ । ସ୍କୁଲ ପିଲାଙ୍କୁ ପାଠ ପଢ଼ିବାକୁ ସ୍କୁଲକୁ ଯିବା ସମ୍ଭବ ହେଉ ନଥିଲା । ମାତ୍ର ଏହି ମୋବାଇଲ୍ ସହିତ ଇଣ୍ଟରନେଟ୍‌ର ସୁବିଧା ଆମ ସ୍କୁଲ ପିଲାମାନଙ୍କ ପାଇଁ ଅଧ୍ୟୟନର ସୁଯୋଗ ସୃଷ୍ଟି କରିଥିଲା । ଏତେ ବଡ଼ ସମସ୍ୟାରୁ ଆମମମାନଙ୍କୁ ମୁକ୍ତି ମିଳିଲା । ତଥାପି ମୋବାଇଲର ସାମାଜିକ ଗଣମାଧ୍ୟମର ଅସାମାଜିକ ଦିଗ ପ୍ରତି ଆମେମାନେ ଗୁରୁତ୍ୱାରୋପ କରି ପାରି ନାହୁଁ । ସାମାଜିକ ଗଣମାଧ୍ୟମର ଅଶ୍ଳୀଳତା ଦିଗ ପ୍ରତି ଦୃଷ୍ଟି ପକାଇଲେ, ଆମେ ଯେ ଏକ ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ପାଦ ରଖିବା ବେଳେ କେତେ ଅସୁବିଧାରେ ଥାଉଁ, ତାହା କଳ୍ପନାତୀତ । ଏହି ଅଶ୍ଳୀଳତାରୁ ଆସୁରିକ ପ୍ରବୃତ୍ତି ଆମର ଜାଗ୍ରତ ହୁଏ ଏବଂ ନାବାଳିକାଙ୍କୁ ବଳାତ୍କାର ପ୍ରଭୃତି ଅସାମାଜିକ କାର୍ଯ୍ୟକଳାପ କଥା ଶୁଣିଲେ, ଦେଖିଲେ ବା ଜାଣିଲେ,ମନ ଆମର ଘୃଣାରେ ଥରି ଉଠେ । ଆମେମାନେ ମା'ଙ୍କ ପରି ପବିତ୍ର ଶରୀରରୁ ଜନ୍ମ ନେଇଛୁଁ । ଭଗିନୀ ସହିତ ପବିତ୍ର ବନ୍ଧନରେ ଘରେ ଏକତ୍ର ଜୀବନଯାପନ କରୁଛୁଁ । ଭଗିନୀ ପର ଘରକୁ ବିବାହ କରି ଚାଲିଗଲେ, ଆମେମାନେ କେତେ ଦୁଃଖ ନ କରୁଁ ? ପୁଣି ଭଗିନୀ ତା'ର ଘର ସଂସାର କରି ଭଲରେ ରହିଲେ ଯାଇ ଆମମାନଙ୍କର ମନ ଆନନ୍ଦରେ ଭରି ଉଠେ । ପୁରୁଣା ଓ ନୂଆ ସଂପର୍କର ଏକ ଭିନ୍ନ ରଜ୍ଜୁରେ ବାନ୍ଧି ହୋଇ ଆମେମାନେ ଉଲ୍ଲସିତ ହୋଇଥାଉଁ । ମାତ୍ର ଏ ସବୁ ପାରମ୍ପରିକ ଉଲ୍ଲାସ ଆମର ନିଶ୍ଚିହ୍ନ ହୋଇଯାଏ, କଳଙ୍କିତ ଘଟଣାର ଆଗମନରେ ।

ଦିଗଭ୍ରଷ୍ଟ ଆଜିର ଯୁବ ସମାଜ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବର ଯୁବ ସମାଜକୁ ବିଭିନ୍ନ ଉପାୟରେ ଠିକ୍ ମାର୍ଗରେ ଆଣିବାକୁ ଚେଷ୍ଟିତ । ଏପରିକି ରାଜନୀତିକ ପରିବାରରୁ ଆସି ନଥିବା ପ୍ରାୟ ଲକ୍ଷେ ଯୁବକଙ୍କୁ ରାଜନୀତିରେ ଯୋଗ ଦେବାକୁ ସେ ଆହ୍ୱାନ ଦେଇଛନ୍ତି । ଆମ ସମାଜରେ ମୂଳଦୁଆ ମାତୃଶକ୍ତି ପାଇଁ ମୋଦିଜୀ ତାଙ୍କ ନିର୍ବାଚନ ଇସ୍ତାହାରରେ ଅନେକ ଗୁଡିଏ ପଦକ୍ଷେପ ନେଇଛନ୍ତି । 'ବେଟୀ ବଚାଓ, ବେଟୀ ପଢ଼ାଓ' ଯୋଜନା ଯାହା ୨୦୧୫ରୁ ପ୍ରଧାନମନ୍ତ୍ରୀ ଆରମ୍ଭ କରିଛନ୍ତି, ତାହା ଏକ ସର୍ବୋତ୍ତମ ଯୋଜନା । ବାଳିକାମାନଙ୍କୁ ପାଠ ପଢ଼ାଇ ସମୃଦ୍ଧ କରାଇବା ପରେ ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇବା ଏହି ଯୋଜନାର ଲକ୍ଷ୍ୟ । ମହିଳାଙ୍କ ପାଇଁ ଅନ୍ୟାନ୍ୟ ଯୋଜନା ମଧ୍ୟରେ 'ଉଜ୍ଜ୍ୱଳା ଯୋଜନା' ୨୦୧୬ରୁ ଆରମ୍ଭ ହୋଇଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟରକ୍ଷାର ଅନ୍ୟତମ ଶ୍ରେଷ୍ଠ ଯୋଜନା । ଗର୍ଭବତୀ ମହିଳାଙ୍କ ଲାଗି ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ନିର୍ଭୟା ଯୋଜନା (ସଂଶୋଧିତ), ସମାନତା / ସମକକ୍ଷ ଯୋଜନା, କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଅସଦାଚରଣ କରାଯିବାର ପ୍ରତିକାର ଯୋଜନା ପ୍ରଭୃତି କରାଯାଇଛି । ମାତ୍ର, ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାରେ ଯେଉଁ ପୋକସୋ ଆଇନ ହୋଇଛି, ତାହାକୁ ଅଧିକାରୁ ଅଧିକ କଠୋର କରାଗଲେ, ଏପରି ଅପରାଧ ହ୍ରାସ ପାଇବାର ସମ୍ଭାବନା ଦେଖାଯିବ । ୧୮ ବର୍ଷରୁ କମ୍ ବୟସର ଶିଶୁ କନ୍ୟାଙ୍କୁ ଅପରାଧପ୍ରବଣତା ଯୋଗୁଁ ବଳାତ୍କାର କରୁଥିବା ବ୍ୟକ୍ତିମାନଙ୍କୁ ସମସ୍ତଙ୍କ ସମ୍ମୁଖରେ ଦଣ୍ଡିତ କରାଇବା ପରି ଦଣ୍ଡ ବିଧାନ କରାଯାଉ । ସାମାଜିକ ଗଣମାଧ୍ୟମରୁ ଏପରି କୁଶିକ୍ଷା ଲାଭ କରିଥିବା ଅପରାଧୀମାନଙ୍କୁ ଯେତେ ଦଣ୍ଡ ଦେଲେ ବି ତାହା ସାମାନ୍ୟ ବୋଲି ମନେ ହୋଇଥାଏ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ୨୦୨୫-ସଂସ୍କାରର ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଆମ ଲୋକମାନଙ୍କର ଅଭିନବ ଚିନ୍ତାଧାରା କାରଣରୁ ଏହା ସମ୍ଭବ ହୋଇପାରିଛି। ଆଜି ଦୁନିଆ ଭାରତକୁ ଆଶା ଏବଂ ଭରସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି । ପରବର୍ତ୍ତୀ ପିଢିର ସଂସ୍କାରକୁ ନେଇ ଭାରତର ଦ୍ରୁତ ପ୍ରଗତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପ୍ରଗତି ଦେଖିବାକୁ ମିଳିଛି ଏବଂ ଦେଶର ଅଭିବୃଦ୍ଧି କ୍ଷମତା ମଧ୍ୟ ବୃଦ୍ଧିଛି । ଭାରତ ସଂସ୍କାର ଏକ୍ସପ୍ରେସରେ ସବାର ହୋଇସାରିଛି ବୋଲି ମୁଁ ଅନେକ ଲୋକଙ୍କୁ କହିଆସୁଛି । ଏହି ସଂସ୍କାର ବା ରିଫର୍ମ ଏକ୍ସପ୍ରେସର ମୁଖ୍ୟ ଇଞ୍ଜିନ୍ ହେଉଛି ଭାରତର ଜନସଂଖ୍ୟା, ଆମର ଯୁବପିଢି ଏବଂ ଆମ ନାଗରିକମାନଙ୍କର ଅଦମ୍ୟ ସାହସ । ୨୦୨୫ ବର୍ଷ ଭାରତ ପାଇଁ ସଂସ୍କାରର ବର୍ଷ ରୂପେ ସ୍ମରଣୀୟ ହୋଇ ରହିବ। ଗତ ୧୧ ବର୍ଷ ମଧ୍ୟରେ ହାସଲ କରାଯାଇଥିବା ପ୍ରଗତିକୁ ଆଧାର କରି କ୍ରମାଗତ ସଂସ୍କାରର ଏକ ଜାତୀୟ ମିଶନକୁ ଏହି ବର୍ଷ ଦେଶ ଗ୍ରହଣ କରିଥିଲା। ଆମେ ପ୍ରତିଷ୍ଠାନଗୁଡ଼ିକୁ ଆଧୁନିକ ରୂପ ଦେଇଥିଲୁ। ପ୍ରଶାସନକୁ ସହଜ କରିଥିଲୁ ଏବଂ ଦୀର୍ଘସ୍ଥାୟୀ ତଥା ସମାବେଶୀ ବିକାଶର ମୂଳଦୁଆକୁ ଅଧିକ ମଜବୁତ କରିଥିଲୁ।

ଆମେ ନିର୍ଣ୍ଣାୟକ ଢଙ୍ଗରେ ଆଗକୁ ବଢ଼ିଛୁ... ଅଧିକ ଉଚ୍ଚାକାଂକ୍ଷା, ଦ୍ରୁତ କାର୍ଯ୍ୟକାରିତା ଏବଂ ଗଭୀର ରୂପାନ୍ତରଣ ଆମ ପ୍ରଗତିର ବାହକ ହୋଇ ଆସିଛି। ନାଗରିକଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଯୋଗାଇ ଦେବା, ଉଦ୍ୟୋଗୀମାନଙ୍କୁ ଆତ୍ମବିଶ୍ୱାସର ସହିତ ଅଭିନବ ପଦକ୍ଷେପ ନେବାକୁ ସୁଯୋଗ ଦେବା ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଚ୍ଛତା ଓ ଭରସା ସହିତ କାମ କରିବା ଲାଗି ସକ୍ଷମ କରିବା ଆମ ସଂସ୍କାରର ଉଦ୍ଦେଶ୍ୟ। ମୁଁ ଏଠାରେ କେତେକ ସଂସ୍କାରର ଉଦାହରଣ ଦେବାକୁ ଚାହୁଁଛି ।

**ଜିଏସଟି ସଂସ୍କାର :**

- ୫% ଏବଂ ୧୮%ର ଏକ ସ୍ୱଚ୍ଛ ଦୁଇଟିକିଆ ସ୍ଲାବ୍ ଢାଞ୍ଚା କାର୍ଯ୍ୟକାରୀ ହୋଇଛି ।
- ସାଧାରଣ ପରିବାର, ଏମଏସଏମଇ, ଚାଷୀ ଏବଂ ଶ୍ରମିକ ସଘନ କ୍ଷେତ୍ର ଉପରେ ବୋଝ ହ୍ରାସ କରାଯାଇଛି।
- ଆମର ଉଦ୍ଦେଶ୍ୟ ହେଉଛି ବିବାଦ ହ୍ରାସ କରିବା ଏବଂ ଉନ୍ନତ ଅନୁପାଳନ ସୁନିଶ୍ଚିତ କରିବା।
- ଏହି ସଂସ୍କାର ଉପଭୋକ୍ତାଙ୍କ ଭାବନାକୁ ପ୍ରୋତ୍ସାହିତ କରିଛି । ପାର୍ବଣ ଋତୁରେ ବିକ୍ରି ବୃଦ୍ଧି ପାଇଛି।

**ମଧ୍ୟବିତ୍ତଙ୍କ ପାଇଁ ଅତୁଳନୀୟ ଆଶ୍ୱସ୍ତି :**

- ପ୍ରଥମତଃ, ଗୋଟିଏ ବର୍ଷରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଆଦୌ ଆୟକର ଦେବାକୁ ପଡ଼ିବ ନାହିଁ ।
- ୧୯୬୧ର ପୁରୁଣା ଆୟକର ଆଇନ ସ୍ଥାନରେ ଆଧୁନିକ ଏବଂ ସହଜ ଆୟକର ଆଇନ, ୨୦୨୫ କାର୍ଯ୍ୟକାରୀ ହୋଇଛି ।
- ଏସବୁ ସଂସ୍କାର ଭାରତକୁ ଏକ ସ୍ୱଚ୍ଛ, ପ୍ରଯୁକ୍ତି ଆଧାରିତ ଟିକସ ପ୍ରଶାସନ ଦିଗରେ ନେଇଯାଉଛି।

**କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟକୁ ପ୍ରୋତ୍ସାହନ**

- 'କ୍ଷୁଦ୍ର କମ୍ପାନୀ'ର ପରିଭାଷାକୁ ବଦଳାଇ ସେଥିରେ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଥିବା କମ୍ପାନୀଗୁଡ଼ିକୁ ସାମିଲ କରାଯାଇଛି ।
- ହଜାର ହଜାର କମ୍ପାନୀଙ୍କ ପାଇଁ ଅନୁପାଳନ ବୋଝ ଏବଂ ଏହା ସହିତ ଜଡ଼ିତ ଖର୍ଚ୍ଚ ହ୍ରାସ ପାଇପାଇବ।

**୧୦୦% ଏଫଡିଆଇ ବୀମା ସଂସ୍କାର :**

- ଭାରତୀୟ ବୀମା କମ୍ପାନୀରେ ୧୦୦% ଏଫଡିଆଇକୁ ମଞ୍ଜୁରି ମିଳିଛି।
- ଏହାଦ୍ୱାରା ବୀମାର ପ୍ରସାର ବିବ ଏବଂ ଲୋକମାନଙ୍କୁ ସୁରକ୍ଷା ମିଳିପାରିବ।
- ବର୍ଦ୍ଧିତ ପ୍ରତିଦ୍ୱନ୍ଦ୍ୱିତା ବ୍ୟତୀତ, ଏହା ଲୋକମାନଙ୍କୁ ଉନ୍ନତ ବୀମା ବିକଳ୍ପ ଏବଂ ଉନ୍ନତ ସେବା ବିତରଣ ପ୍ରଦାନ କରିବ।

**ପ୍ରତିଭୂତି ବଜାରରେ ସଂସ୍କାର :**

- ସିକ୍ୟୁରିଟିଜ୍ ବା ପ୍ରତିଭୂତି ସଂହିତା ବିଲ ସଂସଦରେ ଉପସ୍ଥାପନ କରାଯାଇଛି। ଏହା ସେବିରେ ପ୍ରଶାସନିକ ନିୟମକୁ ଉନ୍ନତ କରିବା ସହିତ ନିବେଶକଙ୍କ ସୁରକ୍ଷା ବାଢ଼ାଇବ, ଅନୁପାଳନ ବୋଝକୁ ହ୍ରାସ କରିବ ଏବଂ ବିକଶିତ ଭାରତ ପାଇଁ ପ୍ରଯୁକ୍ତି ଆଧାରିତ ସିକ୍ୟୁରିଟିଜ୍ ମାର୍କେଟ୍ ବା ପ୍ରତିଭୂତି ବଜାରକୁ ସକ୍ଷମ କରିବ।
- ସଂସ୍କାର ଦ୍ୱାରା ଅନୁପାଳନ ଏବଂ ଅନ୍ୟାନ୍ୟ ବୋଝ ହ୍ରାସ ପାଇବା ଫଳରେ ସଞ୍ଚୟ ସୁନିଶ୍ଚିତ ହେବ।

**ସାମୁଦ୍ରିକ ଏବଂ ନୀଳ ଅର୍ଥବ୍ୟବସ୍ଥା ଦିଗରେ ସଂସ୍କାର :**

- ସଂସଦର ଗୋଟିଏ ଅଧିବେଶନ, ମୌସୁମୀ ଅଧିବେଶନରେ, ପାଞ୍ଚଟି ଐତିହାସିକ ସାମୁଦ୍ରିକ ଆଇନ ଗୃହୀତ ହୋଇଛି : ଦ ବିଲ୍ସ ଅଫ୍ ଲ୍ୟାଡିଂ ଆଇନ, ୨୦୨୫ ଉପକୂଳ ଜାହାଜ ଚଳାଚଳ ବିଲ, ୨୦୨୫ ଦ ମର୍ଚ୍ଚାଣ୍ଟ ଶିପିଂ ବିଲ, ୨୦୨୫ ଏବଂ ଦ ଇଣ୍ଡିଆନ୍ ପୋର୍ଟସ୍ ବିଲ୍, ୨୦୨୫।
- ଏସବୁ ସଂସ୍କାର କାଗଜପତ୍ର କାମକୁ ସରଳ କରିବ, ବିବାଦ ସମାଧାନକୁ ସହଜ କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ ।
- ୧୯୦୮, ୧୯୨୫ ଏବଂ ୧୯୫୮ର ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି ।

**ଜନ ବିଶ୍ୱାସ... ଅପରାଧୀକରଣର ଯୁଗ ଶେଷ :**

- ଶତାଧିକ ପୁରୁଣା ଆଇନକୁ ଉଚ୍ଛେଦ କରାଯାଇଛି ।
- ଉଚ୍ଛେଦ ଏବଂ ସଂଶୋଧନ ବିଲ ୨୦୨୫ ମାଧ୍ୟମରେ ୭୧ଟି ପୁରୁଣା ଆଇନ ଉଚ୍ଛେଦ କରାଯାଇଛି ।

**ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ :**

- ସିନ୍ଥେଟିକ୍ ଫାଇବର, ୟାର୍ନ, ପ୍ଲାଷ୍ଟିକ୍, ପଲିମର ଏବଂ ବେସ୍ ମେଟାଲରେ ମୋଟ୍ ୨୨ଟି କ୍ୟୁସିଓକୁ ରଦ୍ଦ କରାଯାଇଛି । ଅନ୍ୟପଟେ ବିଭିନ୍ନ ଷ୍ଟିଲ୍, ଇଞ୍ଜିନିୟର୍ଡ, ଇଲେକ୍ଟ୍ରିକାଲ, ଆଲଏ ଏବଂ ଉପଭୋକ୍ତା ଉତ୍ପାଦ ବର୍ଗରେ ୫୩ଟି କ୍ୟୁସିଓକୁ ବାତିଲ୍ କରାଯାଇଛି, ଏଥିରେ ବହୁସଂଖ୍ୟାରେ ଶିଳ୍ପ ଏବଂ ଉପଭୋକ୍ତା ସାମଗ୍ରୀ ସାମିଲ ରହିଛି ।
- ଏହାଦ୍ୱାରା ଭାରତର ପୋଷାକ ରପ୍ତାନି ବୃଦ୍ଧି ପାଇବ ଜୋତା, ଅଟୋମୋବାଇଲ ଭଳି ଭିନ୍ନ ଭିନ୍ନ ଶିଳ୍ପରେ ଉତ୍ପାଦନ ଖର୍ଚ୍ଚ କମିବ ଏବଂ ଘରୋଇ ଉପଭୋକ୍ତାଙ୍କୁ ଇଲେକ୍ଟ୍ରୋନିକ୍ସ, ସାଇକେଲ ଏବଂ ଅଟୋମୋଟିଭ୍ ଉତ୍ପାଦ କମ୍ ଦାମରେ ମିଳିପାରିବ ।

**ଐତିହାସିକ ଶ୍ରମ ସଂସ୍କାର :**

- ଶ୍ରମ ଆଇନକୁ ନୂଆ ରୂପ ଦିଆଯାଇଛି, ଯେଉଁଥିରେ ୨୯ଟି ଭିନ୍ନ ଭିନ୍ନ ଆଇନକୁ ମିଶାଇ ଚାରିଟି ଆଧୁନିକ ଶ୍ରମ ସଂହିତା ପ୍ରସ୍ତୁତ କରାଯାଇଛି ।
- ଭାରତ ଏପରି ଏକ ଶ୍ରମ ଢାଞ୍ଚା ପ୍ରସ୍ତୁତ କରିଛି ଯାହା ଶ୍ରମିକମାନଙ୍କର ହିତ ରକ୍ଷା କରିବା ସହିତ ବ୍ୟବସାୟ ପାଇଁ ଅନୁକୂଳ ପରିବେଶକୁ ମଧ୍ୟ ପ୍ରୋତ୍ସାହନ ଦେବ।
- ଏସବୁ ସଂସ୍କାର ଉଚିତ ବେତନ, ଠିକ୍ ସମୟରେ ବେତନ ପୈଠ, ଉନ୍ନତ ଶିଳ୍ପ ସମ୍ପର୍କ, ସାମାଜିକ ସୁରକ୍ଷା ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ।
- ଏହାଦ୍ୱାରା ଶ୍ରମଶକ୍ତିରେ ମହିଳାଙ୍କ ଅଧିକ ଭାଗିଦାରୀ ସୁନିଶ୍ଚିତ ହେବ।
- ଠିକା ଶ୍ରମିକଙ୍କ ସମେତ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ଇଏସଆଇସି ଏବଂ ଇପିଏଫଓ ଅଧୀନକୁ ଅଣାଯାଇଛି, ଏହାଦ୍ୱାରା ଔପଚାରିକ ଶ୍ରମଶକ୍ତିର ପରିସର ବୃଦ୍ଧି ପାଇଛି।

**ଭାରତୀୟ ଉତ୍ପାଦ ପାଇଁ ବିବିଧ ଏବଂ ବିସ୍ତୃତ ବଜାର**

- ନ୍ୟୁଜିଲାଣ୍ଡ, ଓମାନ ଏବଂ ବ୍ରିଟେନ୍ ସହ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହା ନିବେଶ ବାଢ଼ାଇବା ସହିତ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ୍ୟ ଲାଭ ପାଇବେ। ଏହା ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଏକ ଭରସାଯୋଗ୍ୟ ଏବଂ ଦକ୍ଷ ସହଯୋଗୀ ରୂପେ ଭାରତର ସ୍ଥିତିକୁ ମଜବୁତ କରିଥାଏ।
- ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସଲ୍ୟାଣ୍ଡ ଏବଂ ଲିଚ୍ଟନଷ୍ଟାଇନକୁ ନେଇ ଗଠିତ ୟୁରୋପୀୟ ବାଣିଜ୍ୟ ସଂଘ ସହିତ ଏଫଟିଏକୁ କାର୍ଯ୍ୟକାରୀ କରାଯାଇଛି। ଏହା ବିକଶିତ ୟୁରୋପୀୟ ଅର୍ଥବ୍ୟବସ୍ଥା ସହିତ ଭାରତର ପ୍ରଥମ ଏଫଟିଏ ।

**ଆଣବିକ ଶକ୍ତି ସଂସ୍କାର :**

- 'ଶାନ୍ତି' ଆଇନ ଭାରତର ସ୍ୱଚ୍ଛ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଯାତ୍ରାରେ ଏକ ବଡ଼ ପରିବର୍ତ୍ତନକାରୀ ପଦକ୍ଷେପ।
- ଏହା ଆଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସୁରକ୍ଷିତ, ନିରାପଦ ଏବଂ ଉତ୍ତରଦାୟୀ ବିସ୍ତାର ଲାଗି ଏକ ମଜବୁତ ଢାଞ୍ଚା ସୁନିଶ୍ଚିତ କରିଥାଏ ।
- ଏହା ଡାଟା ସେଣ୍ଟର, ଅତ୍ୟାଧୁନିକ ତଥା ଉନ୍ନତ ଉତ୍ପାଦନ, ସବୁଜ ହାଇଡ୍ରୋଜେନ ଏବଂ ଉଚ୍ଚ-ପ୍ରଯୁକ୍ତି ଆଧାରିତ ଶିଳ୍ପକୁ ଶକ୍ତି ପ୍ରଦାନ କରି ଭାରତକୁ ଏଆଇ ଯୁଗରେ ବର୍ଦ୍ଧିତ ଶକ୍ତି ଆବଶ୍ୟକତାକୁ ପୂରଣ କରିବାରେ ସହାୟତା କରିବ।
- ସ୍ୱାସ୍ଥ୍ୟ ସେବା, କୃଷି, ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା, ଉଦ୍ୟୋଗ, ଗବେଷଣା ଓ ପରିବେଶ ସ୍ଥିରତାରେ ପରମାଣୁ ପ୍ରଯୁକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ମିଳିବ, ଯାହାଦ୍ୱାରା ସମାବେଶୀ ବିକାଶ ଏବଂ ଜୀବନର ଉନ୍ନତ ଗୁଣବତ୍ତାକୁ ସମର୍ଥନ ମିଳିପାରିବ।
- ଘରୋଇ କ୍ଷେତ୍ରର ଭାଗିଦାରୀ, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ପାଇଁ ନୂଆ ରାସ୍ତା ଖୋଲିବ। ଭାରତର ଯୁବପିଢିଙ୍କୁ ନୂଆ ପ୍ରଯୁକ୍ତିବିଦ୍ୟା ଏବଂ ପରବର୍ତ୍ତୀ ପିଢ଼ି ଶକ୍ତି ସମାଧାନରେ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିବ।
- ଏହା ନିବେଶକ, ଉଦ୍ଭାବକ ଏବଂ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭାରତ ସହ ଭାଗିଦାରୀ ପ୍ରତିଷ୍ଠା କରିବା, ଭାରତରେ ନିବେଶ କରିବା, ନବସୃଜନ ଏବଂ ଏକ ସ୍ୱଚ୍ଛ, ମଜବୁତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଏକ ଉପଯୁକ୍ତ ମୁହୂର୍ତ୍ତ ।

**ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟିରେ ଏକ ଐତିହାସିକ ସଂସ୍କାର :**

- ବିକଶିତ ଭାରତ- ଜୀ ରାମ ଜୀ ଆଇନ, ୨୦୨୫ ରୋଜଗାର ଗ୍ୟାରେଣ୍ଟି ବ୍ୟବସ୍ଥା ନିଶ୍ଚିତ ରୋଜଗାର ଦିବସ ସଂଖ୍ୟାକୁ ୧୦୦ ଦିନରୁ ବଢ଼ାଇ ୧୨୫ ଦିନ କରିଛି ।
- ଏହାଦ୍ୱାରା ଗାଁର ଭିତ୍ତିଭୂମି ଏବଂ ଜୀବିକାକୁ ମଜବୁତ କରିବା ଦିଗରେ ଖର୍ଚ୍ଚ ବଢ଼ିବ ।
- ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ କାମକୁ ଅଧିକ ରୋଜଗାର ଏବଂ ଉନ୍ନତ ସମ୍ପତ୍ତି ସୁନିଶ୍ଚିତ କରିବାର ମାଧ୍ୟମରେ ପରିଣତ କରିବା ।

**ଶିକ୍ଷା ସଂସ୍କାର :**

**ସଂସଦରେ ବିଲ୍ ଉପସ୍ଥାପିତ ହୋଇଛି ।**

- ଏକକ, ଏକୀକୃତ ଉଚ୍ଚଶିକ୍ଷା ନିୟାମକ ପ୍ରତିଷ୍ଠା କରାଯିବ।
- ୟୁଜିସି, ଏଆଇସିଟିଇ, ଏନସିଟିଇ ପରି ଏକାଧିକ ପ୍ରତିଷ୍ଠାନ ସ୍ଥାନରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ କାର୍ଯ୍ୟକାରୀ କରାଯିବ ।
- ଉଦ୍ଭାବନ ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ସହିତ ସଂସ୍ଥାଗୁଡ଼ିକର ସ୍ୱାୟତ୍ତ କ୍ଷମତାକୁ ସୁଦୃଢ଼ କରାଯିବ।


କେବଳ ପରିମାଣ ଦୃଷ୍ଟିରୁ ନୁହେଁ ଅନ୍ତର୍ନିହିତ ଦର୍ଶନ ଦୃଷ୍ଟିରୁ ମଧ୍ୟ ୨୦୨୫ର ସଂସ୍କାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ସରକାର ଏକ ଆଧୁନିକ ଗଣତନ୍ତ୍ରର ପ୍ରକୃତ ଭାବନା ନେଇ ନିୟନ୍ତ୍ରଣ ପରିବର୍ତ୍ତେ ସହଯୋଗ ଏବଂ ନିୟାମକ ପରିବର୍ତ୍ତେ ସୁବିଧାକୁ ପ୍ରାଥମିକତା ଦେଇଛି ।

ସହାନୁଭୂତି ସହିତ ଏହି ସଂସ୍କାରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଏଥିରେ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା, ଯୁବ ପେସାଦାର, କୃଷକ, ଶ୍ରମିକ ଏବଂ ମଧ୍ୟବିତ୍ତ ବର୍ଗର ବାସ୍ତବତା ପ୍ରତି ଧ୍ୟାନ ଦିଆଯାଇଛି । ବିଚାରବିମର୍ଶ ଦ୍ୱାରା ଏହାକୁ ଆକାର ଦିଆଯାଇଛି । ଏହା ତଥ୍ୟ ଦ୍ୱାରା ପରିଚାଳିତ ହୋଇଛି ଏବଂ ଭାରତର ସାମ୍ବିଧାନିକ ମୂଲ୍ୟବୋଧ ଆଧାରରେ ସ୍ଥିର ହୋଇଛି । ଏଗୁଡ଼ିକ ଅନେକ ଦଶନ୍ଧି ଧରି ଚାଲି ଆସୁଥିବା ନିୟନ୍ତ୍ରଣ-ଆଧାରିତ ଅର୍ଥବ୍ୟବସ୍ଥା ଠାରୁ ଦୂରେଇ ଯାଇ ବିଶ୍ୱାସର ଢାଞ୍ଚାରେ କାର୍ଯ୍ୟ କରୁଥିବା ଅର୍ଥବ୍ୟବସ୍ଥା ଆଡ଼କୁ ସ୍ଥାନାନ୍ତରିତ ହେବା ପାଇଁ ଆମର ପ୍ରୟାସକୁ ଗତି ପ୍ରଦାନ କରୁଛି। ଏଥିରେ ନାଗରିକ କଲ୍ୟାଣ ପ୍ରତି ଗୁରୁତ୍ୱ ଦିଆଯାଇଛି ।

ଏସବୁ ସଂସ୍କାରର ଲକ୍ଷ୍ୟ ହେଉଛି ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ । ବିକଶିତ ଭାରତ ନିର୍ମାଣ କରିବା ଆମ ବିକାଶ ଯାତ୍ରାର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ମଧ୍ୟ ଆମେ ସଂସ୍କାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିବୁ । ଭାରତର ବିକାଶ ଗାଥା ସହ ନିଜର ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଲାଗି ମୁଁ ଭାରତ ଏବଂ ବିଦେଶରେ ରହୁଥିବା ସମସ୍ତଙ୍କୁ ଅନୁରୋଧ କରୁଛି । ଭାରତ ଉପରେ ଭରସା କରି ଆମ ଲୋକଙ୍କ ଉପରେ ନିବେଶ କରନ୍ତୁ!

❊ ❊ ❊

# ସଂଗ୍ରାମୀ ଗୋବିନ୍ଦ ମିଶ୍ରଙ୍କ ସ୍ମରଣେ



ଡକ୍ଟର ବାସନ୍ତୀ ମହାନ୍ତି

ଦକ୍ଷିଣ ଆଫ୍ରିକାରୁ ଫେରି ମହାତ୍ମା ଗାନ୍ଧି ଇଂରେଜମାନଙ୍କୁ ଭାରତରୁ ତଡ଼ିବା ପାଇଁ ରୀତିମତ ଅଭିଯାନ ଚଳେଇଥିଲେ । ବିଲାତରୁ ବାରିଷ୍ଟରୀ ପାଠ ସାରି ଯେଉଁ ଗାନ୍ଧି ଭାରତକୁ ଆସିଥିଲେ, ସେ ଗାନ୍ଧି ଭାରତରେ ଏତେ ବଡ଼ ଜନ ଆନ୍ଦୋଳନ କରି ସଫଳ ହୋଇନଥିଲେ । ସେ ଗାନ୍ଧି ବାରିଷ୍ଟରୀ ବୃତ୍ତି ପାଇଁ କୋର୍ଟରେ ନିଜର ଅସହାୟତା ପ୍ରକାଶ କରି ଓକିଲାତି କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ । କିନ୍ତୁ ଅବ୍ଦୁଲ୍ ଚାଚାଙ୍କ କେସ୍ ଲଢ଼ିବାପାଇଁ ସେ ଦକ୍ଷିଣ ଆଫ୍ରିକା ଯାଇଥିଲେ । ସେଠାରୁ ଯେଉଁ ୨୧ ବର୍ଷର ଅନୁଭବ ଆହରଣ କରିଥିଲେ ତାହାରି ବଳରେ ଭାରତରେ ସେ ଜଣେ ସମର୍ଥ ଯୋଦ୍ଧା ହୋଇ ବାହାରିଥିଲେ। ଇଂରେଜମାନଙ୍କର ନିଷ୍ଠୁରତା ନିର୍ମମତା ବର୍ବର ପଣ ବିରୁଦ୍ଧରେ ଲଢ଼ି ଭାରତୀୟମାନଙ୍କୁ ନ୍ୟାୟ ଦେବାରେ ସମର୍ଥ ହୋଇଥିଲେ । ସେଥିପାଇଁ ଜଣେ ଆଫ୍ରିକୀୟ ସାହେବ ଭାରତୀୟଙ୍କ ଉଦ୍ଦେଶ୍ୟରେ କହିଥିଲେ-'ତମେ ଆମକୁ ବିଫଳ ଓକିଲଟିଏ ଦେଇଥିଲ, ଆମେ କିନ୍ତୁ ସମର୍ଥ ଯୋଦ୍ଧାଟିଏ କରି ଫେରାଇଲୁ ।' ୧୯୧୫ ଖ୍ରୀଷ୍ଟାବ୍ଦରେ ମହାତ୍ମା ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଫେରିଥିଲେ ।

ଫେରିବା ପରେ ସେ ତାଙ୍କ ରାଜନୀତିକ ଗୁରୁ ଗୋପାଳ କୃଷ୍ଣ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତବର୍ଷର ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ପଦଯାତ୍ରାରେ ବାହାରି ପଡିଥିଲେ । ଠିକ୍ ସେତିକି ବେଳକୁ ଦଶପଲ୍ଲାରେ ଜନ୍ମିତ ଗୋବିନ୍ଦ ମିଶ୍ର ଦଶପଲ୍ଲାର ପ୍ରଜାମେଳିର ରାଜସାକ୍ଷୀ ହେବାକୁ ଅସ୍ୱୀକାର କରି ଦଶପଲ୍ଲାରୁ ଗୋପନରେ ପଳାୟନ କରିଥିଲେ ।

କୁଆଁରିଆ ନଦୀପାର ହୋଇ ଅନ୍ଧାର ରାତ୍ରିରେ ଧାଇଁ ଧାଇଁ ଖୋର୍ଦ୍ଧା ଷ୍ଟେସନରୁ ଆସି ଟ୍ରେନ୍‌ରେ ବସି କଟକ ଚାଲି ଆସିଥିଲେ । ତାଙ୍କୁ ଧରିବାପାଇଁ ପୋଲିସ୍ କଟକ ପହଞ୍ଚିବା ବେଳକୁ ସେ ସେଠାରୁ ଖସି କଲିକତା ଚାଲି ଯାଇଥିଲେ । ମହାତ୍ମା ଗାନ୍ଧି ସେତେବେଳକୁ କଲିକତା ଆସିଥିଲେ । ଗୋବିନ୍ଦ ମିଶ୍ର ସେଠାରେ ଥିବା ବନ୍ଧୁଙ୍କ ପରାମର୍ଶରେ ମହାତ୍ମା ଗାନ୍ଧିଙ୍କୁ ତତ୍କାଳୀନ ମରୁଡ଼ି ପ୍ରପୀଡିତ ଓଡ଼ିଶାର ଚିତ୍ର ସହ ଗଡ଼ଜାତ ରାଜାମାନଙ୍କରର ଅତ୍ୟାଚାର ସମ୍ପର୍କରେ ଅବଗତ କରିବାକୁ ଚାହିଁଥିଲେ । କିନ୍ତୁ ସେ ସେଠାରେ ପହଞ୍ଚିବା ବେଳକୁ ମହାତ୍ମା ଗାନ୍ଧି ପୂର୍ବଦିନ ମାଡ୍ରାସ୍ ଯାଇଥିଲେ ।

କଲିକତାରେ ଡାକ୍ତର ସୁରେଶ ବାନାର୍ଜୀଙ୍କ ସହାୟତାରେ କଲିକତାର ଜଣେ ଡାକ୍ତରୀ ଛାତ୍ରଙ୍କ ଘରେ ଗୋବିନ୍ଦ ମିଶ୍ର ରହିବାର ସୁଯୋଗ ପାଇଲେ । ମହାତ୍ମା ଗାନ୍ଧିଙ୍କୁ ଓଡ଼ିଶାର ଦୁଃଖ ଜଣାଇବାକୁ ଅବସର ନ ପାଇ ସେ ରବୀନ୍ଦ୍ର ନାଥ ଠାକୁର ଓ ତାଙ୍କ ବନ୍ଧୁ ସିଏଫ୍ ଆଣ୍ଡ୍ରୁଜଙ୍କୁ ଭେଟିଥିଲେ । ଆଣ୍ଡ୍ରୁଜ୍ ତାଙ୍କୁ ବଡ଼ଲାଟ୍ ହାର୍ଡିଞ୍ଜଙ୍କୁ ଏହି ସବୁ ପ୍ରସଙ୍ଗ ଜଣାଇବାକୁ କହିଥିଲେ । ବଡ଼ଲାଟ୍‌ଙ୍କ ପାଖରୁ ସୁଦ୍ଧା ସେ ବିଫଳ ମନୋରଥରେ ଫେରିଲେ । ଏହାପରେ ସେ ହାରିଯାଇ ନଥିଲେ । ଆଉ କିଛି ଅଧିକ ବଡ଼ କାର୍ଯ୍ୟ କରିବାପାଇଁ ନିଜକୁ ପ୍ରସ୍ତୁତ କଲେ । ସେ ପର୍ଯ୍ୟନ୍ତ ସେ ମେଟ୍ରିକ୍ ପାସ୍ କରି ନଥିଲେ । ୧୮୯୮ ମସିହା ଡିସେମ୍ବର ୩୧ରେ ଜନ୍ମିତ ଗୋବିନ୍ଦ ମିଶ୍ରଙ୍କର ଶୈଶବ ଜୀବନଅତ୍ୟନ୍ତ ଦୁଃଖପୂର୍ଣ୍ଣ ଥିଲା । ପିତା ଶୈବନାଥ ମିଶ୍ର ଦାରୁଣ ବ୍ୟାଧିରେ ମାନସିକ ଭାରସାମ୍ୟ ହରାଇବାରୁ ମାଆ କମଳା ଦେବୀ କନିଅର ମଞ୍ଜି ଖାଇ ଆତ୍ମହତ୍ୟା କରିଥିଲେ ।

ପିତା ମଧ୍ୟ ଏକ ବର୍ଷ ନପୁରୁଣୁ ସେହି ବ୍ୟାଧିରେ ମୃତ୍ୟୁ ବରଣ କରିଥିଲେ । ୧୦ ବର୍ଷର ପିତୃମାତୃ ହୀନ ଗୋବିନ୍ଦ ଓ ତାଙ୍କର ଏକ ସାତ ବର୍ଷର ସାନ ଭଉଣୀର ଦାୟିତ୍ୱ ଜେଜେବାପା ଈଶ୍ୱର ମିଶ୍ରଙ୍କ ଉପରେ ପଡ଼ିଲା । ସେ କିନ୍ତୁ ପୁତ୍ର ଓ ପୁତ୍ରବଧୂଙ୍କ ମୃତ୍ୟୁରେ ମର୍ମାହତ ହୋଇ ପରଲୋକ ଗମନ କଲେ । ପିତୃମାତୃ ଦୁଇ ପିଲାଙ୍କୁ ଅଜା ଲାଳନପାଳନ ପାଇଁ ଆଗେଇ ଆସିଲେ । ଅଜା ହରିରାଜପୁର ରାଧାକାନ୍ତ ମନ୍ଦିରରେ ମ୍ୟାନେଜର କାମ କରୁଥିଲେ । ମନ୍ଦିରର ଅଳଙ୍କାର ଚୋରୀ କେସ୍‌ରେ ତାଙ୍କ ବରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ 'ଛାମୁ ମନା' ଦଣ୍ଡରେ ଦଣ୍ଡିତ କରାଗଲା । ମନ୍ଦିରରୁ ବହିଷ୍କୃତ ହେବା ସଙ୍ଗେ ସଙ୍ଗେ ରାଜାଙ୍କୁ ସେ କେବେ ଦେଖା କରିପାରିବେ ନାହିଁ ବୋଲି ତାଙ୍କୁ କୁହାଗଲା । ଏଥିରେ ଅପମାନିତ ହୋଇ ସେ ବର୍ଷକ ଭିତରେ ମୃତ୍ୟୁବରଣ କରିଥିଲେ । ଖୁବ୍ ଅସହାୟ ହୋଇପଡିଲେ ଗୋବିନ୍ଦ ଓ ତାଙ୍କ ଭଉଣୀ । ଅନିଚ୍ଛା ସତ୍ତ୍ୱେ କକେଇ ଅନାଥ ପିଲା ଦୁହିଁଙ୍କର ଦାୟିତ୍ୱ ନେଲେ ।

ପାଠପଢ଼ା ବନ୍ଦ ହୋଇଗଲା । କିନ୍ତୁ ତାଙ୍କର ପ୍ରିୟ ଶିକ୍ଷକ ଗୋପୀନାଥ ମିଶ୍ର ଓ ବାସୁଦେବ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ସେ ପୁଣି ପାଠ ଆରମ୍ଭ କଲେ । ସେ ଘରୁ ଲୁଚି ନୟାଗଡ଼ ଚାଲି ଆସିଥିଲେ ଓ ସେଠାରେ ନୟାଗଡ଼ ଷ୍ଟେଟ୍‌ରୁ ଏକଟଙ୍କା ସାହାଯ୍ୟ ସହ ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ସେ ମାଇନର ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ଏହା ଭିତରେ ତାଙ୍କ କକା ତାଙ୍କ ଇଚ୍ଛା ବିରୁଦ୍ଧରେ ଏକ ନାବାଳିକା କନ୍ୟା ସହ ତାଙ୍କର ବିବାହ ସହ ଭଉଣୀର ମଧ୍ୟ ବିବାହ କରିଦେଇଥିଲେ ।

ପଢ଼ିବାର ପ୍ରବଳ ଇଚ୍ଛା ନେଇ ସେ କଟକ ଚାଲି ଆସିଥିଲେ । ଗୌରୀଶଙ୍କର ରାୟ, ବ୍ରଜସୁନ୍ଦର ଦାସ, ଗୋପବନ୍ଧୁଙ୍କ ପରି ବ୍ୟକ୍ତିତ୍ୱମାନଙ୍କ କାର୍ଯ୍ୟଧାରା ତାଙ୍କୁ ପ୍ରଭାବିତ କଲା। ଦେଶ ଓ ଜାତି ପାଇଁ ଉତ୍ସର୍ଗୀକୃତ ଜୀବନ ବଞ୍ଚିବାର ସଂକଳ୍ପ ନେଲେ । ବହୁ ବଦାନ୍ୟ ବ୍ୟକ୍ତିଙ୍କଠାରୁ ସାହାଯ୍ୟ ସହାୟତା ପାଇ ସେ ପାଠପଢ଼ା ଜାରି ରଖିଲେ ।

ସୁବାଷ ବୋଷଙ୍କ ପିତା ଜାନକୀନାଥ ବୋଷ ମଧ୍ୟ ତାଙ୍କୁ ମାସକୁ ଏକ ଟଙ୍କା ଲେଖା ଦେବାପାଇଁ ପ୍ରତିଶ୍ରୁତି ଦେଲେ । ବିଶିଷ୍ଟ ଲେଖିକା ରେବା ରାୟଙ୍କ ଘରେ ରହି ସେ ପାଠ ପଢୁଥିଲେ। କିନ୍ତୁ ନୟାଗଡ଼ ଷ୍ଟେଟ୍‌ରୁ ସେ ଯେତେବେଳେ ୯ ଟଙ୍କା ବୃତ୍ତି ପାଇଲେ ତାଙ୍କ ଘର ଛାଡ଼ିଦେଲେ । ତାଙ୍କ ଜାଗାରେ ଆଉ କେହି ଅଭାବୀ ପିଲା ପାଠ ପଢୁ ବୋଲି ସେ ଚାହୁଁଥିଲେ ।

୧୯୧୫ ମସିହା ଗୋବିନ୍ଦ ମିଶ୍ରଙ୍କ ଜୀବନରେ ଗତିପଥ ବଦଳାଇ ଦେଇଥିଲା । ପାଠପଢ଼ି ଚାକିରି କରି ପଇସା ରୋଜଗାର କରିବାର ଇଚ୍ଛା ତାଙ୍କର ଆଉ ରହିଲା ନାହିଁ । କଟକର ମିଶନ୍ ସ୍କୁଲରେ ପଢ଼ିବାବେଳେ ମଧୁସୂଦନ ମହାନ୍ତି, କୃତିବସନନ୍ଦ ଅନ୍ତର୍ଯ୍ୟାମୀ ଓ ବିନୋଦ ମିଶ୍ର ଏକ ଗୁପ୍ତ ସମାଜ ଗଠନ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ନିଜେ ଶୁଦ୍ଧ ପୂତ ଜୀବନ ବଞ୍ଚି ଦେଶ ଓ ଜାତି ପାଇଁ ନିଜକୁ ଉତ୍ସର୍ଗ କରିବା । ୧୯୧୨ ମସିହାରେ ସେ ପ୍ରେମାନନ୍ଦ ଭାରତୀ ନାମକ ଜଣେ ସନ୍ୟାସୀଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲେ । ପିଲା ଦିନେ ଗୋବିନ୍ଦଙ୍କ ଦେହ ଖରାପ ହେବାରୁ ତାଙ୍କୁ ଠାକୁରଙ୍କ ପାଖରେ ବାବାଜୀ କରି ଦିଆ ଯାଇଥିଲା । କିନ୍ତୁ ପିତାମାତା କିଣି ଆଣିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ । ସେହି ହେତୁ ସେ ଭଲଭାବରେ ଗୃହୀ ହୋଇପାରିଲେ ନାହିଁ । ସମାଜ କଲ୍ୟାଣ ପାଇଁ ନିଜ ଜୀବନକୁ ସେ ଉତ୍ସର୍ଗ କରିଥିଲେ ।

**କ୍ରମଶଃ....**

**୨୧୩ ସି-ବ୍ଲକ୍,**
**ଏମେରାଲ୍ଡ ଆପାର୍ଟମେଣ୍ଟ,**
**ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬**
**ମୋ- ୯୪୩୭୦୩୩୦୭୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉପକୂଳରେ...

ତାପମାତ୍ରା କମିବ । ଯାହାକି ବର୍ତ୍ତମାନ ତାପମାତ୍ରା ସହିତ ସମାନ ହୋଇପାରେ । ଦକ୍ଷିଣ ଆଭ୍ୟନ୍ତରୀଣରେ ୨୯ ରୁ ୩୦ ମଧ୍ୟରେ ୧ ଡିଗ୍ରୀ ବଢ଼ିବାକୁ ଥିବା ବେଳେ ୩୧ ରୁ ୫ ତାରିଖ ମଧ୍ୟରେ କେତକେ ସ୍ଥାନରେ ୬ ରୁ ୭ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧି ପାଇବ । କୌଣସି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସିବ ନାହିଁ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ମଙ୍ଗଳବାର ଜି. ଉଦୟଗିରିରେ ରାତିର ତାପାମତ୍ରା ୪.୩ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀରେ ୬ଡିଗ୍ରୀ, ଝାରସୁଗୁଡ଼ାରେ ୬.୨ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ, ସେମିଲିଗୁଡ଼ାରେ ୭ ଡିଗ୍ରୀ, କୋରାପୁଟରେ ୭.୧ ଡିଗ୍ରୀ, କିରେଇରେ ୮.୨ ଡିଗ୍ରୀ, ନବରଙ୍ଗପୁରରେ ୮.୮ ଡିଗ୍ରୀ, ରାଉରକେଲାରେ ୮.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୮.୮ ଡିଗ୍ରୀ, ଭବାନୀପାଟଣାରେ ୯ ଡିଗ୍ରୀ, ଅନୁଗୁଳରେ ୯ ଡିଗ୍ରୀ, ଚିପିଲିମାରେ ୯.୮ ଡିଗ୍ରୀ, କେନ୍ଦୁଝରରେ ୧୦.୪ଡିଗ୍ରୀ, ସୋନପୁରରେ ୧୦.୩ ଡିଗ୍ରୀ, କଟକରେ ୧୧.୪ ଡିଗ୍ରୀ ଓ ଭୁବନେଶ୍ୱରରେ ୧୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆସନ୍ତା ୧ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ ଏବଂ ସୁନ୍ଦରଗଡ଼ରେ ଘନକୁହୁଡ଼ି ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୩ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ ।

## ଖଲିଦା...

କରାଯାଇଥିଲା । ତେବେ ପ୍ରାର୍ଥିପତ୍ର ଦାଖଲ କରିବାର ଦିନକ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ପୁଅ ତାରିକ ରେହମାନ ଦୀର୍ଘ ୧୭ ବର୍ଷ ପରେ ଢାକା ଫେରିଥିଲେ । ତାରିକ୍ ଏବେ ପାର୍ଟି ସମ୍ଭାଳିବେ ବୋଲି କୁହାଯାଉଛି ।

୧୯୪୫ ଅଗଷ୍ଟ ୧୫ ତାରିଖରେ ଖାଲିଦା ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ୧୯୯୧ରୁ ୧୯୯୬ ଓ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ଶାସନରେ ଥିଲେ । ତାଙ୍କ ସ୍ୱାମୀ ଜି ଆଉର ରହମ୍ମନ ଜଣେ ସାମରିକ ଅଧିକାରୀ ଏବଂ ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଥିଲେ । ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ପ୍ରତିଷ୍ଠା କରିଥିଲେ । ୧୯୮୧ରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯିବା ପରେ ବେଗମ୍ ଖାଲିଦା ଜିୟା ଦଳର ନେତୃତ୍ୱ ନେଇଥିଲେ । ୧୭ ବର୍ଷ ଧରି ସେ ଦେଶରୁ ନିର୍ବାଚିତ ହୋଇ ଲଣ୍ଡନରେ ରହୁଥିଲେ । ଏବେ ବାଂଲାଦେଶକୁ ଫେରିଥିଲେ । ସେଖ୍ ହାସିନାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଦୀର୍ଘଦିନ ଧରି ଗୃହବନ୍ଦୀରେ ଥିଲେ । ତେବେ ସେଖ୍ ହାସିନା କ୍ଷମତାରୁ ବହିଷ୍କାର ହେବା ପରେ ମହମ୍ମଦ ୟୁନୁସ୍‌ଙ୍କ ମଧ୍ୟବର୍ତ୍ତୀ କାଳୀନ ସରକାର ତାଙ୍କୁ ମୁକ୍ତ କରିଥିଲେ । ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ସେହିଭଳି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଖଲିଦା ଜିୟାଙ୍କ ଶେଷକୃତ୍ୟରେ ସାମିଲ ହେବେ ବୋଲି ନିଷ୍ପତ୍ତି ହୋଇଛି ।

## ନୀତି...

ଅର୍ଥନୀତିଜ୍ଞମାନେ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଉତ୍ପାଦକତା ଏବଂ ପ୍ରତିଯୋଗିତା ବୃଦ୍ଧି ଉପରେ ରଣନୈତିକ ମତାମତ ବାଣ୍ଟିଥିଲେ । ଆଲୋଚନାଗୁଡ଼ିକ ଘରୋଇ ସଞ୍ଚୟ ବୃଦ୍ଧି, ଦୃଢ଼ ଭିତ୍ତିଭୂମି ବିକାଶ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ ମାଧ୍ୟମରେ ଗଠନାତ୍ମକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଉପରେ କେନ୍ଦ୍ରିତ ଥିଲା । ଏହି ଦଳ ଗୋଷ୍ଠୀ କ୍ରସ୍-ସେକ୍ଟରାଲ୍ ଉତ୍ପାଦକତାର ଏକ ସକ୍ଷମକାରୀ ଭାବରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଭୂମିକା ଉପରେ ଆଲୋଚନା କରିଥିଲେ ଏବଂ ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ର ନିରନ୍ତର ବିସ୍ତାର ଉପରେ ମଧ୍ୟ ଆଲୋଚନା କରିଥିଲେ ।

ଅଂଶଗ୍ରହଣକାରୀମାନେ ଉଲ୍ଲେଖ କରିଥିଲେ ଯେ, ୨୦୨୫ ମସିହାରେ ଘଟିଥିବା କ୍ରସ୍ ସେକ୍ଟରାଲ୍ ସଂସ୍କାରର ଅଭୂତପୂର୍ବ ବ୍ୟାପକତା ଏବଂ ଆଗାମୀ ବର୍ଷରେ ସେଗୁଡ଼ିକର ଅଧିକ ସଂସ୍ଥାଗତୀକରଣ, ଭାରତର ଆଧାରକୁ ଶକ୍ତିଶାଳୀ କରିବା ସହିତ ନୂତନ ସୁଯୋଗଗୁଡ଼ିକୁ ଉନ୍ମୁକ୍ତ କରି, ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିଶ୍ୱ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ନିଜ ପଥକୁ ଅବିରତ ଆଗେଇ ନେବାକୁ ସୁନିଶ୍ଚିତ କରିବ ।

ଏହି ଆଲୋଚନାରେ ଅନେକ ପ୍ରସିଦ୍ଧ ଅର୍ଥନୀତିଜ୍ଞ ଓ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଶଙ୍କର ଆଚାର୍ଯ୍ୟ, ଅଶୋକ କେ. ଭଟ୍ଟାଚାର୍ଯ୍ୟ, ଏନ. ଆର. ଭାନୁମୂର୍ତ୍ତି, ଶ୍ରୀମତୀ ଅମିତା ବାତ୍ରା, ଜନ୍ମେଞ୍ଜୟ ସିହ୍ନା, ଅମିତ ଚନ୍ଦ୍ର, ରଜନୀ ସିହ୍ନା, ଦୀନେଶ କାନାବର, ବସନ୍ତ ପ୍ରଧାନ, ମଦନ ସବନାଭିସ୍, ଅଶିମା ଗୋୟଲ, ଧର୍ମକୀର୍ତ୍ତି ଜୋଶୀ, ଉମାକାନ୍ତ ଦାଶ, ପିନାକୀ ଚକ୍ରବର୍ତ୍ତୀ, ଇନ୍ଦ୍ରନୀଳ ସେନ୍ ଗୁପ୍ତା, ସମୀରଣ ଚକ୍ରବର୍ତ୍ତୀ, ଅଭିମାନ ଦାସ, ରାହୁଲ ବାଜୋରିଆ, ମୋନିକା ହାଲାନ ଏବଂ ସିଦ୍ଧାର୍ଥ ସାନ୍ୟାଲ ଅନ୍ତର୍ଭୁକ୍ତ ଥିଲେ ।

## ଜନସାଧାରଣଙ୍କ...

ସେବା ଅଧିକାରୀ, ଅର୍ଥ ବିଭାଗର ୬୫ ଜଣ ଓଡିଶା ଟିକସ ଓ ହିସାବ ସେବା ଅଧିକାରୀ ଏବଂ ୫୬ ଜଣ ଓଡିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡିଶା ଶ୍ରମସେବା ଅଧିକାରୀ ଏବଂ ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡିଶା କର୍ମ ନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି ।

ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ କଠିନ ପରିଶ୍ରମ, ଘାତ ପ୍ରତିଘାତ ଦେଇ ଏଠାରେ ପହଞ୍ଚିଛନ୍ତି । ଏହି ନିଯୁକ୍ତି ପତ୍ର ହେଇଛି ଆପଣଙ୍କ ବିଶ୍ୱାସ ଓ ସଫଳତାର ପ୍ରତୀକ । ସେ ଆହୁରି କହିଥିଲେ ଆମ ସରକାର ଆସିବାର ମାତ୍ର ୧୮ ମାସ ହୋଇଛି । ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାରୀ ସ୍ତରରେ ଆମେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ ।

ସେ ପୁଣି କହିଥିଲେ ଆଜି ଠାରୁ ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ଆପଣଙ୍କ କର୍ମମୟ ଜୀବନର ମୂଳ ଲକ୍ଷ୍ୟ ହେବ । ଏଥିପାଇଁ ଆପଣମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱବୋଧତା ଓ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେବେ । ନିଜେ ଦୁର୍ନୀତିମୁକ୍ତ ରହିବା ସହିତ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ପାଇଁ ସବୁବେଳେ ପ୍ରତିବଦ୍ଧ ରହି ରାଜ୍ୟବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ । ଜନସାଧାରଣଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ କେବେହେଲେ ଭୁଲିବେ ନାହିଁ । ନିଷ୍ଠା ଓ ସହାନଭୂତି ମନୋଭାବ ନେଇ ଜନସେବା ଜାରି ରଖିବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ମାଲକାନଗିରି ଜିଲ୍ଲାର ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାସଙ୍କୁ ସମ୍ମାନିତ କରିଥିଲେ ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ୨୦୩୬ ସୁଦ୍ଧା ଓଡିଶାରୁ ଅତି କମ୍ ରେ ୧୦ଜଣ ଅଲମ୍ପିଆଡ୍ ସୃଷ୍ଟି କରିବା ପାଇଁ ନବନିଯୁକ୍ତ କ୍ରୀଡା ପ୍ରଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ ।

ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡା କହିଥିଲେ ଯେ, ୨୦୩୬ ପାଇଁ ଆପଣମାନେ ସ୍ୱପ୍ନ ଠାରୁ ସଂକଳ୍ପ ବଡ ରଖନ୍ତୁ । ନବ ନିଯୁକ୍ତଙ୍କ ଜରିଆରେ ରାଜ୍ୟବାସୀ ନୂଆ ଧରଣର ସେବା ପାଇବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ କହିଥିଲେ ଯେ, ଆଜି ଠାରୁ ଆପଣଙ୍କ ପରୀକ୍ଷକ ହେବେ ସାଧାରଣ ଜନତା । ସାଧାରଣ ଜନତାଙ୍କ ସ୍ୱୀକୃତି ଅନ୍ୟ ସମସ୍ତ ସାର୍ଟିଫିକେଟ୍ ଠାରୁ ବହୁ ଉର୍ଦ୍ଧ୍ୱରେ ବୋଲି ସେ ନବନିଯୁକ୍ତଙ୍କୁ ପ୍ରେରଣା ଦେଇଥିଲେ ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବ ନିଯୁକ୍ତଙ୍କୁ ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟପରାଣୟତାର ସହ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ ।

ନବ ନିଯୁକ୍ତଙ୍କ ମଧ୍ୟରୁ ବଲାଙ୍ଗିର ଜିଲ୍ଲାର ଧ୍ରୁପଦ କୁମାର ବେହେରା, କଟକ ଜିଲ୍ଲାର ଭାଗ୍ୟଶ୍ରୀ ସ୍ୱାଇଁ, ଯାଜପୁର ଜିଲ୍ଲାର ଦେବମୃତ ସାହୁ ଏବଂ ଗଞ୍ଜାମ ଜିଲ୍ଲାର ମନିଷା ନାୟକ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ଯୋଗୁ ନିଯୁକ୍ତି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍.ଥିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶୃଙ୍ଖଳାକାରୀଙ୍କ...

ହୋଇଥିଲା । ଏହି ସଂଶୋଧିତ ନୀତି ବଳରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବାୟତ ଓ ଅଣସେବାୟତମାନେ ସୁଫଳ ପାଇପାରିବେ । ଏଥି ସହିତ ଶ୍ରୀମନ୍ଦିର ରାଜସ୍ୱ ଆଦାୟ ମଧ୍ୟ ସୁଗମ ହୋଇପାରିବ । ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ବହୁ ମୂଲ୍ୟବାନ ସମ୍ପତ୍ତିକୁ ଜବରଦଖଲମୁକ୍ତ କରି ସର୍ବୋଚ୍ଚ ମୂଲ୍ୟରେ ଆବଣ୍ଟିତ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ଏଥି ସହିତ ମନ୍ଦିର ପରିସର ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାଳୀନତା ରକ୍ଷା କରିବା ଭଳି ଭାରତୀୟ ପୋଷାକ ପରିଧାନ ଉପରେ ସଚେତନତା ସୃଷ୍ଟି କରାଯିବ । ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଭୁଲ ସୂଚନା ପ୍ରଦାନ ଏବଂ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନରେ ପ୍ରାବଧାନ କରାଯିବା ନେଇ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ଡାଏରୀକୁ ମନ୍ତ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ । ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ଃ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି, ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବ ଅମୀୟ କୁମାର ଓ ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମେଳି...

ପ୍ରତିପକ୍ଷଙ୍କୁ ହତଚକିତ କରୁଥିବା ନବୀନଙ୍କ ନୀରବତା ଏକ ନୂଆବାର୍ତ୍ତା ଦେଉଛି । ସେ ବୟାନବାଜି ଲାଗି କୌଣସି ନେତାଙ୍କୁ ଆକଟ କରୁନାହାନ୍ତି । ୨୦୨୫ରେ ଆରମ୍ଭ ହୋଇଥିବା ଏହି ବୟାନବାଜି ଓ ମେଳି ରାଜନୀତି ୨୦୨୬ରେ ଥମିବ କି ବଢ଼ିବ ତାହାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । ତେବେ ବୟାନବାଜି ମଧ୍ୟରେ ନବୀନ ସାଂଗଠନିକ ପୁନର୍ବିନ୍ୟାସକୁ ଗୁରୁତ୍ୱ ଦେଉଛନ୍ତି । ଜିଲ୍ଲା କମିଟି କରିବା ସହ ଛାତ୍ର ଓ ବିଜେଡିର କମିଟିରେ ମଧ୍ୟ ପୁନର୍ଗଠନ କରିଛନ୍ତି । ବୟାନବାଜି ଓ ମେଳିକୁ ନେଇ ନବୀନଙ୍କ ନୀରବତା ବେଶ୍ ରହସ୍ୟମୟ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ତେବେ ଏବେବି ଦଳ ମଧ୍ୟରେ ନବୀନଙ୍କ ନେତୃତ୍ୱକୁ କେହି ଚ୍ୟାଲେଞ୍ଜ କରୁନାହାନ୍ତି । ଭିନ୍ନ ମତ ପୋଷଣ କରୁଥିବା ନେତାମାନେ ହିଁ ନବୀନ ହିଁ ତାଙ୍କ ନେତା ବୋଲି ବକ୍ତବ୍ୟ ଦେଉଛନ୍ତି ।

## ତଦନ୍ତ ଆଳରେ ମାଡ଼ ମାରିବା ଘଟଣା: ଜେଏମଏମ ଜିଲ୍ଲା ଆରକ୍ଷୀ ଅଧିକ୍ଷଙ୍କ ଦ୍ୱାରସ୍ଥ

ମୋରଡା, (ସବ୍ୟୁ): ମୋରଡା ଥାନା ପୋଲିସ ତଦନ୍ତ ଆଳରେ ଜୈନିକ ଛାତ୍ରଙ୍କୁ ଥାନାକୁ ଡାକି ଆଣି ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ଘଟଣାରେ ମଙ୍ଗଳ ବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛି । ମଙ୍ଗଳବାର ଜେଏମଏମର ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରତିନିଧି ଦଳ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମୋରଡା ଥାନାରେ ଘଟିଥିବା ଉକ୍ତ ଘଟଣାର ସତ୍ୟାସତ୍ୟକୁ ଉପଲବ୍ଧ କରି ଗୁରୁତର ସହିତ ବିଚାର କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ତେବେ ଆଗାମୀ ଦିନରେ ଯଦି ନିର୍ଯାତିତ ଛାତ୍ରଙ୍କୁ ନ୍ୟାୟନମିଳେ ଜେଏମଏମ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି ଜିଲା ସଭାପତି ଶ୍ରୀ ଦାସ । ଦାବିପତ୍ର ପ୍ରଦାନ ସମୟରେ ଜେଏମଏମ ମୋରଡା ବ୍ଲକ ସଭାପତି ହେମନ୍ତ ମହାନ୍ତ, କେନ୍ଦ୍ରୀୟ ସଦସ୍ୟ ଦିବାକର ସୋରେନ, ବାରିପଦା ଟାଉନ ସଭାପତି ତରେନ ସେନାପତି,ସନାତନ ମୁର୍ମୁ,ସୁଜିତ ବେହେରା,ଅଭିଷେକ ଦଣ୍ଡପାଟ,ସିପୁ ମୁହୁଲି, ଅମୀର ଖାନ, ପପୁ ଦାସ,ଏସକେ.ଅବତାଫ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ହାତରେ ୨ ସରକାରୀ କର୍ମଚାରୀ

କେନ୍ଦୁଝର/ବାରଙ୍ଗ, (ସବ୍ୟୁ): ଗୋଟିଏ ଦିନରେ ୨ ସରକାରୀ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ହାଟଡିହି ପିଇଓ, ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ର ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଜିତେନ୍ଦ୍ର ଜେନାଙ୍କ ବସନ୍ତିଆ ସ୍ଥିତ ଘର ଓ ପନୀଙ୍କ ନାମରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଭିଜିଲାନ୍ସ ଚଢ଼ାଉ କରିଛି ମୋଟ ୬ଟି ସ୍ଥାନରେ ଏହି ଚଢ଼ାଉ କରା ଯାଉଥିବା ସୂଚନା ମିଳିଛି । ମଙ୍ଗଳବାରି ଭୋର ସମୟରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଛି । କେନ୍ଦୁଝର ଭିଜିଲାନ୍ସ ବିଭାଗର ୪ଜଣ ଡିଏସପି, ୮ଜଣ ଇନ୍ସପେକଟରଙ୍କୁ ନେଇ ହାଟଡିହି ବ୍ଲକର ୬ଟି ସ୍ଥାନରେ ଏହି ଚଢ଼ାଉ କରାଯାଉଛି । ମରେଇଗାଁସ୍ଥିତ ନିଜ ଘର, ବସନ୍ତିଆରେ ଥିବା ଘର, ଜଗନ୍ନାଥପୁରରେ ଥିବା ଦୋକାନ, ଗୋଦାମ ଘର, ବନ୍ତଲାସ୍ଥିତ ପୈତୃକ ଘର, ବଞ୍ଚୋ ଓ ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉ ଜାରି ରହିଛି ।ଦୀର୍ଘ ବର୍ଷ ହେବ ହାଟଡିହି ବ୍ଲକରେ କାର୍ଯ୍ୟରତ ଜିତେନ୍ଦ୍ରଜିତେନ୍ଦ୍ର ଦୀର୍ଘ ବର୍ଷ ହେବ ହାଟଡିହି ବ୍ଲକର ବିଭିନ୍ନ ପଞ୍ଚାୟତର ପିଇଓ ଥିବାବେଳେ ଏବେ ବଞ୍ଚୋ ଏବଂ ବାଲିବରେଇ ପଞ୍ଚାୟତର ପିଇଓ ଅଛନ୍ତି ।

ସେହିପରି ଭୁବନେଶ୍ୱର ଉପକଣ୍ଠ ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡାଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢାଉ ହୋଇଛି ।ଭିଜିଲାନ୍ସ ପକ୍ଷରୁ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରହିଛି ।ଚଢାଉ ସମୟରେ ଭୁବନେଶ୍ୱର ବଡ଼ଗଡ଼ର ଗୋପାଳୁଣୀ ନଗରରେ ୩ ମହଲା କୋଠା,ବଡ଼ଗଡ଼ ବ୍ରିଟ କଲୋନୀରେ ୩ ମହଲା ଓ ଖୋର୍ଦ୍ଧାର ସାନପଲ୍ଲାରେ ୨ ମହଲା କୋଠା ଠାବ ହୋଇଛି ।ବେଆଇନ ସମ୍ପତ୍ତି ରଖିବା ଅଭିଯୋଗରେ ଭିଜିଲାନ୍ସ ଚଢାଉ ଆରମ୍ଭ କରିଛି ।ଏହି ଚାଠାଉରେ ୪ ଡିଏସପି, ୭ ଇନ୍ସପେକଟର, ଜଣେ ଏସଆଇ ଓ ୮ ଏ ଏସଆଇ ସାମିଲ ହୋଇଛନ୍ତି ।ଚଢାଉ ସମୟରେ ଶଶୁର ଘର ବରଗଡ଼ ବ୍ରିଟ କଲୋନୀରୁନଗଦ ୭୫ଲକ୍ଷ ଟଙ୍କା,୧୦୦ଗ୍ରାମର ସୁନା ଅଳଙ୍କାର, ଗୋଟିଏ କାର ଓ ୪ଟି ବାଇକ ଜବତ କରିଛି ଭିଜିଲାନ୍ସ ।୨ହଜାରେ ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିବା ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡାଙ୍କ ୨୫ବର୍ଷର ଚାକିରି ଜୀବନ ଭିତରେ ଏତେଗୁଡ଼ାଏ ଟଙ୍କା ଓ କୋଠା ଦେଖି ତାଜୁବ ହାଇଯାଇଛି ଭିଜିଲାନ୍ସ ବିଭାଗ ।


**AFFIDAVIT**

By virtue of an affidavit sworn before the Executive Magistrate Bhadrak. I Gajendra Kumar Biswal @ Amar Biswal s/o Lokanath Biswal Village-Balipatana,PO-ABC Patana,PS-Dhusuri , Dist-Bhadrak.I have a LIC Policy bearing policy.no.586545454 whre my name is Gajendra Kumar Biswal.But my Bank Pass book my name is Amar Biswal as per my Adharcard.That Gajendra Kumar Biswal and Amar Biswal s/o Lokanath Biswal is same & one person.

Sd/- Gajendra Kumar Biswal
Amar Biswal

**ZILLA SWASTHYA SAMITI, NABARNGPUR**
OFFICE OF CDM & PHO-cum-District Mission Director
NABARANGPUR

No. 12393 / CDM&PHO — Date : 30/12/2025

E-635

**NOTIFICATION**

In pursuance to the advertisement No-7289, Dtd-23.07.2025, the list of provisionally shortlisted candidates, list of rejected candidates and the provisionally shortlisted candidates as per merit for the post of Psychiatric Nurse, DPMU accountant/Block Accounts Manager, MO Ayush MHU/ RBSK/ Colocated (Ayurvedic/homoeopathic) has been uploaded in the district website of Nabarangpur i.e www.nabarangpur.odisha.gov.in. The provisionally shortlisted candidates as per merit as at Annexure-4 are required to attend original certificate verification/ personal interview/ Skill Test to be held on dt-20.01.2026 at 10.00 AM in the office of the CDM&PHO, Nabarangpur.

Candidates shall not be entertained beyond the scheduled registration timing i.e 10.00 AM.

Sd/- (Dr. Santosh Kumar Panda
CDM & PHO-cum-District Mission Director
Nabarangpur

OIPR : 10164/11/0015/2526

**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ ରେଲୱେ ମ୍ୟାନେଜର/ଇଞ୍ଜିନିୟରିଂ/ କଟ୍ଟୁଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଓପନ ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ନୋଟିସ୍ ନଂ : ଭିଜେପି-ସେଣ୍ଟ୍ରାଲ-୨୫-୨୬-୫୬, କାର୍ଯ୍ୟର ନାମ : ଏଡିଇଏନ/ବଣ୍ଡାମୁଣ୍ଡା (୪ର୍ଥ କଲ) ଙ୍କ କ୍ଷମତା ପରିସରଭୁକ୍ତ ବଣ୍ଡାମୁଣ୍ଡା – ବରସୁଆଁ–ବିମଳଗଡ଼ ମଧ୍ୟରେ ଥିବା ସମସ୍ତ ବ୍ରିଜ / କ୍ଷୁଦ୍ର ସେତୁ ଗୁଡିକର ସୁଦୃଢ଼ୀକରଣ । ଟେଣ୍ଡର ମୂଲ୍ୟ : ଟ. ୪,୪୯,୨୮,୬୪୮.୫୦, ଇଏମଡି : ଟ. ୩,୭୪,୬୦୦.୦୦ । ଟେଣ୍ଡର ଫର୍ମ ମୂଲ୍ୟ : ଟ. ୦.୦୦ । ଖୋଲା ତାରିଖ : ୨୩.୦୧.୨୦୨୬ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖି ପାରିବେ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଗ୍ରହଣ କରାଯିବ ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ବିନାମୂଲ୍ୟରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (କର୍ତ୍ତୃପକ୍ଷ–ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ ସିଇ-ଆଇ/ସିଟି/୩ଇ/ଡିସିସି/ପଲିସି ତାରିଖ : ୧୫.୦୭.୨୦୨୦) (PR-1016)

MM-

**TENDER NOTICE**

Sealed tenders are invited in plain paper from the intending buyers for sale of the old confiscated vehicles of the following description on "as is where is basis" presently available at Range Office Campus, Tangi, Balugaon & Ranpur.

The tender will be received from dtd. 18.12.2025 during office hours and up to 11 A.M of dtd. 31.12.2025 in the office of the undersigned. The tenderers may submit the tender by Regd. Post or drop the sealed tender envelop kept in the premises of Divisional Forest Officer, Khordha.

| Sl No. | Start date of tender | End date of tender | Date of opening of the tender |
|---|---|---|---|
| 1 | 18.12.2025 | 31.12.2025 | 31.12.2025 |

The details of terms and condition of tender notice shall be available on the website www.khordha.odisha.gov.in/en/ tender / www.odishaforest.in and Divisional Notice board.

Sd/-
Divisional Forest Officer,
Khordha Division, Khordha

OIPR : 08139/11/0014/2526

O-1889

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Phone-0680-2291405
E-Mail: eerw_gm1@yahoo.co.in
Government of Odisha e-Procurement Notice
Bid Identification No. Online Tender // 22 // SERWDG-I // 2025-26
Letter No. // RWDG-I/BAM/ Date :

| | | | |
|---|---|---|---|
| 1 | Name of the Work | : | Repair to Road Work |
| 2 | Estimated Cost | : | Rs.35.29 Lakhs |
| 3 | Period of Completion | : | As per Annexure Column No. 06. |
| 4 | Date & Time of Availability of Bid Documents in the Portal | : | From 31.12.2025 at 11.00 AM to 08.01.2026 up to 5.00 PM |
| 5 | Last Date/ Time for Receipt of Bids in the Portal | : | 08.01.2026 up to 5.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd/- Executive Engineer
R.W. Division-I, Ganjam
Berhampur

OIPR : 25085/11/0045/2526

**OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION**
AT- Haridanali, PO/PS-Athmallik, Dist.-Angul, Pin-759125
Email - dfo.kl.alk@gmail.com. Mob No.8280342716
Order No. No. 183 / Date : 30.12.2025

MM-443

**NOTICE INVITING TENDER**
Bid Identification No. DFO (KL) ALK-04 (online) 2025-26

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work "Construction of Forester Quarter at Kadaligarh (KL) Range office Campus under Athmallik (KL) Division for the year 2025-26".
2. No. of Works : 1 No.
3. Nature of Works : Building works
4. Class of Contractor : 'C or D' Class
5. Estimated Cost : 16,53,040/-
6. Completion period : 2.5 Calendar Months
7. Availability of Bid documents : 31.12.2025 (5.00 PM) to 12.01.2026 (05.00 PM)
8. Last date for Receipt of Bids : 12.01.2025 up to 05.00 PM
9. Opening of Bids : 13.01.2025 at 11.00 AM.

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/- Divisional Forest Officer
Athmallik (KL) Division

OIPR : 08155/11/0007/2526

**OFFICE OF THE MUNICIPAL COUNCIL: KHORDHA**
H & UD Department, Govt, of Odisha, Khordha-752055
"e" Procurement Notice
No. 8071/Date. 29.12.2025
e-Mail : khurda_municipality@yahoo.co.in
Phone No. 06755-220674

C-1926

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt, website i.e. https://tendersodisha.gov.in/nicgep/app

1. Tender Reference No. : KMPLTY/ 06 /2025-26
2. Name of the Work : Civil Construction works as mentioned in website
3. No. of works : 1 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date &Time of Bidding : From Date. 31.12.2025 at 11:00 AM
8. Last date & time for receipt of bids in the portal : Date. 09.01.2026 up to 05:30 PM
9. Bids received online shall be opered on : Date. 12.01.2026 from 11:00 AM
10. Name and address of the Officer inviting Bid : O/o-Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Sd/- Executive Officer
Khordha Municipality

OIPR : 13082/11/0052/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://.oshb.org.

CAD-2859

ପତ୍ର ସଂଖ୍ୟା : ୨୮୧ — **ବିଜ୍ଞାପନ** — ତା : ୧୮.୧୨.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ–ସ୍ୱର୍ଗତ ଏମ.ଏସ.ଏନ.ମୂର୍ତ୍ତି ପିତା– ସ୍ୱର୍ଗତ ଏମ ଲକ୍ଷ୍ମଣ ରାଓ, ସା/ପୋ/ଥାନା– ଇଚ୍ଛାପୁରମ୍ ଜିଲ୍ଲା – ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ | ପ୍ଲଟ ନଂ. ଏଚ.ଆଇ.ଜି–୧୫/୩ (HIG-15/3) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା | ୧. ଏମ ବିଶାଲାକ୍ଷୀ (ସ୍ତ୍ରୀ) ୨. ମୂର୍ତ୍ତିଦିଡି ପଦ୍ମଜା ଶ୍ୟାମଳା (କନ୍ୟା) ୩. ମୂର୍ତ୍ତିଦିଡି ରାଜଶେଖର (ପୁତ୍ର) ୪. ଶ୍ରୀଦେବୀ କୃଷ୍ଣର (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/1058/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://.oshb.org.

CAD-2858

ପତ୍ର ସଂଖ୍ୟା : ୨୮୪ — **ବିଜ୍ଞାପନ** — ତା : ୧୯.୧୨.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ–ସ୍ୱର୍ଗତ ସନାତନ ପଣ୍ଡା ପିତା– ସ୍ୱର୍ଗତ ମହେଶ୍ୱର ପଣ୍ଡା ସା– ପାଟଣା, ବନମାଳୀପୁର, ପୋ/ଥାନା/ଜିଲ୍ଲା–ଜଗତସିଂହପୁର | ଘର ନଂ–ଏଚ.ଆଇ.ଜି–୧୮/୪ (HIG-18/4) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା | ୧. ସ୍ୱାତି ପଣ୍ଡା (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/1057/2526

[illegible]

ଜମିର ବିବରଣୀ
ଜି.-ଖୋର୍ଦ୍ଧା, ତହସିଲ - ଭୁବନେଶ୍ୱର, ମୌଜା- ପଥରଗଡ଼ିଆ ।

ସାବକ

| ସାବକଖାତା ନଂ | ସାବକ ପ୍ଲଟ ନଂ | ରକବା | ସତ୍ | କିସମ |
|---|---|---|---|---|
| [illegible] | [illegible] | | ଛିତିବାନ | [illegible] |

ହାଲ

| ହାଲଖାତା ନଂ | ହାଲ ପ୍ଲଟ ନଂ | ରକବା | ସତ୍ | କିସମ |
|---|---|---|---|---|
| [illegible] | [illegible] | [illegible] | ଛିତିବାନ | [illegible] |
| | [illegible] | [illegible] | | |

[illegible]

ଭୁବନେଶ୍ୱର — କୋର୍ଟ ଅଫିସର

### ଚଇତି ମହୋତ୍ସବରେ ସାମିଲ ହୋଇ ଆଦିବାସୀଙ୍କ

# କଳା ଏବଂ ଜୀବନ ଜୀବିକାକୁ ପାଳନ କରିଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ରାୟଗଡ଼ାରେ ଚଇତି ମହୋତ୍ସବରେ ସାମିଲ ହେବା ସହିତ ସାଂସ୍କୃତିକ ସଂରକ୍ଷଣ ଏବଂ ଗୋଷ୍ଠି ନେତୃତ୍ୱାଧୀନ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଇଛି । ୨୦୦୫ ମସିହାରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ଚଇତି ଏକ ପ୍ରମୁଖ ସାଂସ୍କୃତିକ ମହୋତ୍ସବ ଯାହା ଏହି ଅଞ୍ଚଳର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ପାଳନ କରିଥାଏ । ଏହି କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ୫୦୦ ରୁ ଅଧିକ କଳାକାରଙ୍କୁ ଏକାଠି କରିବା ସହିତ ଆଦିବାସୀ କଳା, ସଂସ୍କୃତି ଏବଂ ପରମ୍ପରାକୁ ପ୍ରୋତ୍ସାହିତ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରେ। ବେଦାନ୍ତ ଆଲୁମିନିୟମର ଷ୍ଟଲ ମହୋତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା, ଯେଉଁଥିରେ ସଉରା ଚିତ୍ରକଳା ଏବଂ ଡୋକ୍ରା ହସ୍ତଶିଳ୍ପ ଭଳି ପାରମ୍ପରିକ ଆଦିବାସୀ କଳାର



ଏକ ମିଶ୍ରଣ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀରେ ପ୍ରକଳ୍ପ ସଖୀ ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା କମ୍ପାନୀର ମହିଳା-ସଶକ୍ତିକରଣ ପଦକ୍ଷେପ ସହିତ ଲଘୁ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ ଉପରେ ଧ୍ୟାନ ଦେଇଥିଲା। ପ୍ରଦର୍ଶନୀ ସ୍ଥାନରେ ଅଙ୍କା ଯାଉଥିବା ସଉରା ଚିତ୍ରକଳା ବହୁ ସଂଖ୍ୟାରେ ଜନସାଧାରଣଙ୍କୁ ଆକର୍ଷିତ କରିଥିଲା, ଯାହା ଏକ ଆକର୍ଷଣୀୟ ଏବଂ ସାଂସ୍କୃତିକ ଅଭିଜ୍ଞତା ସୃଷ୍ଟି କରିଥିଲା। ଷ୍ଟଲରେ ଏକ ଅନନ୍ୟ ଆକର୍ଷଣ ଥିଲା ଓଡ଼ିଶାର ହକି ଇଣ୍ଡିଆ ଲିଗ୍ ଦଳ, ବେଦାନ୍ତ ଆଲୁମିନିୟମର ମାଲିକାନାରେ ଥିବା କଳିଙ୍ଗ ଲାନ୍ସର୍ସର ପ୍ରଦର୍ଶନୀ। ପ୍ରଦର୍ଶନୀରେ ଖେଳାଳିଙ୍କ ପ୍ରଦର୍ଶନ ଅନ୍ତର୍ଭୁକ୍ତ ହୋଇଥିଲା, ଯାହା ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ସୃଷ୍ଟି କରିବା ସହିତ ଉଭୟ କ୍ରୀଡା ଏବଂ ସାଂସ୍କୃତିକ ଉତ୍ସବକୁ ମିଶ୍ରଣ କରି ପରିଦର୍ଶକଙ୍କ ମନ ମୋହିଥିଲା। ବେଦାନ୍ତ ଆଲୁମିନିୟମ ଷ୍ଟଲକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରିଥିଲେ ଯାହା ୨୫ ହଜାର ରୁ ଅଧିକ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏଥିରେ ରାୟଗଡ଼ାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ରାୟଗଡ଼ାର ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଏବଂ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ରାୟଗଡ଼ାର ସଚିନ ଆନ୍ନାସାହେବଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଚଇତି ମହୋତ୍ସବରେ ଆମର ଉପସ୍ଥିତି ବେଦାନ୍ତ ଆଲୁମିନିୟମର ସ୍ୱଦେଶୀ କଳା ସଂସ୍କୃତିକୁ ପାଳନ କରିବା ଏବଂ ସ୍ଥାନୀୟ କାରିଗରମାନଙ୍କୁ ସମର୍ଥନ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମ୍ପ୍ରଦାୟଗୁଡ଼ିକୁ ବ୍ୟାପକ ଦର୍ଶକଙ୍କ ସହିତ ଯୋଡୁଥିବା ପ୍ଲାଟଫର୍ମ ସୃଷ୍ଟି କରି, ଆମେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଅନ୍ତର୍ଭୁକ୍ତି ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାର ଲକ୍ଷ୍ୟ ରଖିଛୁ।" ରାୟଗଡା ଜିଲ୍ଲା ପରିଷଦର ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ମଧ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ।

# ସରକାର ଗାଡ଼ିମାଲିକଙ୍କ ଠାରୁ ଜିଜିଆ କର ଆଦାୟ କରୁଛନ୍ତି: ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ମୋହନ ସରକାର ଗାଡ଼ି ମାଲିକଙ୍କ ଠାରୁ ଜିଜିଆକର ଆଦାୟ କରୁଛନ୍ତି । ଏକକୋଟି ୧୩ ଲକ୍ଷ ବିଜୁଳି ଉପଭୋକ୍ତାଙ୍କ ଠାରୁ ଟାଟା ପାଓ୍ୱାର କମ୍ପାନୀକୁ ଲଗାଇ ରକ୍ତ ଶୋଷଣ କଲାଭଳି ବିଜୁଳି ବିଲ ଦେୟ ଆଦାୟ କରୁଛନ୍ତି । ସେତିକିରେ ତାଙ୍କର ନୃଶଂସତା ସୀମିତ ହୋଇଯାଇ ନାହିଁ । ଏବେ ପ୍ରଦୁ୍ୟଷଣ ସାର୍ଟିଫିକେଟ ନାମରେ ଦୁଇ ଚକିଆ, ଚାରି ଚକିଆ ଏବଂ ସମସ୍ତ ଯାନର ମାଲିକଙ୍କ ଠାରୁ ମଶାଭଳି ରକ୍ତ ଶୋଷଣ କରୁଛନ୍ତି । ପ୍ରଦୁ୍ୟଷଣ ସାର୍ଟିଫିକେଟ ନାମରେ ବିଭିନ୍ନ ଗାଡ଼ି ଉପରେ ଥିବା ମାତ୍ରାଧିକ ଫାଇନ ଦେବାକୁ ବାଧ କରାଯାଉଛି । ଲୋକଙ୍କୁ ସଚେତନ କରାନଯାଇ ମନଇଚ୍ଛା ଫାଇନ ଲାଗୁ କରାଯାଇଛି ।

ଏପଟେ କୁହାଯାଉଛି ଯେ ଯଦି ଫାଇନ ନଦେବ ତେବେ ପ୍ରଦୁ୍ୟଷଣ ସାର୍ଟିଫିକେଟ ଦିଆଯିବ ନାହିଁ । ପୁଣି କୁହାଯାଉଛି ଯେ ଯଦି ପ୍ରଦୁ୍ୟଷଣ ସାର୍ଟିଫିକେଟ ନଥିବ




ତେବେ ପେଟ୍ରୋଲ ଟାଙ୍କିରେ ତେଲ ମଧ୍ୟ ମିଳିବ ନାହିଁ । ତେଣୁ ଏହା ଏକ ଜନହିତୈଷୀ ସରକାର ନା ଜନବିରୋଧି । ଲୋକଙ୍କୁ ହଇରାଣ ହରକତ କରି ଫାଇନ ଆଦାୟ କରିବାକୁ ବରଦାସ୍ତ କରାଯିବ ନାହିଁ । ପ୍ରଦୁ୍ୟଷଣ ସାର୍ଟିଫିକେଟ ଇସ୍ୟୁରେ ଗାଡ଼ି ଉପରେ ଥିବା ଫାଇନ ଏକ ପ୍ରସଙ୍ଗ ନହେଉ । ସମସ୍ତଙ୍କ ଗାଡ଼ି ପରୀକ୍ଷା କରି ଏକ ସୁଲଭ ମୂଲ୍ୟରେ ପ୍ରଦୁ୍ୟଷଣ ସାର୍ଟିଫିକେଟ ଇସ୍ୟୁ କରିବାପାଇଁ ଯୁବ କଂଗ୍ରେସ ଦାବି କରିଛି । ଯଦି ସରକାର ଗାଡ଼ି ଉପରେ ଥିବା ଫାଇନ ପୂରଣ କରିବାପରେ ପ୍ରଦୁ୍ୟଷଣ ସାର୍ଟିଫିକେଟ ଇସ୍ୟୁ କରିବାର ନିଷ୍ପତ୍ତିରେ ଅଟଳ ରୁହନ୍ତି ତେବେ ଯୁବ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ । ସରକାର ତାଙ୍କ ନିଷ୍ପତ୍ତିରେ ପୁର୍ନବିଚାର କରନ୍ତୁ । ସାମ୍ବାଦିକ ସମ୍ମିଳନୀରେ ମନୋଜ ବିଶ୍ୱାଳ,ୟାସିର ନଓ୍ୱାଜ, ଜାଭେଦ ଅକତର ଓ କେଦାର ଦଳାଇ ଉପସ୍ଥିତ ଥିଲେ ।

# ମୈତ୍ରେୟୀ ପୁଷ୍ପାଙ୍କୁ ଇଫ୍‌କୋ ସାହିତ୍ୟ ସମ୍ମାନ ୨୦୨୫

ଭୁବନେଶ୍ୱର (ସବ୍ୟୁ): ସାର କ୍ଷେତ୍ରରେ ଭାରତର ଅଗ୍ରଣୀ ସମବାୟ ସଂସ୍ଥା ଇଫ୍‌କୋ ପକ୍ଷରୁ ସୁପ୍ରସିଦ୍ଧ ହିନ୍ଦୀ ଲେଖିକା ମୈତ୍ରେୟୀ ପୁଷ୍ପାଙ୍କୁ ଇଫ୍‌କୋ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଛି। ସେହି ଉତ୍ସବରେ ଇଫ୍‌କୋ ୟଙ୍ଗ ଲିଟେରାରୀ ଆୱାର୍ଡ ୨୦୨୫ ଶ୍ରୀମତୀ ଅଙ୍କିତା ଜୈନଙ୍କୁ ତାଙ୍କର ପୁସ୍ତକ 'ଓଃ ରେ! କିଶାନ' ନିମନ୍ତେ ପ୍ରଦାନ କରାଯାଇଥିଲା। ୨୦୨୫ ଡିସେମ୍ବର ୩୦ ତାରିଖରେ ନୂଆଦିଲ୍ଲୀର କମାନି ଅଡିଟୋରିୟମ୍‌ଠାରେ ଆୟୋଜିତ ଏକ ଉତ୍ସବରେ ଇଫ୍‌କୋ ଚେୟାରମ୍ୟାନ ଦିଲୀପ ସଂଘାନୀ ଏହି ସମ୍ମାନ ପ୍ରଦାନ କରିଥିଲେ। ମୈତ୍ରେୟୀ ପୁଷ୍ପାଙ୍କର ଜନ୍ମ ଆଲିଗଡ ଜିଲ୍ଲାର ସିକୁରା ଗ୍ରାମରେ ୧୯୪୪ ନଭେମ୍ବର ୩୦



ତାରିଖରେ ହୋଇଥିଲା। ତାଙ୍କର କେତେକ କାହାଣୀ ଓ ଉପନ୍ୟାସକୁ ଟେଲିଭିଜନ କାର୍ଯ୍ୟକ୍ରମରେ ମଧ୍ୟ ପ୍ରସାରଣ କରାଯାଇଛି। ଅଙ୍କିତା ଜୈନ ତାଙ୍କର କ୍ୟାରିୟର ଜଣେ ରିସର୍ଚ୍ଚ ଆସୋସିଏଟ୍ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ ଆରମ୍ଭ କରିଥିଲେ। ପରେ ସେ ଜଣେ ପୂର୍ଣ୍ଣକାଳୀନ ଲେଖିକା ପାଲଟିଥିଲେ। ତାଙ୍କର ପ୍ରଥମ ପୁସ୍ତକ 'ଐସି ଭୈସି ଔରତ' ଜାଗରଣ-ନିଲ୍‌ସେନରେ ବେଷ୍ଟସେଲର ପୁସ୍ତକ ପାଲଟିଥିଲା।

# ସ୍ନେହି ଗୌରବ ସମ୍ମାନରେ ସମାଜସେବୀ ଅଇଁଠୁ ସାହୁ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ) ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ନେହୀ ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ ଭଂଜ କଳା ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଭାରତୀୟ ରେଳବାଇ ପରିଚାଳନା ସେବା ସିନିଅର ଟ୍ରାଫିକ୍ ମୁଖ୍ୟ କୃପା ସାଗର ସାହୁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସେବା ବୃତିର ଅତିରିକ୍ତ କମିଶନର ସହଦେବ ସାହୁ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡ଼କ୍ଟର ଜୟନ୍ତୀ ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ସମାଜସେବୀ ଅଇଁଠୁ ସାହୁ ଙ୍କୁ ତାଙ୍କର ସମାଜ ସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୁଷ୍ପ ଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସ୍ନେହୀ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ନୟାଗଡ ଜିଲ୍ଲା ନନ୍ଦିଘୋର ଗ୍ରାମରେ ଜନ୍ମିତ ଅଇଁଠୁ ସାହୁ ଚାକିରୀ ରୁ ଅବସର ଗ୍ରହଣ ପରେ ଭୁବନେଶ୍ୱର ର ବିଭିନ୍ନ ସାମାଜୀକ , ଆଧ୍ୟାତ୍ମିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହିତ ନିଜକୁ ସାମିଲ କରିଛନ୍ତି ।

# ଅନ୍ତଃଶକ୍ତି ଧ୍ୟାନ ପରିବାରର ବାର୍ଷିକୋତ୍ସବ



ଭୁବନେଶ୍ୱର(ସବ୍ୟୁ): ଅନ୍ତଃଶକ୍ତି ଧ୍ୟାନ ପରିବାରର ବାର୍ଷିକ ଧ୍ୟାନ ମହୋତ୍ସବ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ଅନ୍ତଃଶକ୍ତି ଧ୍ୟାନ ପରିବାରର ପୁରୋଧା ଧ୍ୟାନ ଗୁରୁ ସୁନିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ମହାନଗୁରୁ ବ୍ରହ୍ମଶ୍ରୀ ସୁବାସ ପତ୍ରିଙ୍କ ବିଚାରଧାରା ଦ୍ୱାରା ଅନୁପ୍ରାଣିତ ହୋଇ ୨୫୦ ଜଣ ଧ୍ୟାନୀ ଏଥିରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆୟୁର୍ବେଦିକ ଡା. ଗୌରୀଶଙ୍କର ପ୍ରସାଦ ମିଶ୍ର, ଯୋଗାଚାର୍ଯ୍ୟ ସୂର୍ଯ୍ୟକାନ୍ତ ମହାନ୍ତି ଓ ଧ୍ୟାନ ଗୁରୁ ନିହାର ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ ।

# ରବି ଫସଲ ପାଇଁ କୃଷି ରଣନୀତି କମିଟି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ରେ ରବି ଫସଲ ୨୦୨୫-୨୬ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ କୃଷି ରଣନୀତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ଅଧ୍ୟକ୍ଷଙ୍କୁ ବିସ୍ତୃତ ଭାବେ ପାୱାର ପଏଁଟ ଉପକରଣରେ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଅଧ୍ୟକ୍ଷ କୃଷି, ଉଦ୍ୟାନ କୃଷି, ଜଳସେଚନ, ଉଠା ଜଳସେଚନ, ପ୍ରାଚୀ ଖଣ୍ଡ ଜଳସେଚନ, ମୃର୍ତ୍ତିକା ସଂରକ୍ଷଣ, ଜିଲ୍ଲାରେ ହୋଇଥିବା ବର୍ଷା ଅନୁପାତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ସେହିପରି ଅଧ୍ୟକ୍ଷ ଜିଲ୍ଲାରେ ଶିକ୍ଷା, ସୂଚନା ଓ ଯୋଗାଯୋଗ (ଆଇସି) କ୍ୟାମ୍ପ କରାଇ ମସଲା ଜାତୀୟ କୃଷି ବୃଦ୍ଧି କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧରିତ୍ରୀ ମାତା ବଚାଓ ଅଭିଯାନ, ବିପଣନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମାର୍କଫେଡ୍ କାର୍ଯ୍ୟଧାରା, ଶ୍ରୀ ଅନ୍ନ ଅଭିଯାନ, କ୍ଲଷ୍ଟର ସ୍ତରୀୟ ମୁଗ, ବିରି ପ୍ରଦର୍ଶନ, କୃଷି ମେଳା ଓ ପ୍ରଦର୍ଶନୀ, କୃଷକ ପଞ୍ଜିକରଣ, ରବି ଋତୁରେ ଶସ୍ୟ ପ୍ରଦର୍ଶନୀ, କୃଷି ସୁରକ୍ଷା କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଅମୃତ ଅନ୍ନ ଅଭିଯାନ,ସମନ୍ୱିତ କୃଷି ପଦ୍ଧତି, ଛତୁ ଚାଷକୁ ପ୍ରୋତ୍ସାହିତ କରିବା ଆଦି ବିଭିନ୍ନ ଯୋଜନା ରଣନୀତି ସମ୍ବନ୍ଧରେ ଅଧ୍ୟକ୍ଷ ବିଭାଗୀୟ ସମୀକ୍ଷା କରିଥିଲେ।

ସୂଚନା ପ୍ରକାରନ୍ତେ ଜିଲ୍ଲାରେ ଏପ୍ରିଲ ରୁ ଅକ୍ଟୋବର ୨୦୨୫ ରେ ବର୍ଷାର ପରିମାଣ ୧୩୦୮.୫ ମିଲି ମିଟର ଥିଲା। ଖରିଫ ୨୦୨୫ ଋତୁରେ ଧାନ, ମକା, ମାଣ୍ଡିଆ, ଡାଲି ଜାତୀୟ ଶସ୍ୟ, ପନିପରିବା, ମସଲା ଯୁକ୍ତ ଓ ଆଖୁ ଚାଷ ମୋଟ ୧୮୪୮୦ ମେଟ୍ରିକ୍ ଟନ୍ ଉତ୍ପାଦ ମିଳିଥିଲା। ସେହିପରି ରବି ଋତୁ ୨୦୨୫-୨୬ ବର୍ଷରେ ଧାନ, ମକା, ବାଜରା, ଆଖୁ, ଡାଲି, ମସଲା, ପନିପରିବା ଆଦିକୁ ମିଶାଇ ମୋଟ ୨୧୦୦୦ ମେଟ୍ରିକ୍ ଟନ୍ ଉତ୍ପାଦ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ୨୦୨୫ବର୍ଷରେ ମାଟି ସ୍ୱାସ୍ଥ୍ୟ କାର୍ଡ ୮୮୪୫ ପ୍ରସ୍ତୁତ କରାଯାଇ ୬୩୭୩ ବଂଟନ କରାଯାଇଅଛି। ୨୦୨୫-୨୬ ରବି ଫସଲକୁ ସମ୍ପୂର୍ଣ୍ଣ ଭାବେ ଜିଲ୍ଲାରେ ସଫଳ କରିବା ଜନିତ ଚାଷୀମାନଙ୍କୁ ୪୧୩୦୦.୦୦ଲକ୍ଷ ଋଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ସମସ୍ତ ବ୍ଲକର କୃଷି ଅଧିକାରୀ, ଜଳସେଚନ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟ ମେଂଟ ଯନ୍ତ୍ରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ କମିଟିର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ ସେହିପରି ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଖୋର୍ଦ୍ଧା ଜିଲ୍ଲା ମରୁଡି ପରିଚାଳନା ଯୋଜନାକୁ ସମସ୍ତ ସଦସ୍ୟ ସଦସ୍ୟା ଙ୍କ ଅବଗତି ନିମନ୍ତେ ପ୍ରକାଶ କଲାପରେ ସମସ୍ତଙ୍କ ସମ୍ମତି ଅଧ୍ୟକ୍ଷ ଙ୍କ ପରାମର୍ଶ କ୍ରମେ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ସ୍ଥିରୀକୃତ ହେଇଥିଲା।

# ଏୟାରଟେଲ୍ କାର୍ଟୁନ୍ ନେଟୱାର୍କ କ୍ଲାସିକ୍ସ ଲଞ୍ଚ ଘୋଷଣା କଲା

ଭୁବନେଶ୍ୱର (ସବ୍ୟୁ): ଭାରତର ପ୍ରମୁଖ ଦୂରସଂଚାର ସେବା ପ୍ରଦାନକାରୀ ଭାରତୀ ଏୟାରଟେଲ୍ ୱାର୍ନର ବ୍ରଦର୍ସ ଡିସ୍କଭରୀଙ୍କ ସହଯୋଗରେ ଏୟାରଟେଲ୍ ଡିଜିଟାଲ୍ ଟିଭିରେ ପ୍ରଦାନ କରାଯାଉଥିବା ଏକ ସ୍ୱତନ୍ତ୍ର ମୂଲ୍ୟଯୁକ୍ତ ସେବା "ଏୟାରଟେଲ୍ କାର୍ଟୁନ୍ ନେଟୱାର୍କ କ୍ଲାସିକ୍ସ" ଲଞ୍ଚ ଘୋଷଣା କରିଛି। ଏହି ନୂତନ ଚ୍ୟାନେଲ୍ କାର୍ଟୁନ୍ ନେଟୱାର୍କର କିଛି ପ୍ରତୀକାତ୍ମକ ଏବଂ ଲୋକପ୍ରିୟ ଆନିମେଟେଡ୍ ଚରିତ୍ର (ଫ୍ରାଞ୍ଚାଇଜ୍) କୁ ଗୋଟିଏ ପ୍ଲାଟଫର୍ମରେ ଏକାଠି କରିଥାଏ, ଯାହା କାଳଜୟୀ କାହାଣୀ ଏବଂ ପାରିବାରିକ ମନୋରଞ୍ଜନ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ସୃଷ୍ଟି କରିଥାଏ।

ଏୟାରଟେଲ୍ କାର୍ଟୁନ୍ ନେଟୱାର୍କ କ୍ଲାସିକ୍ସ ଦର୍ଶକଙ୍କୁ ଟମ୍ ଆଣ୍ଡ ଜେରି, ଦି ଫ୍ଲିଣ୍ଟଷ୍ଟୋନ୍ସ, ଲୁନି ଟ୍ୟୁନ୍ସ, ସ୍କୁବି-ଡୁ, ଜନି ବ୍ରାଭୋ ଏବଂ ଆହୁରି ଅନେକ କ୍ଲାସିକ୍ କାର୍ଟୁନର ସ୍ମୃତିକୁ ଫେରାଇ ଆଣିବ। ଚ୍ୟାନେଲଟି ବିଶେଷ ଭାବରେ ଏହି ଲୋକପ୍ରିୟ ଶୋ' ଦେଖି ବଡ଼ ହୋଇଥିବା ଦର୍ଶକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଚ୍ୟାନେଲଟି ପରିବାରଗୁଡ଼ିକୁ ଏକ ନୂତନ ପିଢ଼ିକୁ ଆନିମେଟେଡ୍ କାହାଣୀ ସହିତ ପରିଚିତ କରାଇବାର ସୁଯୋଗ ମଧ୍ୟ ଦିଏ ଯାହା ୯୦ ଏବଂ ୨୦୦୦ ଦଶକର ପ୍ରାରମ୍ଭର ସାଂସ୍କୃତିକ ପରିଚୟର ଅଂଶ ହୋଇଯାଇଥିଲା ଏବଂ ଆଜି ମଧ୍ୟ ଲୋକପ୍ରିୟ ରହିଛି। ଲଞ୍ଚ ବିଷୟରେ ମତାମତ ଦେଇ, ଏୟାରଟେଲର ଡିଟିଏଚ୍ ବ୍ୟବସାୟ ମୁଖ୍ୟ, ପୁଷ୍ପିନ୍ଦର ସିଂହ ଗୁଜରାଲ କହିଛନ୍ତି, "ଏୟାରଟେଲ୍ କାର୍ଟୁନ୍ ନେଟୱାର୍କ କ୍ଲାସିକ୍ସ ଆମର ମନୋରଞ୍ଜନ ପୋର୍ଟଫୋଲିଓରେ ଏକ ଅନନ୍ୟ ପରିମାଣ ଯୋଡିଥାଏ ଏବଂ ଗ୍ରାହକମାନଙ୍କୁ ଆଜି ମଧ୍ୟ ପ୍ରିୟ ପ୍ରତୀକାତ୍ମକ କାହାଣୀ ଏବଂ ଚରିତ୍ରଗୁଡ଼ିକ ସହିତ ପୁନଃ ସଂଯୋଗ କରିବାର ସୁଯୋଗ ଦେଇଥାଏ।

# ରେଳ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଶ୍ରମିକ କଂଗ୍ରେସ ଉପସଭାପତି ପ୍ରମୋଦ କୁମାର ସାହାଣୀଙ୍କ ପୌରହିତ୍ୟରେ ପଶ୍ଚିମାଶମ୍ଭୁ ସୋମନାଥଙ୍କ ପ୍ରାଙ୍ଗଣରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆଶୁତୋଷ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଡିଆରଏମ (ଓପି )ଙ୍କ ବ୍ୟକ୍ତିଗତ ସଚିବ ଜଗଦୀଶ ସେଠୀଙ୍କ ଅବସର ନିମନ୍ତେ ଏହି ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଏଡିଏଫଏମ ପ୍ରମୋଦ ପରିଡା ଯୋଗଦେଇଥିବା ବେଳେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ,ସହ ସମ୍ପାଦକ ନିରଞ୍ଜନ ମିଶ୍ର , କେନ୍ଦ୍ରୀୟ ପଦାଧିକାରୀ ଏମ ଜି କେ ରାଓ , ମହେନ୍ଦ୍ର ମହାନ୍ତି , ଅବସରପ୍ରାପ୍ତ ମୁଖ୍ୟ ସାମଗ୍ରୀ ପରିଚାଳକ ଜୀବନାନନ୍ଦ ପଟ୍ଟନାୟକ , ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମଳୟ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ କ୍ଷ ଶ୍ରମିକ କଂଗ୍ରେସର ପ୍ରଗତିରେ ପ୍ରଚ୍ଛଦପଟ ନାୟକ ଭାବେ ଶ୍ରୀ ସେଠିଙ୍କ ଅବଦାନ ଶ୍ରମିକ କଂଗ୍ରେସ ସଦାସର୍ବଦା ମନେରଖିବ ବୋଲି ବକ୍ତା ମାନେ ନିଜ ଭାଷଣରେ କହିଥିଲେ କ୍ଷ ଶାଖା ସମ୍ପାଦକ ଏଲ ଡି ମହାନ୍ତି ସଭା ପରିଚାଳନା କରିଥିଲେ।

# ଆଇଏମଏ ଏନଏଟିସିଓଏନର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମଏ ଏନଏଟିସିଓଏନ ୨୦୨୫) ର ୧୦୦ ତମ ଜାତୀୟ ସମ୍ମିଳନୀରେ, ହୃଦ୍‌ରୋଗ ବିଶେଷଜ୍ଞମାନେ ଖାଦ୍ୟପେୟ ଚର୍ବି ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟ ବିଷୟରେ ଅଧିକ ପ୍ରମାଣ-ଆଧାରିତ ବୁଝାମଣା ପାଇଁ ଆହ୍ୱାନ କରିଛନ୍ତି। ବୈଜ୍ଞାନିକ ପ୍ରମାଣର ବିକାଶକୁ ଦୃଷ୍ଟିରେ ରଖି ଦୀର୍ଘ ଦିନର ଅନୁମାନକୁ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଛନ୍ତି। ଆଇଏମଏ ଏନଏଟିସିଓଏନର ଶତବାର୍ଷିକୀ ସଂସ୍କରଣ ସାରା ଭାରତରୁ ହଜାର ହଜାର ଡାକ୍ତର, ଗବେଷକ ଏବଂ ସ୍ୱାସ୍ଥ୍ୟସେବା ନେତୃବୃନ୍ଦଙ୍କୁ ଏକତ୍ରିତ କରିଥିଲା, ଯାହା କ୍ଲିନିକାଲ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଗଠନ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ଏହାର ଭୂମିକାକୁ ଦୃଢ଼ କରିଥିଲା । ଡକ୍ଟର ବରୁଣ ବଂଶଲ ଏବଂ ଡକ୍ଟର କେତନ ମେହେଟାଙ୍କ ଦ୍ୱାରା




ବିଶେଷଜ୍ଞଙ୍କ ନେତୃତ୍ୱରେ ଦୁଇଟି ଅଧିବେଶନ କ୍ଲିନିକାଲ୍ ପ୍ରମାଣ ଏବଂ ବିଶ୍ୱସ୍ତରୀୟ ଅନୁସନ୍ଧାନର ଲେନ୍ସ ମାଧ୍ୟମରେ ଖାଦ୍ୟପେୟ ଚର୍ବି, ପାମ୍ ତେଲ ଏବଂ ଉଦୀୟମାନ ହୃଦ୍‌ରୋଗ ହସ୍ତକ୍ଷେପର ଭୂମିକାକୁ ପରୀକ୍ଷା କରି ଭୁଲ ସୂଚନା ଦ୍ୱାରା ମେଘୁଆ ହୋଇଥିବା ବିଷୟ ଉପରେ କ୍ଲିନିକାଲ୍ ସ୍ୱଷ୍ଟତା ପ୍ରଦାନ କରିଥିଲା । ଏହାକୁ ପରିପୂର୍ଣ୍ଣ କରି ଡକ୍ଟର ବଂଶଲ ସନ୍ତୁଳିତ ଚର୍ବିକୁ ସିଧାସଳଖ ହୃଦ୍‌ରୋଗ ସହିତ ସଂଯୋଗ କରୁଥିବା ଦୀର୍ଘ ଦିନର ଧାରଣାକୁ ଚ୍ୟାଲେଞ୍ଜ କରିଥିଲେ । ସେ ଆଲୋକପାତ କରିଥିଲେ ଯେ ସନ୍ତୁଳିତ ଚର୍ବି ପୁଷ୍ଟିକର ଦୃଷ୍ଟିରୁ ସମାନ ନୁହେଁ ଏବଂ ହୃଦ୍‌ରୋଗ ବିପଦ ସାମଗ୍ରିକ ଖାଦ୍ୟ ଶୈଳୀ, ଜୀବନଶୈଳୀ ଏବଂ ସମୁଦାୟ କ୍ୟାଲୋରୀ ଗ୍ରହଣ ଦ୍ୱାରା ପ୍ରଭାବିତ ହୋଇଥାଏ । ସେ ଉଲ୍ଲେଖ କରିଛନ୍ତି ଯେ କେତେକ ଚର୍ବି ପ୍ରତିସ୍ଥାପନ କୋଲେଷ୍ଟ୍ରଲକୁ ହ୍ରାସ କରିପାରେ, ସେମାନେ କ୍ରମାଗତ ଭାବରେ ହୃଦ୍‌ରୋଗର ମୃତ୍ୟୁହାରକୁ ହ୍ରାସ କରନ୍ତି ନାହିଁ ଏବଂ ଟ୍ରାନ୍ସ ଫ୍ୟାଟ୍ ସହିତ ତୁଳନା ତାଳ ତେଲ ପାଇଁ ଅନୁକୂଳ ଫଳାଫଳ ଦେଖାଏ ।

# ରାଜ୍ୟରେ ଧାନକିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି : ବିଜେଡ଼ି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ୧୩ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ, ଏହି ଧାନ କିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଧାନ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ଇନପୁଟ ସବସିଡି ପ୍ରଦାନ କରୁଛନ୍ତି ବୋଲି ବାହାବା ନେଉଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ ରାଜ୍ୟର ଧାନ କିଣାକୁ ଦେଖିଲେ, ଏହା ଚାଷୀକୁଳଙ୍କ ପ୍ରତି ଧୋକା ଓ ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡି କହିଛି ।

ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା, ବିଧାୟକ ତଥା କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟର ଚାଷୀକୁଳଙ୍କୁ ରାଜ୍ୟ ସରକାର ହତାଶ କରିଛନ୍ତି ବୋଲି ଅଭିଯୋଗ କରିବା ସହିତ ବିଜେଡି ଚାଷୀକୁଳଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢେଇ ଜାରି ରଖିବ ବୋଲି କହିଥିଲେ ।

ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ,



ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନ କିଣା ବ୍ୟାପାରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ଧାନ କିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କେନ୍ଦ୍ର ସରକାରଙ୍କ ଆଗରେ ଓଡ଼ିଶାର ସ୍ୱର ନରମି ଯାଉଛି । ଧାନ କିଣା ପ୍ରସଙ୍ଗରେ ନିକଟରେ କେନ୍ଦ୍ର ସରକାରଙ୍କ ଅଧୀନରେ ହୋଇଥିବା ବୈଠକରେ ବିଭିନ୍ନ ରାଜ୍ୟ ମାନଙ୍କ ପାଇଁ ଧାନ କିଣା ପାଇଁ ରଖାଯାଇଥିବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଓଡିଶା ଠାରୁ ଛତିଶଗଡ଼ ରାଜ୍ୟର ଲକ୍ଷ୍ୟ ଅଧିକ ରହିଛି । ଛତିଶଗଡ଼ ଓଡିଶା ଠାରୁ କ୍ଷୁଦ୍ର ରାଜ୍ୟ ହୋଇଥିବା ବେଳେ ଓ ଛତିଶଗଡ଼ ଓଡିଶା ଠାରୁ କମ୍ ଧାନ ଉତ୍ପାଦନ କରୁଥିବା ବେଳେ ଓଡିଶା ପାଇଁ ୭୩ ଲକ୍ଷ ମେଟ୍ରିକ ଟନ ଧାନକିଣା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଛତିଶଗଡ଼ ପାଇଁ ୮୦ ଲକ୍ଷ ମେଟ୍ରିକ ଟନ ଧାନ କିଣାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଧାନ କିଣା ଦାୟିତ୍ୱରେ ଥିବା ଓଡିଶା ରାଜ୍ୟ ଯୋଗାଣ ନିଗମର ୧୮,୮୮୬ କୋଟି ଟଙ୍କା ଋଣଭାର ରହିଛି । ଏହାଛଡା ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ନିକଟରୁ ୮୧୨୧ କୋଟି ଟଙ୍କା ଓଡିଶା ପାଇବାର ଅଛି । ଶ୍ରୀ ଆଚାର୍ଯ୍ୟ କହିଥିଲେ, ଗତ ଖରିଫ ଚାଷ ସମୟରେ ସାର ପ୍ରଦାନ କରିବାରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଥିଲେ । ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ଜଟିଳ କରିବା ଦ୍ୱାରା ରାଜ୍ୟର ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇପାରିଲା ନାହିଁ । ପଞ୍ଜିକରଣ ନହେଲେ ଚାଷୀ ଧାନ ମଣ୍ଡିରେ ବିକ୍ରି କରିପାରିବ ନାହିଁ । ଅଭାବୀ ବିକ୍ରି ପାଇଁ ବାଧ୍ୟ ହେବ । ସରକାର ଦାରୁଭୂତ ମୁରାରୀ ହୋଇ ବସି ରହିଛନ୍ତି । ଚାଷୀଙ୍କୁ ଶୋଷଣ କରିବାର ସମସ୍ତ ଉପାୟ ସରକାର ଅବଲମ୍ବନ କରୁଛନ୍ତି । ଶ୍ରୀ ସଞ୍ଜୟ ଦାସବର୍ମା କହିଥିଲେ, ଯେଉଁ ୮୦୦ ଟଙ୍କା ଇନପୁଟ ସବ୍ସିଡି କଥା କହିଥିଲେ, ତାହା ପ୍ରଦାନ ନକରିବା ଉଦ୍ଦେଶ୍ୟରେ ଧାନ କିଣାରେ ଟାଳଟୁଳ ନୀତି ରାଜ୍ୟ ସରକାର ଅବଲମ୍ବନ କରୁଛନ୍ତି । ରାଜ୍ୟର କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସ୍ୱର ଉଠାଇବ ଓ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ।

# ମହାକୁମ୍ଭ ଟ୍ରାଜେଡି



ଉତ୍ତର ପ୍ରଦେଶର ପ୍ରୟାଗରାରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳରେ ୨୦୨୫ ପ୍ରୟାଗ କୁମ୍ଭ ମେଳାରେ ଭିଡ଼ ଧକ୍କା ହୋଇଥିଲା। ଏଥିରେ ଅତି କମରେ ୩୦ ଜଣ ଲୋକ ପ୍ରାଣ ହରାଇଥିଲେ, ଯେତେବେଳେ ୯୦ ଜଣ ଆହତ ହୋଇଥିଲେ। ଗତ ୭୦ ବର୍ଷ ମଧ୍ୟରେ କୁମ୍ଭ ମେଳା ସମୟରେ ଏହା ଷଷ୍ଠ ଭିଡ଼ ଧକ୍କା। ପରବର୍ତ୍ତୀ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ଧକ୍କାରେ ଜଣେ ତିନି ବର୍ଷର ଶିଶୁ ସମେତ ସାତ ଜଣଙ୍କର ମୃତ୍ୟୁ ହୋଇଥିଲା। ସରକାରୀ ମୃତ୍ୟୁ ସଂଖ୍ୟା ବିବାଦୀୟ ହୋଇଛି, ରିପୋର୍ଟ ଅନୁଯାୟୀ ମୃତକଙ୍କ ପ୍ରକୃତ ସଂଖ୍ୟା ସରକାରଙ୍କ ସଂଖ୍ୟାଠାରୁ ଅଧିକ ବୋଲି ସୂଚାଇ ଦିଆଯାଇଛି। ହସ୍ପିଟାଲ ଏବଂ ପୋଲିସ ରେକର୍ଡ ଉପରେ ଆଧାରିତ ଏକ ନ୍ୟୁଜଲାଣ୍ଡ୍ରି ରିପୋର୍ଟରେ ମୃତ୍ୟୁ ସଂଖ୍ୟା ଅତି କମରେ ୭ ୯ ବୋଲି ଦାବି କରାଯାଇଛି] ଏହି ବିସଙ୍ଗତିଗୁଡ଼ିକ ସରକାରଙ୍କ ଘଟଣାର ପରିଚାଳନାକୁ ସମାଲୋଚନା କରିଛି ଏବଂ ଅଧିକ ସ୍ୱଚ୍ଛତା ପାଇଁ ଆହ୍ୱାନ କରିଛି।

ବିଦାୟ ନେଉଛି ୨୦୨୫। ଆରମ୍ଭରୁ ଚର୍ଚ୍ଚାରେ ରହିଥିଲା ବର୍ଷଟି। ଅନେକ ଘଟଣା, ଦୁର୍ଘଟଣା, ଯୁଦ୍ଧ ଘନଘଟା, ଶାନ୍ତି -ମୈତ୍ରୀ ଚୁକ୍ତିର ଯେମିତି ମୂକ ସାକ୍ଷୀ ପାଲଟିଥିଲା ସେମିତି ମଧ୍ୟ ଇତିହାସ ପୃଷ୍ଠାରେ ଯୋଡି ହୋଇ ରହିଗଲା ବିସ୍ମୃତିର ଅଲିଭା ଦାଗ। ମହାକୁମ୍ଭ ମେଳାର ଦଳାଚକଟା ଠାରୁ ଆରମ୍ଭ କରି ଅହମ୍ମଦାବାଦ ବିମାନ ଦୁର୍ଘଟଣା, ଅପରେସନ ସିନ୍ଦୂର, ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭିଷୀକା, ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ବର୍ଷଟିକୁ ତମାମ ଚର୍ଚ୍ଚିତ କରିଥିଲା। ଭାରତ ସରକାରଙ୍କ ଜିଏସଟି ହ୍ରାସ, ଖାଉଟିଙ୍କ ମନରେ ଟିକିଏ ଆଶ୍ୱସ୍ତ ସଞ୍ଚାର କରିଥିବା ବେଳେ ବର୍ଷ ଶେଷକୁ ମନରେଗା ବଦଳରେ ବିବି-ଜି ରାମଜୀର ନୂଆ ସ୍ୱରୂପ ବିରୋଧୀଙ୍କୁ ହତଚକିତ କରିଦେଇଥିଲା। ଏହା ସାଙ୍ଗକୁ ଶ୍ରମ ସଂହିତାରେ ସଂସ୍କାର, ଅନେକ ଦେଶ ସହ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ଭାରତ ପରିଣତ ହେବା ସହ ବିଶ୍ୱ ଦରବାରରେ ନିଜର ଦବ୍‌ଦବା ଜାହିର କରି ପାରିଛି। ପହଲଗାମ ନରସଂହାର ଘଟଣାରେ ଆତଙ୍କୀସ୍ଥାନ (ପାକିସ୍ତାନ)ର କଡା ଜବାବ୍ କେବେ ବି ଭୁଲି ହେବ ନାହିଁ। ଆଜିର ଡିଜିଟାଲ ଯୁଗ ମିଥ୍ୟା ଏବଂ ଭୁଲ ସୂଚନାରେ ପରିପୂର୍ଣ୍ଣ। କିନ୍ତୁ ସତ୍ୟ ହିଁ ସତ୍ୟ। ସତ୍ୟକୁ କଦାପି ବିକୃତ କରି ହେବ ନାହିଁ। ବିଶ୍ୱ ଜନସାଧାରଣଙ୍କୁ ଭ୍ରମିତ କରିବା କିମ୍ବା ଭୁଲ ସୂଚନାର ଝଡ ମାଧ୍ୟମରେ ହଜିଯାଇଥିବା କାହାଣୀର ଭୂମିକୁ ଉପସ୍ଥାପିତ କରି ମୈତ୍ରୀ ଭାବର ଅଭିନୟ କରିବା କେବେ ବି ସମ୍ଭବ ହେବ ନି। ଏମିତି ଅନେକ ଘଟଣାର ପ୍ରବାହରେ ପ୍ରବାହିତ ହୋଇଥିବା ଜାତୀୟ ଓ ଅନ୍ତର୍ଜାତୀୟ ଘଟଣାବଳୀକୁ ନେଇ ଆଜିର ଏହି ଉପସ୍ଥାପନା...... ।

## ଅହମ୍ମଦାବାଦ କ୍ରାଶ




ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୭୧ ଭାରତର ଅହମ୍ମଦାବାଦ ବିମାନବନ୍ଦରରୁ ଲଣ୍ଡନ ଗାଟୱିକ୍ ବିମାନବନ୍ଦରକୁ ଏକ ନିର୍ଦ୍ଧାରିତ ଅନ୍ତର୍ଜାତୀୟ ଯାତ୍ରୀବାହୀ ଉଡ଼ାଣ ଥିଲା। ୧୨ ଜୁନ୍ ୨୦୨୫ରେ, ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନଟି ଉଡ଼ାଣ ଚଳାଇଥିଲା, ଉଡ଼ାଣ ଆରମ୍ଭ କରିବାର ମାତ୍ର ୩୨ ସେକେଣ୍ଡ ପରେ ରନୱେରୁ ୧.୭ କିଲୋମିଟର (୧ ମାଇଲ୍; ୦.୯ ଏନଏମଆଇ) ଦୂରରେ ଅହମ୍ମଦାବାଦର ବି. ଜେ. ମେଡିକାଲ୍ କଲେଜର ହଷ୍ଟେଲ୍ ବ୍ଲକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୧୨ ଜଣ କ୍ରୁ ସଦସ୍ୟ ଏବଂ ୨୩୦ ଜଣ ଯାତ୍ରୀଙ୍କ ମଧ୍ୟରୁ କେବଳ ୧ ଜଣ ଯାତ୍ରୀ ବଞ୍ଚି ଯାଇଥିଲେ। ଭୂମିରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୬୭ ଜଣ ଗୁରୁତର ଆହତ ହୋଇଥିଲେ। ବିମାନଟି ନଷ୍ଟ ହୋଇଯାଇଥିଲା, ଏବଂ ଧକ୍କା ଏବଂ ପରବର୍ତ୍ତୀ ଅଗ୍ନିକାଣ୍ଡ ଯୋଗୁଁ ଅନେକ କଲେଜ କୋଠା ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା।

## ଦିଲ୍ଲୀରେ ବିଜେପି ରାଜ

ଦିଲ୍ଲୀ ବିଧାନସଭାର ସମସ୍ତ ୭୦ ଜଣ ସଦସ୍ୟଙ୍କୁ ନିର୍ବାଚିତ କରିବା ପାଇଁ ୫ ଫେବୃଆରୀ ୨୦୨୫ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଭୋଟ ଗଣତି ଏବଂ ଫଳାଫଳ ଘୋଷଣା ୮ ଫେବୃଆରୀ ୨୦୨୫ରେ ହୋଇଥିଲା । ଭାରତୀୟ ଜନତା ପାର୍ଟି ୭୦ ଆସନରୁ ୪୮ ଟିରେ ବିଜୟୀ ହୋଇଥିଲା, ଏହିପରି ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତାକୁ ଫେରିଥିଲା । ଶାଲିମାରବାଗର ବିଧାୟିକା ରେଖା ଗୁପ୍ତା ୨୦ ଫେବୃଆରୀ ୨୦୨୫ରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ ।



## ଇଡି ସମନ ମୁଖ୍ୟମନ୍ତ୍ରୀ ପଦରେ ଥାଇ ଗିରଫ

ଦିଲ୍ଲୀ ମଦ ନୀତି ଓ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୁ ନଅ ଥର ସମନ ଜାରି ହେଲା । ଶେଷରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ପଦରେ ଥାଇ ଗିରଫ ହେବାରେ ସେ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ ।ତାଙ୍କ ପୂର୍ବରୁ ଗିରଫ ହୋଇଥିବା ଅନ୍ୟ ସମସ୍ତେ ଗିରଫ ହେବା ପୂର୍ବରୁ ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ବିରୋଧୀ ମେଣ୍ଟ ଏହାକୁ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏକ ମନଗଢ଼ା ମାମଲା ଏବଂ ମ୍ୟାଚ୍ ଫିକ୍ସିଂ ବୋଲି କହିଥିଲା । ଦିଲ୍ଲୀ ହାଇକୋର୍ଟ ତାଙ୍କ ଗିରଫଦାରୀ ଏବଂ ସମସ୍ତ ଜାମିନ ଆବେଦନ ବିରୁଦ୍ଧରେ କେଜ୍ରିୱାଲଙ୍କ ଆବେଦନକୁ ଖାରଜ କରିଦେଇଥିଲା । ସୁପ୍ରିମକୋର୍ଟ ଶେଷରେ ନିର୍ବାଚନ ପାଇଁ ପ୍ରଚାର କରିବାକୁ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ ।



## ଅପରେସନ୍ ସିନ୍ଦୂର

୨୨ ଏପ୍ରିଲରେ ପହଲଗାମରେ ଆତଙ୍କୀ ଆକ୍ରମଣ କରିଥିଲା। ପାକିସ୍ତାନ ସମର୍ଥିତ ଆକ୍ରମଣକାରୀମାନେ ଏକ ଗାଁରେ ଆକ୍ରମଣ କରିଥିଲେ, ଲୋକମାନଙ୍କୁ ସେମାନଙ୍କ ଧର୍ମ ପଚାରିଥିଲେ ଏବଂ ସେମାନଙ୍କୁ ହତ୍ୟା କରିଥିଲେ, ଯାହା ଫଳରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା। ସାମ୍ପ୍ରଦାୟିକ ହିଂସାକୁ ଉସ୍କାଇବାର ଏକ ସ୍ପଷ୍ଟ ପ୍ରୟାସ, ଏହା ସୀମାପାର ଆକ୍ରମଣରୁ ଭାରତକୁ ଭିତରରୁ ବିଭାଜିତ କରିବା ପାଇଁ ଏକ ପରିବର୍ତ୍ତନକୁ ଚିହ୍ନିତ କରିଥିଲା। ଜବାବରେ, ଭାରତ ଆକ୍ରମଣ ପଛରେ ଥିବା ଆତଙ୍କୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବା ପାଇଁ ଅପରେସନ ସିନ୍ଦୁର ଆରମ୍ଭ କରିଥିଲା। କିନ୍ତୁ ପାକିସ୍ତାନ କ ଡ଼ । ଜବାବ ଦେଇଥିଲା। ପରବର୍ତ୍ତୀ ସପ୍ତାହରେ, ଏହା ଧାର୍ମିକ ସ୍ଥଳଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଡ୍ରୋନ୍ ଏବଂ ସେଲିଂ ବ୍ୟବହାର କରିଥିଲା। ଜମ୍ମୁର ଶମ୍ଭୁ ମନ୍ଦିର, ପୁଞ୍ଚର ଗୁରୁଦ୍ୱାର ଏବଂ ଖ୍ରୀଷ୍ଟିଆନ କନ୍ୟାଶ୍ରମଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା। ଏଗୁଡ଼ିକ ଅନିୟମିତ ଆକ୍ରମଣ ନଥିଲା। ଏଗୁଡ଼ିକ ଭାରତର ଏକତାକୁ ଭାଙ୍ଗିବା ଯୋଜନାର ଅଂଶ ଥିଲା ।ଭାରତ ଲାହୋରରେ ରାଡାର ପ୍ରତିଷ୍ଠାନ ଉପରେ ପ୍ରତିଶୋଧମୂଳକ ଆକ୍ରମଣ କରିଥିଲା ଏବଂ ଗୁର୍ଜାନୱାଲା ନିକଟରେ ରାଡାର ସୁବିଧାଗୁଡ଼ିକୁ ନଷ୍ଟ କରିଦେଇଥିଲା। ଏହି ପ୍ରଚୁର କ୍ଷତି ଯୋଗୁଁ, ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ (ଡିଜିଏମଓ) ଭାରତୀୟ ଡିଜିଏମଓଙ୍କୁ ଡାକିଥିଲେ ଏବଂ ସେମାନଙ୍କ ମଧ୍ୟରେ ଏହା ସହମତ ହୋଇଥିଲା ଯେ ଉଭୟ ପକ୍ଷ ୧୦ ମଇ ୨୦୨୫ ରେ ଭାରତୀୟ ମାନକ ସମୟ ୧୭୦୦ ଘଣ୍ଟାରୁ ସ୍ଥଳ, ଆକାଶ ଏବଂ ସମୁଦ୍ରରେ ସମସ୍ତ ଗୁଳିଚାଳନା ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବେ ।ଯୁଦ୍ଧବିରତି ପରେ ମଧ୍ୟ, ୟୁଏଭି ଏବଂ ଛୋଟ ଡ୍ରୋନର ଲହରୀ ଭାରତୀୟ ନାଗରିକ ଏବଂ ସାମରିକ କ୍ଷେତ୍ରରେ ଅନୁପ୍ରବେଶ କରିଥିଲା। ଏହି ଡ୍ରୋନଗୁଡ଼ିକୁ ସଫଳତାର ସହ ଅବରୋଧ କରାଯାଇଥିଲା ।ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନର ଅନୁପ୍ରବେଶର ଉପଯୁକ୍ତ ଜବାବ ଦେଇଛି। ଏହା ସହିତ, ସମସ୍ତ କ୍ଷେତ୍ର କମାଣ୍ଡରମାନଙ୍କୁ ଯେକୌଣସି ଅସ୍ତ୍ରବିରତି ଉଲ୍ଲଂଘନ କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାର ଦିଆଯାଇଛି। ଏହା ସହିତ, ଡିଜିଟାଲ ଯୁଗରେ ଥିବାରୁ, ଯୁଦ୍ଧ ପାରମ୍ପରିକ ଯୁଦ୍ଧକ୍ଷେତ୍ରକୁ ଅତିକ୍ରମ କରେ। ସାମରିକ ଅଭିଯାନ ସହିତ, ଏକ ଭୟଙ୍କର ସୂଚନା ଯୁଦ୍ଧ ଅନଲାଇନରେ ଚାଲିଛି। ଅପରେସନ ସିନ୍ଦୁର ଆରମ୍ଭ ହେବା ପରେ, ଭାରତ ପାକିସ୍ତାନ ଦ୍ୱାରା ଆରମ୍ଭ ହୋଇଥିବା ଏକ ଆକ୍ରମଣାତ୍ମକ ଅଭିଯାନ ଦ୍ୱାରା ନିଜକୁ ଟାର୍ଗେଟ୍ କରିଥିଲା - ମିଥ୍ୟା ଏବଂ ଭୁଲ ସୂଚନାରେ ପରିପୂର୍ଣ୍ଣ। ଉଦ୍ଦେଶ୍ୟ ଥିଲା ସତ୍ୟକୁ ବିକୃତ କରିବା, ବିଶ୍ୱ ଜନସାଧାରଣଙ୍କୁ ଭ୍ରମିତ କରିବା ଏବଂ ଭୁଲ ସୂଚନାର ଝଡ଼ ମାଧ୍ୟମରେ ହଜିଯାଇଥିବା କାହାଣୀ ଭୂମିକୁ ପୁନରୁଦ୍ଧାର କରିବା। ତଥାପି, ଭାରତ ସକ୍ରିୟ ଭାବରେ ପ୍ରତିକ୍ରିୟା ଦେଉଛି ଏବଂ ତଥ୍ୟ, ସ୍ୱଚ୍ଛତା ସହିତ ଭୁଲ ସୂଚନାକୁ ନଷ୍ଟ କରି, ଦୃଢ଼ ଡିଜିଟାଲ ସତର୍କତା ପ୍ରଦର୍ଶନ କରୁଛି। ଭାବପ୍ରବଣ ଭାବରେ ପ୍ରତିକ୍ରିୟା ଦେବା ପରିବର୍ତ୍ତେ, ସୂଚନା ଯୁଦ୍ଧ ପାଇଁ ଏକ ସଂଗଠିତ ଏବଂ ପଦ୍ଧତିଗତ ପଦ୍ଧତି ଗ୍ରହଣ କରାଯାଇଥିଲା।









## ଇସ୍ରାଏଲର ନରସଂହାର

ଇସ୍ରାଏଲୀ ସେନା ଗାଜା ଷ୍ଟ୍ରିପ୍ ଉପରେ ପ୍ରାୟ ପ୍ରତିଦିନ ଯୁଦ୍ଧବିରତି ଚୁକ୍ତିନାମା ଉଲ୍ଲଂଘନ ଜାରି ରଖିଥିବାରୁ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଛି। ଘେରି ରହିଥିବା ଏନକ୍ଲେଭ ଉପରେ ଇସ୍ରାଏଲର ନରସଂହାର ଯୁଦ୍ଧ ଦ୍ରୁତ ଗତିରେ ଜାରି ରହିଛି ଏବଂ ପ୍ରବଳ ଶୀତକାଳୀନ ବର୍ଷା ଯୋଗୁଁ ବନ୍ୟାରେ ବିସ୍ଥାପିତ ପାଲେଷ୍ଟାଇନୀମାନେ ସେମାନଙ୍କର କିଛି ଅବଶିଷ୍ଟ ସମ୍ପତ୍ତି ନଷ୍ଟ କରିଦେଇଛନ୍ତି। ଅକ୍ଟୋବରରେ କାର୍ଯ୍ୟକାରୀ ହୋଇଥିବା ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଅସ୍ତ୍ରବିରତିର ଉଲ୍ଲଂଘନ କରି ସଦ୍ୟତମ ଆକ୍ରମଣଗୁଡ଼ିକ ପ୍ରାୟ ୧୦୦୦ ହୋଇଗଲାଣି, ଯାହା ଲକ୍ଷ ଲକ୍ଷ ବିସ୍ଥାପିତ ପାଲେଷ୍ଟାଇନୀଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ସମୟରେ ଘଟୁଛି, କାରଣ ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ସେମାନଙ୍କର ଅସ୍ଥାୟୀ ଶିବିରଗୁଡ଼ିକୁ ନଷ୍ଟ କରିଦେଇଥିଲା ଏବଂ ସେମାନଙ୍କ ପାଖରେ ଥିବା କିଛି ସମ୍ପତ୍ତି ନଷ୍ଟ କରିଦେଇଥିଲା। ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ରବିବାର କହିଛି ଯେ ଇସ୍ରାଏଲ ଅକ୍ଟୋବର ୧୦ ରେ କାର୍ଯ୍ୟକାରୀ ହେବା ପରଠାରୁ ୯୬୯ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି, ଯାହା ଫଳରେ ୪୧୮ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ୧୧୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି।



## ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ



ବର୍ଷ-୨୦୨୫ ଭାରତ ଓ ଆମେରିକା ସମ୍ପର୍କ ପାଇଁ ଅଶାନ୍ତିପୂର୍ଣ୍ଣ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ୍-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଗଭୀର ଚାପଗ୍ରସ୍ତ ରହିଛି । ଯଦିଓ ଆମେରିକା ସହ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଓ ଉଚ୍ଚସ୍ତରୀୟ କଥାବାର୍ତ୍ତା କିଛି ଆଶା ଦେଖାଉଛି, ତଥାପି ଏହି ବର୍ଷ ଦୁଇ ଦେଶର ସମ୍ପର୍କକୁ କଠୋର ପରୀକ୍ଷାରେ ପକାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଓ ଟ୍ରମ୍ପଙ୍କ ସହ ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରକୁ ବଢ଼ାଇବା ପାଇଁ ବାଣିଜ୍ୟ ଚୁକ୍ତି (ବିଟିଏ) ଆଲୋଚନାର ଘୋଷଣା ହୋଇଥିଲା । କିନ୍ତୁ ଟ୍ରମ୍ପ ଭାରତକୁ "ଅତ୍ୟଧିକ ଶୁଳ୍କ ଆଦାୟକାରୀ ଦେଶ' ବୋଲି ସମାଲୋଚନା କରି ଏପ୍ରିଲରେ ୨୬ ପ୍ରତିଶତ ଓ ପରେ ଅଗଷ୍ଟରେ ରୁଷରୁ ତୈଳ କ୍ରୟ ଯୋଗୁଁ ଆଉ ୨୫ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇ ମୋଟ ୫୦ ପ୍ରତିଶତ କରିଦେଇଥିଲେ । ଏହା ଭାରତୀୟ ରପ୍ତାନିକୁ ବଡ଼ କ୍ଷତି ପହଞ୍ଚାଇଛି । ଆମେରିକୀୟ ସାଂସଦ ରାଜା କୃଷ୍ଣମୂର୍ତ୍ତି ଏହାକୁ ଭାରତ ବିରୋଧରେ "ଅନାବଶ୍ୟକ ଚାପ' ବୋଲି ସମାଲୋଚନା କରିଛନ୍ତି ।

## ଜିଏସ୍‌ଟି ସଂସ୍କାର

ଜିଏସଟି ପରିଷଦର 56ତମ ବୈଠକରେ, ସମସ୍ତ ଉପଭୋକ୍ତା ସାମଗ୍ରୀ ଉପରେ ସାମଗ୍ରୀ ଏବଂ ସେବା କରକୁ ଅଧିକ ନାଗରିକ-କୈନ୍ଦ୍ରିକ ଟିକସ ଢାଞ୍ଚାକୁ ପ୍ରତିଫଳିତ କରିବା ପାଇଁ ସଂଶୋଧନ କରାଯାଇଛି। ଜିଏସ୍‌ଟି ରେ ନୂତନ ସଂସ୍କାର ସାମଗ୍ରୀ ଏବଂ ସେବା ଉପରେ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବା ସହିତ ଟିକସ ଢାଞ୍ଚାକୁ ସୁଗମ କରିବା ପାଇଁ ଲକ୍ଷ୍ୟ ରଖିଛି।"ପରବର୍ତ୍ତୀ-ପିଢ଼ିର ଜିଏସଟି" ନାମକ ସଂସ୍କାର ଖର୍ଚ୍ଚ ଉପରେ ଟିକସର ପ୍ରଭାବକୁ ହ୍ରାସ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଟିକସ ସ୍ଲାବକୁ ଏକ ଦ୍ୱି-ହାର ଗଠନରେ ସରଳୀକୃତ କରାଯାଇଛି ଯାହା ବ୍ୟବସାୟ ପାଇଁ ଅନୁପାଳନକୁ ସହଜ କରିଥାଏ। ଏଫଏମ୍ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ଜିଏସ୍ଟି ପରିଷଦ ଦୈନନ୍ଦିନ ବ୍ୟବହାର, ସ୍ୱାସ୍ଥ୍ୟସେବା ଉତ୍ପାଦ ଏବଂ ବୀମା ନୀତିଗୁଡ଼ିକୁ ପରିବାର ପାଇଁ ଅଧିକ ସୁଲଭ କରିବା ପାଇଁ ଧ୍ୟାନ ଦେଇଛି। ପରିବାରଗୁଡ଼ିକ ଦୀର୍ଘକାଳୀନ ସୁରକ୍ଷା ନିର୍ମାଣ ପାଇଁ ସଞ୍ଚୟ ଆକାଉଣ୍ଟ ଅନଲାଇନ୍ ବିକଳ୍ପ କିମ୍ବା ଅନ୍ୟ ଆର୍ଥିକ ଉତ୍ପାଦ ଖୋଲି ଏହି ସଞ୍ଚୟଗୁଡ଼ିକୁ ପୁନଃନିର୍ଦ୍ଦେଶିତ କରିପାରିବେ। ମାନକ ୧୮ % ଜିଏସଟି ହାର - ଏଥିରେ ସାଧାରଣ ଉପଭୋକ୍ତା ସାମଗ୍ରୀ ଏବଂ ସେବା ଅନ୍ତର୍ଭୁକ୍ତ ଯାହା ଦୈନନ୍ଦିନ ଅତ୍ୟାବଶ୍ୟକୀୟ କିମ୍ବା ବିଳାସପୂର୍ଣ୍ଣ ଭାବରେ ବର୍ଗୀକୃତ ନୁହେଁ।

## ମୋଦୀ -ପୁଟିନ ଭେଟଘାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀ ସମୟରେ ହାଇଦ୍ରାବାଦ ହାଉସରେ ବ୍ୟାପକ ଆଲୋଚନା କରିଥିଲେ। ଉଭୟ ନେତା ଭାରତ-ରୁଷ ସମ୍ପର୍କର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ ଯାହା ଗଭୀର ଏବଂ ବହୁମୁଖୀ। ସେମାନେ ଭାରତ ଏବଂ ରୁଷ ମଧ୍ୟରେ ସ୍ୱତନ୍ତ୍ର ଏବଂ ସୁବିଧାପ୍ରାପ୍ତ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ପାରସ୍ପରିକ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ। ସେମାନେ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ।



## ଭିବି -ଜୀ ରାମ ଜୀ



ବିକଶିତ ଭାରତ - ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ) ପାଇଁ ଗ୍ୟାରେଣ୍ଟି ବିଲ୍, ୨୦୨୫ ଡିସେମ୍ବର ୧୬,୨୦୨୫ ରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା। ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ, ୨୦୦୫ (ମନରେଗା) କୁ ବଦଳାଇବାକୁ ଚେଷ୍ଟା କରେ। ମନରେଗା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଏକ ଆର୍ଥିକ ବର୍ଷରେଅତିକମରେ୧୦୦ଦିନରନିଯୁକ୍ତିଗ୍ୟାରେଣ୍ଟିଦିଏ ଯାହାର ବୟସ୍କ ସଦସ୍ୟମାନେ ଅଣକୁଶଳୀ ହସ୍ତଗତ କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରନ୍ତି। ବିଲ୍ ଏହି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରେ। ମନରେଗା ଅଧୀନରେ, ଯଦି କାମ ଚାହୁଁଥିବା ବ୍ୟକ୍ତିଙ୍କୁ ୧୫ ଦିନ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଏ ନାହିଁ, ତେବେ ରାଜ୍ୟ ସରକାର ତାଙ୍କୁ ବେକାରୀ ଭତ୍ତା ଦେବାକୁ ପଡିବ। ବିଲ୍ ଏହି ବ୍ୟବସ୍ଥାକୁ ବଜାୟ ରଖିଛି।

# ତମାଣ୍ଡୋରେ ଅତ୍ୟାଧୁନିକ ଇନଡୋର ସୁଇମିଂ ପୁଲ୍ ଉଦ୍‌ଘାଟିତ

ଫୁଟବଲ୍ ପଡ଼ିଆ ଓ ସିନ୍ଥେଟିକ ଟ୍ରାକ୍ କାର୍ଯ୍ୟର ସମୀକ୍ଷା କଲେ କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ତମାଣ୍ଡୋ ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ପରିସରରେ ଆଜି ଏକ ନୂତନ ୨୫ ମିଟର ବିଶିଷ୍ଟ ଇନଡୋର ସୁଇମିଂପୁଲର ଶୁଭ ଉଦଘାଟନ ହୋଇଯାଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପୁଲ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ଦ୍ୱାରା ପ୍ରାୟ ୧୧.୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହି କାର୍ଯ୍ୟକ୍ରମରେ , ଅତିରିକ୍ତ ଶାସନ ସଚିବ ବିଜୟ




ସ୍ୱାଇଁ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ପ୍ରତାପ ବେହୁରା, ଉପ-ସଚିବ ଡ. ସ୍ୱରୂପାନନ୍ଦ ସାହୁ, ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିସିପିଇ ଅଧ୍ୟକ୍ଷ ସୁରେଶ ମହାପାତ୍ର ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ବୃନ୍ଦ ତଥା ଓବିସିସିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ମନ୍ତ୍ରୀ ସୂରଜ କହିଛନ୍ତି ଯେ, ସନ୍ତରଣରେ ଦେଶ ପାଇଁ ସର୍ବାଧିକ ପଦକ ଜିତିବାର ସୁଯୋଗ ରହିଛି। ଏଣୁ ରାଜ୍ୟ ସରକାର ଆଗାମୀ ଦିନରେ ୧୩ଟି ଜିଲ୍ଲାରେ ସୁଇମିଂ ପୁଲ୍ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମହୋଦୟ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ କର୍ପୋରେସନ ଦ୍ୱାରା ନିର୍ମାଣାଧୀନ ଫୁଟବଲ୍ ପଡ଼ିଆ ଓ ସିନ୍ଥେଟିକ ଆଥଲେଟିକ ଟ୍ରାକ୍ର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ମନ୍ତ୍ରୀ ସୂରଜ ଉପସ୍ଥିତ ସମସ୍ତ କ୍ରୀଡ଼ା ପ୍ରତିଭାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିବା ନିମନ୍ତେ କ୍ରୀଡ଼ାବିତମାନଙ୍କୁ ପ୍ରେରିତ କରିଥିଲେ।

# ଇଂଲଣ୍ଡ ଦଳ ଘୋଷଣା, ଫେରିଲେ ଜୋଫ୍ରା

ଲଣ୍ଡନ, ୩୦।୧୨(ସବ୍ୟୁ) : ୨୦୨୬ ଫେବ୍ରୁଆରି ଓ ମାର୍ଚ୍ଚ ମାସରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ ପାଇଁ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ହ୍ୟାରି ବ୍ରୁକଙ୍କ ନେତୃତ୍ୱରେ ଏକ ସମ୍ଭାବ୍ୟ ୧୫ ଜଣିଆ ଦଳ ଘୋଷଣା କରାଯାଇଛି । ଆହତ ଥିବା ସତ୍ତ୍ୱେ ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରାଯାଇଛି । ସେହିପରି ଆସେସରେ ଭଲ ପ୍ରଦର୍ଶନ ପରେ ଦ୍ରୁତ ବୋଲର ଜୋସ ଟଙ୍ଗଙ୍କୁ ପ୍ରଥମ ଥର ପାଇଁ ଟି-୨୦ ଦଳରେ ସାମିଲ କରାଯାଇଛି ।



ଆଶ୍ଚର୍ଯ୍ୟର କଥା ହେଉଛି ଏହି ଦଳରେ ଦୁଇ ତାରକା ଖେଳାଳି ଲିଆମ ଲିଭିଙ୍ଗଷ୍ଟୋନ ଓ ଜେମି ସ୍ମିଥଙ୍କୁ ସାମିଲ କରାଯାଇନାହିଁ । ତେବେ ଏହି ଦଳ ଚୂଡ଼ାନ୍ତ ଦଳ ହୋଇନଥିବାରୁ ପରବର୍ତ୍ତି ସମୟରେ ଏଥିରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି । ନିକଟରେ ଅନୁଷ୍ଠିତ ଆଇପିଏଲ ନିଲାମରେ ଲିଭିଙ୍ଗଷ୍ଟୋନଙ୍କୁ ସନରାଇଜର୍ସ ହାଇଦ୍ରାବାଦ ୧୩ କୋଟି ଟଙ୍କାରେ ଖରିଦ କରିଥିଲା । ଆଇସିସି ନିୟମ ଅନୁଯାୟୀ, ପ୍ରତ୍ୟେକ ଦଳକୁ ଟୁର୍ଣ୍ଣାମେଣ୍ଟ ଆରମ୍ଭର ୩୦ ଦିନ ପୂର୍ବରୁ ସେମାନଙ୍କର ଦଳ ଘୋଷଣା କରିବାକୁ ପଡିବ । ସମୟସୀମା ପୂର୍ବରୁ, ଦଳଗୁଡ଼ିକ ଦଳରେ ପରିବର୍ତ୍ତନ କରିପାରିବେ । ତଥାପି, ସମୟସୀମା ପରେ, ଦଳଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ଆଇସିସିର ଅନୁମତି ନେବାକୁ ପଡିବ । ଇଂଲଣ୍ଡ କେବଳ ଏକ ସମ୍ଭାବ୍ୟ ଦଳ ଘୋଷଣା କରିଛି, ଏଣୁ ପରବର୍ତ୍ତି କାଳରେ ସେମାନେ ଏଥିରେ ପରିବର୍ତ୍ତନ କରିପାରିବେ ।

ଇଂଲଣ୍ଡ ଦଳ : ହ୍ୟାରି ବ୍ରୁକ୍ (ଅଧିନାୟକ), ଜୋଫ୍ରା ଆର୍ଚର, ରେହାନ ଅହମ୍ମଦ, ୱିଲ୍ ଜ୍ୟାକ୍ସ, (ୱିକେଟକିପର), ଟମ୍ ବାଣ୍ଟନ୍, ଜାକବ୍ ବେଥେଲ୍, ଜସ୍ ବଟଲର୍, ସାମ୍ କରାନ୍, ଲିଆମ୍ ଡସନ୍, ବେନ୍ ଡକେଟ, ଜେମି ଓଭରଟନ୍, ଆଦିଲ୍ ରସିଦ୍, ଫିଲ୍ ସଲ୍ଟ ଜୋଶ୍ ଟଙ୍ଗ୍ ଏବଂ ଲୁକ୍ ଉଡ୍ ।

# କ୍ରିକେଟ ପ୍ରତିଯୋଗିତା ଉଦଯାପିତ

କୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୁନାଗଡ ବ୍ଲକ ଅନ୍ତର୍ଗତ ଭଇରିଗୁଡ଼ା ଠାରେ ରାଜପୁତ କ୍ଷତ୍ରିୟ ପାଇକ ସମାଜ ପଶ୍ଚିମ ମଣ୍ଡଳ ଆନୁକୂଲ୍ୟରେ ପ୍ରୀମିଅର ଲିଗ କ୍ରିକେଟ ପ୍ରତିଯୋଗିତା ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳ ମାଣିକପଦର ଓ କୁଲିହାରି ମଧ୍ୟରେ ହୋଇଥିଲା ଓ ମାଣିକପଦର ବିଜୟୀ ହୋଇ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଥିଲା । ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା କ୍ଷତ୍ରିୟ ପାଇକ ସମାଜ ର



କୁଳାଧ୍ୟକ୍ଷ ଚନ୍ଦ୍ର ପେସନିଆ,ପୂର୍ବ ମଣ୍ଡଳ କୁଳପତି ପ୍ରଦୀପ ଘଡାଇ,ଉପକୁଳପତି କିଶୋର ଦୁବେ, ପୂର୍ବ ମଣ୍ଡଳ କର୍ମକର୍ତ୍ତା ସହିତ ପଶ୍ଚିମ ମଣ୍ଡଳ କୁଳପତି ରଜନୀକାନ୍ତ ବିଶି,ଉପକୁଳପତି ପରମାନନ୍ଦ ପୁଝାରୀ ,କୁଲସଦର ନୀଳକଣ୍ଠ ପାତ୍ର ତଥା ବିଭିନ୍ନ ମଣ୍ଡଳ ଉପମଣ୍ଡଳ,ପଲ୍ଲୀର ପଦାଧିକାରୀ ଉପସ୍ଥିତ ଥିଲେ । ମଞ୍ଚକୁ ସଦାନନ୍ଦ ଦଳପତି ଓ ଭାରତ ପ୍ରଧାନୀ ପରିଚାଳନା କରିଥିଲେ । ସମାଜସେବୀ ଦେବରାଜ ବାଣୁଆ ଧନ୍ୟବାଦ ଜଣାଇଥିଲେ ।

# ଟାଇକୋଣ୍ଡୋ ପ୍ରତିଯୋଗିତାରେ ଅତାଉଲ୍ଲାଙ୍କ ସଫଳତା

ସୋର, (ସବ୍ୟୁ) :ଚଳିତ ମାସ ନେପାଳରେ ଅନୁଷ୍ଠିତ ଓପନ ଫ୍ରେଣ୍ଡସିପ ଇଣ୍ଟରନେସନାଲ ଟାଇକେ୍ୱଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ଟାଇକେ୍ୱଣ୍ଡୋ କୋଚ ତଥା ସୋର ଟାଇକେ୍ୱଣ୍ଡୋ ଏକାଡେମୀ କୋଚ ଅତାଉଲ୍ଲା ଖାନ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ, ଜିଲ୍ଲା ତଥା ସୋର ପାଇଁ ଗୌରବ ଆଣିଛନ୍ତି । ଶ୍ରୀ ଖାନ ନେପାଳ କାଠମାଣ୍ଡୁ ସହରରେ ଥିବା ରଙ୍ଗଶାଳା ଇଣ୍ଡୋର ଷ୍ଟାଡିଅମରେ ଅଣ୍ଡର ୪୦ ବର୍ଷ ବର୍ଗ ରେକଗନାଇଜଡ଼ ଇଣ୍ଡିଭିଜୁଆଲ ପୋମସେ ରେ ଭାଗ ନେଇ ଏହି ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ନେପାଳ, ଭାରତ, ସାଉଥ କୋରିଆ, ଆମେରିକା, ମାଲଡିବସ, ବାଂଲାଦେଶ, ଅଷ୍ଟ୍ରେଲିଆ, ମାଲେସିଆ,ୟୁଏସଏ, ସିଙ୍ଗାପୁର ଆଦି ଦଶ ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ ।ଏଥିରେ ସମସ୍ତଙ୍କୁ ପଛରେ ପକାଇ ଅତାଉଲ୍ଲା ସ୍ୱର୍ଣ୍ଣ ପଦକ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି ।ତାଙ୍କର ଏହି ସଫଳତା ପାଇଁ ଓଡିଶା ରାଜ୍ୟ ଟାଇକେ୍ୱଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ସୋର ବିଧାୟକ ମାଧବ ଧଡ଼ା ଏବଂ ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଉଦୁତ ଖାନ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ ଲଙ୍କେଶରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ : ପାରାଡାଇଜ ଜଟଣୀ ଚାମ୍ପିଅନ

ବଲଙ୍ଗା, (ସବ୍ୟୁ ) : ରାଜ୍ୟ ସ୍ତରୀୟ ୨୪ତମ ଲଙ୍କେଶରୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ବଲଙ୍ଗା ମିନି ଷ୍ଟାଡିୟମରେ ଉଦଯାପନି ଉତ୍ସବରେ ଫାଇନାଲ ମ୍ୟାଚ ଜଟଣୀ ପାରାଡାଇଜ ଓ ନାଇଜେରିଆ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଫାଇନାଲ ମ୍ୟାଚରେ ପାରାଡାଇଜ ଜଟଣୀ ୨-୦ ଗୋଲରେ ନାଇଜେରିଆ -୧୧ କୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି । ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ , ସୁନିଲ ହେମ୍ବ୍ରମ,ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦିପ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ । ଖେଳ ଶେଷରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅବୁ କେର ଓ ମ୍ୟାନ ଅଫ ଦି ସିରିଜ ଭାବେ ରେୟାନ ଚୁରୁରାଙ୍କୁ ସିଲଡ ପ୍ରଦାନ କରାଯାଇଥିଲା । ଚମ୍ପିୟାନ ଟିମକୁ ୧୫୦୦୦ଟଙ୍କା ଓ ରନର୍ସ ଅପ ଟିମକୁ ୧୦୦୦୦ ଟଙ୍କା ଅର୍ପଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେବା ସହିତ ଲଙ୍ଗା ଠାରେ ଏକ ଉନ୍ନତ ଧରଣର ମିନି ଷ୍ଟାଡିୟମ କରାଯିବ ବୋଲି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଲଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ,କୃଷକ ମୋର୍ଚ୍ଚା ଉପ ସଭାପତି ଅର୍ଜୁନ




ବରାଳ, ପ୍ରସନ୍ନ କୁମାର ଦାଶ ଯୋଗ ଦେଇଥିଲେ ।ସ୍ଥାନୀୟ ଲଙ୍କେଶ୍ୱରୀ କ୍ଲବର ସଦସ୍ୟ ଶରତ କୁମାରିଶାଳ, ତୋଫାନ ପ୍ରଧାନ, ପ୍ରଦୀପ୍ତ ଘଡେଇ, ରଞ୍ଜନ କୁମାର ସାହୁ ଓ ଟୁଲୁ ସାହୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ ।

## ୧୦ରେ ବରଗଡ ଜିଲ୍ଲା ଭଲିବଲ ପ୍ରତିଯୋଗିତା

ବରଗଡ,(ସବ୍ୟୁ) : ବରଗଡ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ହେବାକୁ ଥିବା ଜିଲ୍ଲା ଭଲିବଲ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୧୦ ତାରିଖରେ ଅତାବିରା ବ୍ଲକ ଅନ୍ତର୍ଗତ ଲାଚିଦା ଗ୍ରାମରେ ଅନୁଷ୍ଠିତ ହେବ । ଏହା ଜିଲ୍ଲା କ୍ରୀଡା ସଂସଦ ଓ ଲଚିଦାୟୁଥ୍ ଆସୋସିଏସନ୍ ର ମିଳିତ ସହଯୋଗରେ ଅନୁଷ୍ଠିତ ହେବ । ଏଥିରେ ଭାଗ ନେବାକୁ ଇଚ୍ଛୁକ ଜିଲ୍ଲା କ୍ରୀଡା ସଂସଦ ର ଅନୁବନ୍ଧିତ କ୍ଲବ, କ୍ରୀଡା ସଂଗଠନ, କଲେଜ ଗୁଡିକ ନିଜ ନିଜ ଅନୁଷ୍ଠାନ ର ନାମ ପଞ୍ଜିକରଣ ଆସନ୍ତା ଜାନୁୟାରୀ ୬ ତାରିଖ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ଠାରେ କରିନେବେ ବୋଲି ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଆଉଟ୍ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ଜଣାଇଛନ୍ତି ।

## ରେକର୍ଡ କଲେ ଅଁଶିକା




କଟକର ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ୭୧ତମ ଓଡିଶା ରାଜ୍ୟ ଆଥଲେଟିକ୍ ମିଟର ୨୩ ବର୍ଷରୁ କମ୍ ବାଳିକା ସଟ୍‌ପୁଟରେ ଅଁଶିକା ରାଉତ ରାୟ ନୂଆ ରାଜ୍ୟ ରେକର୍ଡ ସୃଷ୍ଟି କରିଛନ୍ତି । ସେ କିଟ୍ ୟୁନିଭର୍ସିଟିରୁ ପ୍ରତିନିଧିତ୍ୱ କରୁଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ଟାଇକୋଣ୍ଡୋ ଚାମ୍ପିଅନସିପ ଉଦଯାପିତ:ଭଦ୍ରକ ଚାମ୍ପିଅନ

ଭଦ୍ରକ, (ସବ୍ୟୁ) : ଭଦ୍ରକର ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଆୟୋଜିତ ୨୨ତମ ଟାଇକୋଣ୍ଡୋ ଚମ୍ପିୟାନସିପ ଆଜି ଉଦଯାପିତ ହୋଇଛି । ଗତକାଲି ଭାରତୀୟଟାଇକୋଣ୍ଡୋରଜନକତଥା ଟାଇକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଡ଼ ଜିମି ଆର ଜାଗତିଆନି ଉଦଘାଟନ କରିଥିବାବେଳେ ଗତକାଲି ସନ୍ଧ୍ୟାରେ ଉଦଯାପିତ ହୋଇଛି । ଟାଓର ସଂପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲାଇ,ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁଜାତା ମହାପାତ୍ର,ଭଦ୍ରକ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ,କୋଷାଧକ୍ଷ ବ୍ୟୋମକେଶ ସେନାପତି,ସମାଜସେବୀ ଅଶୋକ ମହାନ୍ତି,ସୀତାକାନ୍ତ ଦାସ,ଅଜୟ ଧଳ ଯୋଗ ଦେଇ ଦଳଗତ ଚମ୍ପିୟାନ ଭଦ୍ରକ ଦଳକୁ ଟ୍ରଫି ଓ ଢେଙ୍କାନାଳ ଦଳକୁ ଦ୍ୱିତୀୟ ରନର୍ସ ଅପ,ବାଲେଶ୍ୱର ଦଳକୁ ଦ୍ୱିତୀୟରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ । ଏଠାରେ ସ୍ମରଣଯୋଗ୍ୟ ରାଜ୍ୟସ୍ତରୀୟ ଏହି ଚମ୍ପିୟାନସିପରେ ଭଦ୍ରକ ଜିଲ୍ଲା ୧୬ସ୍ୱର୍ଣ୍ଣ ସହ ଚାମ୍ପିୟାନ ହୋଇ ଥିବାବେଳେ ଢେଙ୍କାନାଳ ୧୫ ଓ ବାଲେଶ୍ୱର ୧୪ସ୍ୱର୍ଣ୍ଣ ପାଇଁ ପ୍ରଥମ ଓ ଦ୍ୱିତୀୟ ରନର୍ସ ଅଫ ହୋଇଥିବା ଜଣାପଡିଛି । ଦୁଇ ଦିନ ଧରି ଚାଲିଥିବା ଏହି ଖେଳକୁ ଉପସଭାପତି ରମେଶ ପ୍ରଧାନ,ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ମହନ୍ତ,ପବନ ଶର୍ମା,କୋଷାଧକ୍ଷ୍ୟା ସଂଘମିତ୍ରା ଦାଶ,ପ୍ରଜ୍ଞା ପରିମିତା ପଲାଇ,ଗୌରା ସାମଲ,ବିଦ୍ୟାଧର ବାରିକ,ବିଶାଲ ଲଖାନୀ,ଅଜୟ କୁମାର ଧଳ,ରମେଶ ଜେନା,ଧନେଶ୍ୱର ଜେନା,ସୁରେଶ ନାୟକ,ହରିହର ବାରିକ,ଶସଧର ଜେନା ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମର୍ଣ୍ଣିଂଷ୍ଟାର ବାଲେଶ୍ୱର ଚାମ୍ପିଅନ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର କଲେଜ ପଡିଆ ଠାରେ ୨୫ ତମ ରାଜ୍ୟ ସ୍ତରୀୟ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବେଳେ ଆଜି ଏହି ଟୁର୍ନାମେଣ୍ଟଟି ଉଦଯାପିତ ହୋଇଯାଇଛି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୋଲକୁଣ୍ଡା ଯାଜପୁର କ୍ରିକେଟ ଟିମ ଓ ମଣିଙ୍ଗଷ୍ଟାର ବାଲେଶର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ ବାଲେଶ୍ୱର ଟସ ଜିଣି ବୋଲିଂ କରିବାର



ନିଷ୍ପତି ନେଇଥିବା ବେଳେ ଯାଜପୁର ନିର୍ଦ୍ଧାରିତ ୨୦ ଓଭର ବିଶିଷ୍ଟ ମ୍ୟାଚରେ ୧୬ ଓଭର ୩ ଟି ବଲରେ ସମସ୍ତ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲେ ଜବାବରେ ବାଲେଶ୍ୱର ୧୯ ଓଭର ୪ ଟି ବଲରେ ୮ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ଫାଇନାଲ ମ୍ୟାଚରେ ବିଜୟୀ ହୋଇଥିଲେ ଟୁର୍ନାମେଣ୍ଟରେ ବାଲେଶ୍ୱରର ଅଭିଲାଷ ରାଉତ ରାୟ ସର୍ବାଧିକ ୫୦ ରନ ସଂଗ୍ରହ କରି ମ୍ୟାନ ଅଫଦ ମ୍ୟାଚ, ଯାଜପୁରର ଅମନ ସିଂ ମ୍ୟାନ ଅଫଦ ସିରିଜ, ବାଲେଶ୍ୱରରିଶାଲ ଦାସ ବେଷ୍ଟ ବ୍ୟାଟ୍ସ ମ୍ୟାନ, ବାଲେଶ୍ୱରର ଚନ୍ଦନ ନାୟକ ବେଷ୍ଟ ବୋଲର, ଯାଜପୁରର ବିନୟ ଖଣ୍ଡୁଆଲ ବେଷ୍ଟ କ୍ୟାଚ, ଯାଜପୁରର ଅଭିଷେକ କୁମାର ବେଷ୍ଟ ଉଇକେଟ କିପର, ଯାଜପୁରର କାର୍ତ୍ତିକେଶ୍ୱର ପତି ବେଷ୍ଟ ଫିଲଡର ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ । ଖେଳ ଶେଷରେ ଏକ ପୁରସ୍କାର ବିତରଣ ଉତ୍ସବ କ୍ଲବର ସଭାପତି ପ୍ରଦୀପ କୁମାର ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡ଼ଃ ରବିନାରାୟଣ ବେହେରା, ମୁଖ୍ୟ ବକ୍ତା ଭାବେ ଯାଜପୁର ଜିଲ୍ଲାର ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ସମ୍ମାନିତ ଅତିଥିଭାବେ ବ୍ଲକର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ଏସଜି କଲେଜର ଅଧକ୍ଷ ଜିତେନ୍ଦ୍ର ଦାସ, ବିବି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବାଇ, ଯୁବ ନେତା ସୁବାସ ମହାନ୍ତି, ସମାଜସେବୀ କୈଳାଶ ସାହୁ, ପରିବେଶ ବିତ ଜଗଦୀଶ ଶଙ୍କର ସାହୁ, ପଟେଲ ଟାଇଲର ପ୍ରୋପାଇଟର ବିଜୟ ସାହୁ ପ୍ରମୁଖ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ଶହ ନଗଦ ୨୫ ହଜାରେ ଟଙ୍କା ଓ ରନର୍ସ ଅଫ ଟିମକୁ ଟ୍ରଫି ଶହ ନଗଦ ୧୫ ହଜାରେ ଟଙ୍କା ପ୍ରଦାନ କରିଥିଲେ ସେହିପରି ଏହି ଅବସରରେ ବ୍ଲକର ୨ ଜଣ ସାମ୍ବାଦିକ ଜୟପ୍ରକାଶ ନାୟକ ଓ ମନୋରଞ୍ଜନ ମଲ୍ଲିକଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଓଲସିଂହ ପ୍ରିମିୟର ଲିଗ ୨୦୨୫

# ଏମ ଏସ ଟାଇଗର ଦଳ ବିଜୟୀ

ନିରାକାରପୁର ,୩୦/୧୨: ଖୋର୍ଦ୍ଧା ଜିଲ୍ଲା ଓଲସିଂହ ଗ୍ରାମସ୍ଥିତ ଦାଶରଥି ଖେଳ ପଡିଆରେ ଆୟୋଜିତ ଓଲସିଂହ ପ୍ରିମିୟର ଲିଗ୨୦୨୫ (ଓପିଏଲ) ମହାସମାରୋହରେ ସଫଳତାର ସହିତ ସମାପ୍ତ ହୋଇଛି । ଉଚ୍ଚ ମାନର କ୍ରିକେଟ, ଉତ୍ସାହିତ ଦର୍ଶକ ଏବଂ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ମଧ୍ୟରେ ଏହି ପ୍ରତିଯୋଗିତା ଗାଁ କ୍ରୀଡା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ସୃଷ୍ଟି କରିଛି ।ଦୁଇ ଦଳ ମଧ୍ୟରେ ହୋଇଥିବା ଏହି ରୋମାଞ୍ଚକର ମ୍ୟାଚ ରେ ଏମ ଏସ ଟାଇଗର ଦଳ ପ୍ରଥମେ ଟଚ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇ ୫ ଓଭର ଭିତରେ ୭୩ ରନ କରିଥିଲେ, ୧୧ ଷ୍ଟାର ଦଳ ୫



ଓଭରରେ ୪ ଉଇକେଟ ବିନିମୟରେ ୫୦ ରନ ହୋଇଥିଲା ।ଫାଇନାଲ ମ୍ୟାଚରେ ଏମ ଏସ ଟାଇଗର ଦଳ ଶାନଦାର ପ୍ରଦର୍ଶନ କରି ଷ୍ଟାର ଇଲେଭେନ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଫାଇନାଲ ମ୍ୟାଚ ରେ ୪୭ ରନ ସଂଗ୍ରହ କରି ଶୁଭେନ୍ଦୁ ମହାପାତ୍ର ଫାଇନାଲ ମ୍ୟାଚ ର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସମଗ୍ର ଟୁର୍ଣ୍ଣାମେଣ୍ଟରେ ନିଜ ଅଦ୍ଭୁତ ଅଲ୍ରାଉଣ୍ଡ ପ୍ରଦର୍ଶନ ପାଇଁ ଅମର ପରିଡାଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଖିତାବ ଦିଆଯାଇଥିଲା । ତାଙ୍କର ନିରନ୍ତର ସଫଳତା ଓ ଦଳ ପ୍ରତି ଅବଦାନ ସମସ୍ତଙ୍କ ମନ ଜିତିଥିଲା ।ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ ପ୍ରତ୍ୟେକ ଦଳ ନିଜ-ନିଜ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଦର୍ଶକଙ୍କୁ ଆନନ୍ଦ ଦେଇଥିଲେ ।ଆୟୋଜକ ମାନଙ୍କର ସୁସଂଗଠିତ ବ୍ୟବସ୍ଥା, ସମସ୍ତ ଦଳର ସହଯୋଗ ଏବଂ ଦର୍ଶକଙ୍କ ଅପାର ସମର୍ଥନ ଯୋଗୁଁ ଓପିଏଲ୨୦୨୫ ସଫଳ ଭାବେ ଅନୁଷ୍ଠିତ ହୋଇପାରିଛି ।

# ବିଜୟ ହଜାରେ ଟ୍ରଫି: ଓଡ଼ିଶାକୁ ଜିତାଇଲେ ପୋଦ୍ଦାର-ମୁଣ୍ଡେ

ଭୁବନେଶ୍ୱର, ୩୦।୧୨(ସବ୍ୟୁ) : ଚଳିତ ବିଜୟ ହଜାରେ ଟ୍ରଫି ବିସିସିଆଇ ଘରୋଇ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଲଗାତାର ବିଜୟ ହାସଲ କରିଛି। ବେଙ୍ଗାଲୁରୁ ନିକଟସ୍ଥ ଆଲୁର କେଏସ୍‌ସିଏ ଗ୍ରାଉଣ୍ଡ୍ରେ ଖେଳାଯାଇଥିବା ଏକ ଏଲିଟ୍ 'ଡି' ମ୍ୟାଚ୍ରେ ଓଡ଼ିଶା ୬ ୱିକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଏଥି ସହ ଚଳିତ ବର୍ଷ ବାରବାଟୀରେ ରଣଜୀ ଟ୍ରଫିରେ ଓଡ଼ିଶାକୁ ହରାଇଥିବା ଆନ୍ଧ୍ରପ୍ରଦେଶ ବିପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ଦଳ ପ୍ରତିଶୋଧମୂଳକ ବିଜୟ ବି ପାଇଛି। ସୋମବାର ଓଡ଼ିଶା ବିଜୟରେ ଅଭିଜ୍ଞ ଅଲ୍ରାଉଣ୍ଡର୍ ଗୋବିନ୍ଦ ପୋଦ୍ଦାର ଏବଂ ଯୁବ ବ୍ୟାଟର୍ ଓମ୍ ଟି ମୁଣ୍ଡେଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଓଡ଼ିଶା ତୃତୀୟ ମ୍ୟାଚ୍ରୁ ଦ୍ୱିତୀୟ ବିଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଦିଲ୍ଲୀ ହ୍ୟାଟ୍ରିକ୍ ବିଜୟ ସହ ଶୀର୍ଷରେ ରହିଛି।

ଟସ୍ ଜିତି ଓଡ଼ିଶା କ୍ଷେତ୍ରରକ୍ଷଣ କରିଥିଲା। ଗତ ମ୍ୟାଚ୍ରେ ପ୍ରଥମ ଓଡ଼ିଆ ଭାବେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ଦ୍ରୁତ ବୋଲର ରାଜେଶ ମହାନ୍ତି ସୋମବାର ପ୍ରଥମ ଓଭରରେ ହିଁ ୱିକେଟ୍ ନେଇଥିଲେ। ଅଶ୍ୱିନ ହେବରଙ୍କୁ ପଞ୍ଚମ ବଲ୍ରେ ସେ ବୋଲ୍ଡ କରି ଦେଇଥିଲେ। କିଛି ସମୟ ପରେ ସେକ୍ ରସିଦ୍ ରିଟାର୍ଡ ହର୍ଟ ହେବା ଆନ୍ଧ୍ରପ୍ରଦେଶର ଚିନ୍ତା ବଢ଼ାଇଥିଲା। ଅନ୍ତର୍ଜାତୀୟ ଖେଳାଳି ତଥା ଅଧିନାୟକ ନୀତୀଶ କୁମାର ରେଡ୍ଡୀଙ୍କୁ ସମ୍ବିତ ବରାଳ ବୋଲ୍ଡ କରିଦେଇଥିଲେ। ଏହା ପରେ ଆନ୍ଧ୍ରପ୍ରଦେଶ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇବାରୁ ବଡ଼ ସ୍କୋର୍ କରିପାରିନଥିଲା। ତଥାପି ୨୨ ବର୍ଷୀୟ ଏସ୍‌ଡିଏନ୍‌ଭି ପ୍ରସାଦ ଅର୍ଦ୍ଧଶତକ




(୬୪ ବଲ୍ରୁ ୬୬ ରନ୍) ହାସଲ କରି ଦଳର ସମ୍ମାନ ରଖିଥିଲେ। ପ୍ରସାଦଙ୍କୁ ପୋଦ୍ଦାରଙ୍କ ହାତରେ କ୍ୟାଚ୍ କରାଇ ଦେବବ୍ରତ ପ୍ରଧାନ ବିଦାୟ ରାସ୍ତା ଦେଖାଇଥିଲେ। ନବମ ୱିକେଟ୍ ଭାବେ ସେ ଆଉଟ୍ ହେବାବେଳକୁ ଆନ୍ଧ୍ରପ୍ରଦେଶ ୧୭୪/ ୯ରେ ଥିଲା। କିନ୍ତୁ ସ୍ପିନ୍ ଅଲ୍ରାଉଣ୍ଡର୍ ସୌରଭ କୁମାର ଏକ ଛୋଟ ତଥା ବିସ୍ଫୋରକ ପାଳି (୨୬ ବଲ୍ରୁ ୪୭ ରନ୍, ୩ ଚୌକା, ୪ ଛକା) ଖେଳି ଦଳକୁ କିଛିଟା ସୁଯୋଗ ପ୍ରଦାନ କରିଥିଲେ। ଦଶମ ୱିକେଟ୍ ଭାଗୀଦାର ପାଇଁ ସଂଗୃହିତ ସମସ୍ତ ୪୭ ରନ୍ ତାଙ୍କ ବ୍ୟାଟ୍ରୁ ଆସିଥିଲା। ଆନ୍ଧ୍ରପ୍ରଦେଶର ଶେଷ ୬ ୱିକେଟ୍କୁ ଗୋବିନ୍ଦ ପୋଦ୍ଦାର (୮-୧-୩୬-୩) ଓ ବିପ୍ଳବ ସାମନ୍ତରାୟ (୭.୨-୦-୩୬-୩) ଦଖଲ କରିନେଇଥିଲେ।

ଓଡ଼ିଶା ପାଇଁ ୨୨୨ ରନ୍ ବିଜୟ ଲକ୍ଷ୍ୟ ସହଜ ହୋଇଥିଲେ ମଧ୍ୟ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାଳିର ପ୍ରଥମ ବଲ୍ରେ ସ୍ୱସ୍ତିକ ସାମଲ ବୋଲ୍ଡ ହୋଇଯିବା ପରେ ସନ୍ଦୀପ ପଟ୍ଟନାୟକ ୧୯ ବଲ୍ରୁ ୧୯ ରନ୍ କରି ବିଦାୟ ନେବାରୁ ଓଡ଼ିଶାକୁ ଭଲ ଆରମ୍ଭ ମିଳି ନ ଥିଲା। କିନ୍ତୁ ଯୁବ ତାରକା ଓମ୍ ଟି ମୁଣ୍ଡେ ଏବଂ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ତୃତୀୟ ୱିକେଟ୍ ପାଇଁ ୩୨.୪ ଓଭରରେ ୧୬୬ ରନ୍ ଯୋଡ଼ି ଓଡ଼ିଶାର ବିଜୟ ପଥକୁ ସୁଗମ କରିଥିଲେ। ବରିଷ୍ଠ ଦଳରୁ ପଦାର୍ପଣ କରିବାର ଚତୁର୍ଥ ମ୍ୟାଚ୍ (୧ ଟ୍ୱେଣ୍ଟି-୨୦ ଓ ୩ ଦିନିକିଆ)ରେ ମୁଣ୍ଡେ ନିଜ ପ୍ରଥମ ପ୍ରଭାବୀ ପାଳି ଖେଳିଥିଲେ। ୧୧୧ ବଲ୍ରୁ ୭ ଚୌକା ସହ ୯୧ ରନ୍ ସଂଗ୍ରହ କରି ଶତକରୁ ବଞ୍ଚିତ ହୋଇଥିଲେ। ପୋଦ୍ଦାର ୧୦୫ ବଲ୍ରୁ ୯ ଚୌକା ବଳରେ ୮୯ ରନ୍ କରି ନିଜ ଚତୁର୍ଥ ଲିଷ୍ଟ-ଏ ଶତକ ସୁଯୋଗ ହାତଛଡ଼ା କରିଥିଲେ। ଉଭୟଙ୍କ ବିଦାୟ ପରେ ଆଶୀର୍ବାଦ ସ୍ୱାଇଁ (୧୧*) ଓ ବିପ୍ଳବ ସାମନ୍ତରାୟ (୭*) ୩୮ ବଲ୍ ପୂର୍ବରୁ ମ୍ୟାଚ୍ ଶେଷ କରିଥିଲେ। ଗୋବିନ୍ଦ ପୋଦ୍ଦାର (୮୯, ୩/୩୬, ୨ କ୍ୟାଚ୍) ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଓଡ଼ିଶା ନିଜ ପରବର୍ତ୍ତୀ ମ୍ୟାଚ୍ ବୁଧବାର ଦିଲ୍ଲୀ ବିପକ୍ଷରେ ଖେଳିବ।

ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଶ୍ରୀମନ୍ତ ମାଧବ ରାଓ ସିନ୍ଧିଆ କ୍ରିକେଟ୍ ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା-ପୁଡୁଚେରୀ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶା ୪ ୱିକେଟ୍ ହରାଇ ୨୪୮ ରନ୍ କରି ନେଇଛି। ସୋମବାର ପୁଡୁଚେରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓପନର ମିଧାଂଶୁ ଦାସ ୧୩୬ ରନ୍ର ଶତକୀୟ ପାଳି ଖେଳି ଓଡ଼ିଶା ସ୍ଥିତିକୁ ସୁଦୃଢ଼ କରିଥିଲେ। ଖେଳ ବନ୍ଦ ବେଳକୁ ଅରୋବିନ୍ଦ ମୁଦୁଲି ୪୦* ଏବଂ ୱିକେଟ୍ ରକ୍ଷକ ଓମପ୍ରକାଶ ଦାସ ୧୦* ରନ୍ରେ ବ୍ୟାଟିଂ କରୁଥିଲେ। ପ୍ରକାଶ ଥାଉକି, ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍ରୁ ୨ଟି ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ୪ ପଏଣ୍ଟ ହାସଲ କରି ଗ୍ରୁପ-ବି ଟେବୁଲର ୪ର୍ଥ ସ୍ଥାନରେ ରହିଛି ।

ତୃତୀୟ ଶ୍ରାଦ୍ଧବାର୍ଷିକୀ
ଆବିର୍ଭାବ : ୧୦.୦୫.୧୯୪୪
ତିରୋଧାନ : ୧୪.୦୧.୨୦୨୨



ସ୍ୱର୍ଗତ ହେମନ୍ତ ମହାନ୍ତି
ବାରିପଦା, ମୟୂରଭଞ୍ଜ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି